


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-161 ♦SUNDAY ♦7 DECEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୬୧ ♦ରବିବାର ♦୭ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


### ଲାଗି ରହିଛି ଇଣ୍ଡିଗୋ ଅଚଳାବସ୍ଥା

# ବିମାନ ଭଡ଼ା ଧାର୍ଯ୍ୟ କଲେ ସରକାର

## ୨୪ ଘଣ୍ଟାରେ ଟିକଟ ଅର୍ଥ, ୪୮ ଘଣ୍ଟାରେ ଯାତ୍ରୀଙ୍କୁ ଲଗେଜ୍ ଫେରାଇବାକୁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ଆଜି ମଧ୍ୟ ଜାରି ରହିଛି ଇଣ୍ଡିଗୋ ବିମାନ ସେବା ସଙ୍କଟ । ପାଇଲଟ ଓ ଅନ୍ୟ କ୍ରୁ-ସଦସ୍ୟଙ୍କ ଅଭାବ ଯୋଗୁଁ ପ୍ରତିଦିନ ଶହ ଶହ ବିମାନ ବାତିଲ କରୁଥିବା ଏହି କଂପାନୀ ଏବେ ଯାତ୍ରୀମାନଙ୍କୁ ଅଧିକ ନିର୍ଯ୍ୟାତନା ଦେବା ଆରମ୍ଭ କରିଛି । ବିମାନ ବାତିଲ ସତ୍ତ୍ୱେ ଯାତ୍ରୀଭଡ଼ା ଫେରାଉ ନାହିଁ କି ଯାତ୍ରୀମାନଙ୍କୁ ଲଗେଜ୍ ମଧ୍ୟ ଫେରାଉ ନାହିଁ। ଏହାକୁ ନେଇ ଆଜି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର । ୨୪ ଘଣ୍ଟା ମଧ୍ୟରେ ଟିକଟ ଅର୍ଥ ଏବଂ ୪୮ ଘଣ୍ଟା ମଧ୍ୟରେ ଯାତ୍ରୀଙ୍କୁ ସେମାନଙ୍କ ଲଗେଜ୍ ଫେରାଇବା ଲାଗି କେନ୍ଦ୍ର ସରକାର ଇଣ୍ଡିଗୋ କଂପାନୀକୁ ନିର୍ଦ୍ଦେଶ ଦେଇଛନ୍ତି । କେବଳ ଏତିକି ନୁହେଁ; ଇଣ୍ଡିଗୋ ବିଭ୍ରାଟରୁ ଫାଇଦା ଉଠାଇବାକୁ ଯାଇ ଅନ୍ୟ ବିମାନ ସେବା ପ୍ରଦାନକାରୀ କଂପାନୀ ଟିକଟ ଦର ଅହେତୁକ ବୃଦ୍ଧି କରିଥିବାରୁ କେନ୍ଦ୍ର ସରକାର ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଯାଇ ବିମାନ ଭଡ଼ା ଧାର୍ଯ୍ୟ କରିଛନ୍ତି ।

**୫୦୦ କିମି ପର୍ଯ୍ୟନ୍ତ ୭,୫୦୦ ଟଙ୍କା**

**୧୮ ହଜାରରୁ ଅଧିକ ଭଡ଼ା ନେଇପାରିବେ ନାହିଁ**

ଇଣ୍ଡିଗୋ ସଙ୍କଟର ପଞ୍ଚମ ଦିନରେ ଚଢ଼ା ଟିକଟ ମୂଲ୍ୟ ଉପରେ ଲଗାମ ଲଗାଇବାକୁ ସରକାର ସବୁ ଏୟାର ଲାଇନ୍ସ ନିମନ୍ତେ ଘରୋଇ ଉଡ଼ାଣ ପାଇଁ ବିମାନ ଭଡ଼ା ଧାର୍ଯ୍ୟ କରିଛନ୍ତି । ଭଡ଼ାର ସର୍ବାଧିକ ସୀମା ୧୮ ହଜାର ଟଙ୍କା ରଖାଯାଇଛି । ଧାର୍ଯ୍ୟ ଭଡ଼ାଠାରୁ ଅଧିକ ମୂଲ୍ୟ ନ ନେବା ପାଇଁ ଏୟାରଲାଇନ ଗୁଡ଼ିକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ▶ପୃଷ୍ଠା-୧୦

### କାହିଁକି ସଙ୍କଟ

ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ) ଝଡ଼ର ସମ୍ମୁଖୀନ ହୋଇଛି ଇଣ୍ଡିଗୋ ଏୟାରଲାଇନ୍ସ। ଗତ ୧ ତାରିଖରୁ ଲାଗୁ ଏଫଡିଟିଏଲ ନିୟମରେ ପାଇଲଟଙ୍କ ସାପ୍ତାହିକ ବିଶ୍ରାମ ଅବଧିକୁ ୩୬ ଘଣ୍ଟାରୁ ବଢ଼ାଇ ୪୮ ଘଣ୍ଟା କରିଦିଆଯାଇଛି। ରାତିରେ ଅବତରଣ ସଂଖ୍ୟା ୬ରୁ ହ୍ରାସ କରି ଦୁଇ କରି ଦିଆଯାଇଥିଲା। ଏହାଦ୍ୱାରା 'କ୍ରୁ ରୋଷ୍ଟରିଂ'ରେ ଅଧିକ ସୁବିଧା ମିଳୁଥିଲା। ତେବେ ଭାରତର ସବୁଠାରୁ ବଡ଼ ବିମାନ କମ୍ପାନୀ ଇଣ୍ଡିଗୋ ପାଇଁ ଭୟଙ୍କର ସମସ୍ୟା ସୃଷ୍ଟି ହୋଇଛି। ଦେଢ଼ ବର୍ଷରୁ ଅଧିକ ସମୟ ହେଲା ଏହି ନିୟମ କାର୍ଯ୍ୟକାରୀ ପାଇଁ ଏୟାରଲାଇନ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲେ ବି କୌଣସି ସ୍ଥିତିରେ ସୁଧାର ଆସି ନ ଥିଲା। ନିୟମ ଲାଗୁ ହେବା ପରେ ବିଫଳତା ▶ପୃଷ୍ଠା-୧୦

### ପଞ୍ଚମ ଦିନରେ ୮୦୦ରୁ ଅଧିକ ବାତିଲ



■ ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ପାଇଲଟ ଏବଂ କ୍ରୁ ସଦସ୍ୟଙ୍କ ପାଇଁ ଧାର୍ଯ୍ୟ ନିୟମରୁ ଆଶ୍ୱସ୍ତି ପରେ ବି ଭାରତର ବୃହତ ଏୟାରଲାଇନ ଇଣ୍ଡିଗୋରେ ଅଚଳାବସ୍ଥା ଜାରି ରହିଛି। କ୍ରମାଗତ ପଞ୍ଚମ ଦିନରେ ଶନିବାର ଏହି ଏୟାରଲାଇନ ପ୍ରାୟ ୮୦୦ ବିମାନ ଉଡ଼ାଣକୁ ବାତିଲ କରିଦେଇଛି । ନିୟମ କୋହଳର କୌଣସି ଲାଭ ଯାତ୍ରୀଙ୍କୁ ମିଳିପାରି ନାହିଁ । ବିମାନ ଠିକ୍ ସମୟରେ ଛାଡ଼ିବ କହି ଯାତ୍ରୀଙ୍କୁ ବିମାନବନ୍ଦରକୁ ଡକାଇ ଦିଆଯାଉଛି; କିନ୍ତୁ ସେଠାରେ ପହଞ୍ଚିବା ପରେ ବିମାନ ବିଳମ୍ବିତ ଥିବା କୁହାଯାଉଛି । ଦୁଇ ଚାରି ଘଣ୍ଟା ଯାତ୍ରୀ ଅପେକ୍ଷା କରିବା ପରେ ବିମାନକୁ ବାତିଲ କରିଦିଆଯାଉଛି । ଶେଷରେ ଯାତ୍ରୀ କାନ୍ଦି କାନ୍ଦି ଘରକୁ ▶ପୃଷ୍ଠା-୧୦

**ହଟିବେ ଇଣ୍ଡିଗୋ ସିଇଓ ପିଟର ଏଲ୍‌ବର୍ସ**

### ଏଏନ୍‌ଏମ୍ ପରୀକ୍ଷା ବାତିଲ ନେଇ ନବୀନଙ୍କ କ୍ଷୋଭ

# ବାରମ୍ବାର ପରୀକ୍ଷା ବାତିଲ ପିଲାଙ୍କ ସ୍ୱପ୍ନକୁ ଧୂଳିସାତ୍ କରୁଛି



**"ସମସ୍ତ ପରୀକ୍ଷା ନିୟମିତ ଏବଂ ସ୍ୱଚ୍ଛତାର ସହ ହେବାକୁ ସୁନିଶ୍ଚିତ କରାନ୍ତୁ ସରକାର"**

■ ଭୁବନେଶ୍ୱର, ୬।୧୨ (ସମିସ): ଏଏନ୍‌ଏମ୍ ପରୀକ୍ଷା ବାତିଲକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବାରମ୍ବାର ପରୀକ୍ଷା ବାତିଲ ହେବା ଲକ୍ଷ ଲକ୍ଷ ପିଲାଙ୍କ ସ୍ୱପ୍ନକୁ ଧୂଳିସାତ୍ କରୁଛି । ଏଏନ୍‌ଏମ୍ ପରୀକ୍ଷା ବାତିଲ କରି ରାଜ୍ୟ ବିଜେପି ସରକାର ପୁଣି ହଜାର ହଜାର ଆଶାୟୀଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଇଛନ୍ତି ବୋଲି ନବୀନ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ପ୍ରକାଶଯୋଗ୍ୟ, ନିକଟରେ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପୂର୍ବରୁ ଆଶାୟୀଙ୍କଠାରୁ ମୋଟା ଅଙ୍କର ଟଙ୍କା ନିଆଯାଇ ପ୍ରଶ୍ନୋତ୍ତରୀ ଅଭ୍ୟାସ କରାଇବା ଭଳି ଅଭିଯୋଗ ହେବା ପରେ ଏହି ଘଟଣାର ସିବିଆଇ ତଦନ୍ତ ଚାଲିଛି । ଫଳରେ ଲକ୍ଷ ଲକ୍ଷ ଆଶାୟୀ ହତାସ ହୋଇପଡ଼ିଛନ୍ତି । ସେହିପରି ଆର୍‌ଆଇ, ଅମିନ ପରୀକ୍ଷାରେ ଅନିୟମିତତା ଅଭିଯୋଗ ପରେ ଓଡ଼ିଶା ହାଇକୋର୍ଟ ପରୀକ୍ଷାକୁ ରଦ୍ଦ କରିଦେଇଛନ୍ତି । ଶିକ୍ଷକମାନଙ୍କ ପାଇଁ ହୋଇଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହେବା ପରେ ଏହାକୁ ବାତିଲ୍ ପରେ ପୁଣିଥରେ କରାଯାଇଛି । ସେହିପରି ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାକୁ ବାତିଲ କରାଯାଇଥିବାବେଳେ ପରୀକ୍ଷା ପରିଚାଳନା ସଂସ୍ଥାର ବିଶ୍ୱସନୀୟତା ଉପରେ ସନ୍ଦେହ ପ୍ରକଟ କରି ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପଦବୀ ପାଇଁ ହୋଇଥିବା ପରୀକ୍ଷାକୁ ମଧ୍ୟ ▶ପୃଷ୍ଠା-୧୦

### ତୃତୀୟ ଦିନିଆରେ ଦ.ଆଫ୍ରିକା ୯ ୱିକେଟ୍‌ରେ ପରାସ୍ତ

# ୨-୧ରେ ଭାରତର ସିରିଜ୍ ବିଜୟ



**ଜୟସ୍ୱାଲଙ୍କ ପ୍ରଥମ ଶତକ ୧୧୬***

■ ବିଶାଖାପାଟଣା, ୬।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ହରାଇ ଭାରତ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆରେ ବିଜୟୀ ହୋଇଛି । ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତିନେଇଛି । ପୂର୍ବରୁ ରାଞ୍ଚିରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଭାରତ ୧୭ ରନ୍‌ରେ ଓ ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆକୁ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ଜିତିଥିଲା । ଫଳରେ ଭାରତ ଟେଷ୍ଟ ସିରିଜ୍‌ରେ ୦-୨ ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଛି । ଟେଷ୍ଟ ଓ ଦିନିକିଆ ସିରିଜ୍ ପରେ କଟକର ବାରବାଟୀ ଷ୍ଟାଡିୟମ୍‌ରୁ ଆସନ୍ତା ୯ରୁ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅରମ୍ଭ ହେବ ।

ତୃତୀୟ ଦିନିକିଆ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୭୦ ରନ୍‌ରେ ଅଲ୍‌ଆଉଟ ହୋଇଥିଲା । ଜବାବରେ ଭାରତ କେବଳ ରୋହିତ ଶର୍ମା (୭୫)ଙ୍କ ୱିକେଟ ହରାଇ ବିଜୟୀ ହୋଇଥିଲା । ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୧୧୬ ଓ ବିରାଟ କୋହଲି ୬୫ ରନ୍‌ରେ ଅପରାଜିତ ରହିଥିଲେ । ଦିନିକିଆ କ୍ରିକେଟ୍‌ରେ ପ୍ରଥମ ଶତକ ହାସଲ କରିଥିବା ଭାରତୀୟ ଓପନର ଜୟସ୍ୱାଲ 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଓ ୨ଟି ଶତକ, ଗୋଟିଏ ଅର୍ଦ୍ଧଶତକ ସହ ୩୦୨ ରନ୍ କରିଥିବା ବିରାଟ କୋହଲି ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।

### ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ ଉଦ୍‌ଘାଟିତ

# ଓଡ଼ିଶା ହେବ ଗ୍ରୀନ୍ ଏନର୍ଜି ହବ୍: ମୁଖ୍ୟମନ୍ତ୍ରୀ

■ ପୁରୀ, ୬।୧୨ (ସମିସ): ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି। ଏହା ସଦାସର୍ବଦା ଆମକୁ ଆତ୍ମନିର୍ଭର କରିବା ଦିଗରେ ସହାୟକ ହୋଇଥାଏ। ପ୍ରତ୍ୟେକ ରାଜ୍ୟ ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି । ରାଜ୍ୟର ବିକାଶରେ ଶକ୍ତିଯୋଗାଣ ଶୃଙ୍ଖଳକୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି । ଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ବ୍ୟୟ କମାଇ ଓଡ଼ିଶା ଗ୍ରୀନ୍-ଏନର୍ଜି ରାଜ୍ୟ ଭାବେ ଉଭା ହେବ। ଶନିବାର ପୁରୀଠାରେ ଦୁଇଦିନିଆ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ (ଜିଇଏଲ୍‌ଏସ୍)କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଇଏଲ୍‌ଏସ୍ ହେଉଛି କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞମାନଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ଓ ସ୍ଥାୟିତ୍ୱ ହାସଲ କରିବା ପାଇଁ ଏକ ଅଭିନବ ପ୍ରୟାସ। ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ୱଷ୍ଟ ରୋଡ୍-ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ। ୨୦୧୪ ମସିହା ପୂର୍ବରୁ ଦେଶରେ ଘରୋଇ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା। ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ୍ ଉତ୍ପାଦନ ଯଥେଷ୍ଟ ନଥିଲା । ଗ୍ରାମାଞ୍ଚଳରେ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସାଧାରଣ ଘଟଣା ଥିଲା। ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଥିଲା । କିନ୍ତୁ, ଗତ ଦଶନ୍ଧିରେ ଏ ସବୁରେ ଉନ୍ନତି ଆସିଛି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଶକ୍ତି ମନ୍ତ୍ରଣାଳୟର ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ବର୍ତ୍ତମାନ ତାପଜ ଉତ୍ସରୁ ଭାରତର ବିଦ୍ୟୁତ୍ ଉତ୍ପାଦନ ମାତ୍ର ୫୧ପ୍ରତିଶତ ରହିଛି । ଆଗାମୀ କିଛି ଦିନ ମଧ୍ୟରେ ଏହା ଆହୁରି ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସ୍ଥାୟୀ ଭାବରେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି । ରାଜ୍ୟ ସରକାର ୨୦୭୦ ସୁଦ୍ଧା 'ନେଟ୍ ଜିରୋ କାର୍ବନ ଏମିସନ' ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଓଡ଼ିଶାର ଶିଳ୍ପନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ବିଶେଷକରି ନବୀକରଣୀୟ ▶ପୃଷ୍ଠା-୧୦

**ଓଡିଶା ପାଇଁ ଦେଢ ଲକ୍ଷ ସୂର୍ଯ୍ୟ ଘର ଅନୁମୋଦିତ: କେନ୍ଦ୍ରମନ୍ତ୍ରୀ**

### ଲାଞ୍ଜିବେର୍ଣ୍ଣାରେ ଅଭାବନୀୟ ଘଟଣା

# ନିଜକୁ ଜାଳିଦେଲେ ନାବାଳିକା ଛାତ୍ରୀ

■ ରାଉରକେଲା, ୬।୧୨ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଥାନା ଅଧୀନ ଲାଞ୍ଜିବେର୍ଣ୍ଣା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଜଣେ ନାବାଳିକା ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି । ନାବାଳିକାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଛି । ତାଙ୍କୁ ଅତି ଗୁରୁତର ଅବସ୍ଥାରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ବର୍ଣ୍ଣ ୟୁନିଟ୍‌ରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଛି ।

**ସଂକଟାପନ୍ନ ଅବସ୍ଥାରେ ଆଇଜିଏଚ୍‌ରେ ଭର୍ତ୍ତି**

**ଶରୀରର ୯୦ ଭାଗ ପୋଡ଼ି ଯାଇଛି**

**ପ୍ରେମିକ ଅଟକ**

ଅପରପକ୍ଷେ, ପରିବାରବର୍ଗ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ପୁଲିସକୁ ଅନୁରୋଧ କରିଛନ୍ତି । ରାଜଗାଙ୍ଗପୁର ଥାନା ପୁଲିସ ଏହି ଘଟଣାରେ ସନ୍ଦେହ କରି ଜଣେ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି । ଏହି ଘଟଣା ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି ।

ସୂଚନାଯୋଗ୍ୟ, ଲାଞ୍ଜିବେର୍ଣ୍ଣା ଗାଁର ସମ୍ପୃକ୍ତ ନାବାଳିକାଜଣଙ୍କ ରାଜଗାଙ୍ଗପୁରରେ ଏକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅନର୍ସ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ। ▶ପୃଷ୍ଠା-୧୦

### ୬ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା

■ ଭୁବନେଶ୍ୱର, ୬।୧୨ (ସମିସ): ରାଜ୍ୟରେ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା ଓ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା ନାମରେ ଦୁଇଟି ନୂତନ ଯୋଜନା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ରେଶମ ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ୨୭୪ କୋଟି ଟଙ୍କା ବ୍ୟୟଅଟକଳ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା ପାଇଁ ୪୯୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ଏହି ଦୁଇ ନୂତନ ଯୋଜନା ସମେତ ମୋଟ ୬ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିଥିବା ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଶନିବାର ରାଜ୍ୟ ବିଧାନସଭାରେ ଅବଗତ କରାଇଛନ୍ତି । ସେହିପରି କ୍ୟାବିନେଟ୍‌ରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ସ୍ୱାସ୍ଥ୍ୟ, ଆଇନ ଓ ଉଚ୍ଚଶିକ୍ଷା ବିଭାଗରେ ମଧ୍ୟ ଗୋଟିଏ ଲେଖାଏଁ ନିଷ୍ପତ୍ତିକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି ।

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ରେଶମ ବିକାଶ ଯୋଜନା ମାଧ୍ୟମରେ ରେଶମ ଶିଳ୍ପକୁ ଅଧିକ ସଶକ୍ତ, ସମ୍ପ୍ରସାରିତ କରିବା, ଭିତ୍ତିଭୂମି ସଂରଚନା ଆଦି କରାଯିବ । ଏହି ଯୋଜନା ଜରିଆରେ ରେଶମ କୀଟର ବିହନ ପ୍ରସ୍ତୁତ, ରେଶମ ପ୍ରଜାତିର ସଂରକ୍ଷଣ ସହ ନୈତିକ ଉପାୟରେ 'କରୁଣା' ରେଶମର ଉତ୍ପାଦନ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ। ସେହିପରି ରେଶମ ଚାଷୀଙ୍କୁ ଆବଶ୍ୟକ ପ୍ରୋତ୍ସାହନ, ମୂଳଧନ ସହାୟତା ପ୍ରଦାନ ଏବଂ ସମବାୟ ସମିତି ଜରିଆରେ ରେଶମ ଉତ୍ପାଦର ବଜାରୀକରଣ କରି ସେମାନଙ୍କୁ ଉଚିତ ମୂଲ୍ୟ ଯୋଗାଇବା ପାଇଁ ସଠିକ୍ ବାତାବରଣ ସୃଷ୍ଟି କରିବା ସହ ଅଭାବୀ ବିକ୍ରିରୁ ଚାଷୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଏହି ଯୋଜନା ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନାକୁ ଅନୁମୋଦନ ଦେଇ ନୂତନ ନିବେଶକୁ ଆକର୍ଷିତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଉତ୍ପାଦକତାକୁ ବୃଦ୍ଧି କରିବା, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ସଶକ୍ତ କରିବା ଓ ରାଜ୍ୟରେ ଏକ ପ୍ରତିଯୋଗିତାମୂଳକ ବୟନ ମୂଲ୍ୟ ଶୃଙ୍ଖଳା ଗଠନ କରିବା ପାଇଁ ସରକାର ଆଶା ରଖିଛନ୍ତି । ଓଡ଼ିଶା ପୋଷାକ ଓ ବୈଷୟିକ ବସ୍ତ୍ର ନୀତି -୨୦୨୨ ଓ ଶିଳ୍ପନୀତି ସଂକଳ୍ପ-୨୦୧୫ ଅନୁଯାୟୀ ନୂତନବସ୍ତ୍ର ଉତ୍ପାଦନସଂସ୍ଥାଗୁଡ଼ିକୁ ମିଳୁଥିବା ସୁବିଧା ସହିତ, ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା କୌଶଳ ଉନ୍ନତି ଓ ଉଦ୍ୟୋଗୀ ସହାୟତାରେ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବ ବୋଲି ସରକାର ଆଶା ରଖିଛନ୍ତି ।

ସେହିପରି ସୁପ୍ରିମକୋର୍ଟଙ୍କ ୨୦ ମେ'ର ରାୟକୁ ଆଧାର କରି ରାଜ୍ୟ ସରକାର ଓଡ଼ିଶା ସୁପରିଅର ଜୁଡିସିଆଲ ସର୍ଭିସ ▶ପୃଷ୍ଠା-୧୦

**ଓଡ଼ିଶା ଜୁଡିସିଆଲ୍ ସର୍ଭିସ ନିୟମରେ ପରିବର୍ତ୍ତନ**

**ଗଠନ ହେବ ଓଡ଼ିଶା ଔଷଧ ବିକାଶ ସେଲ୍**

### ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଚେତାବନୀ

# ବିସ୍ଫୋରକ ରୂପ ନେବ ଚାଷୀ ବିରୋଧୀ ଷଡ଼ଯନ୍ତ୍ର






■ ସମ୍ବଲପୁର, ୬।୧୨ (ସମିସ): ଚଳିତବର୍ଷ ଖରିଫ ଧାନ କ୍ରୟରେ ଅଚଳାବସ୍ଥା ଦେଖାଦେଇଛି । ମିଲର୍‌ମାନେ ଧାନ କିଣାବିକାକୁ ନିୟନ୍ତ୍ରଣ କରୁଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ବରଗଡ଼, ସମ୍ବଲପୁର, କଳାହାଣ୍ଡି ଓ ନୂଆପଡ଼ାରେ ମଣ୍ଡି ଖୋଲିଥିବା ବେଳେ ସମ୍ବଲପୁର ବ୍ୟତୀତ ଅନ୍ୟ ୩ ଜିଲ୍ଲାରେ ୧ କ୍ୱିଣ୍ଟାଲ ଧାନ ମଧ୍ୟ ଉଠିନାହିଁ। ଜିଲ୍ଲାଗୁଡ଼ିକରେ ମିଲର୍‌ମାନେ ଏପର୍ଯ୍ୟନ୍ତ ଚୁକ୍ତି କରିନାହାନ୍ତି । ସରକାର ମଧ୍ୟ ପି-ପାସ୍ ବ୍ୟବସ୍ଥା କରିନାହାନ୍ତି । ବହୁସଂଖ୍ୟାରେ ଚାଷୀଙ୍କ ଟୋକନ୍ ଇସ୍ୟୁ ହୋଇନାହିଁ। ପୁଣି, ଆସନ୍ତା ୯ତାରିଖରୁ ଝାରସୁଗୁଡ଼ା ଓ ସୋନପୁର ଜିଲ୍ଲାରେ ମଣ୍ଡି ଖୋଲିବାକୁ ଯାଉଛି । ଏପରିସ୍ଥଳେ ଏକ ବିସ୍ଫୋରକ ସ୍ଥିତି ହେବାକୁ ଯାଉଛି । ଦୁଇ ତିନିଦିନ ମଧ୍ୟରେ ଯଦି ସରକାର ଟୋକନ୍ ଓ ଧାନ ବିକ୍ରି ପ୍ରକ୍ରିୟାକୁ ବ୍ୟବସ୍ଥିତ ନ କରନ୍ତି, ହଜାରହଜାର ସ୍ଥାନରେ ଚାଷୀ ରାସ୍ତାକୁ ଓହ୍ଲାଇବେ । ଏଥିଯୋଗୁଁ ଯେଉଁ ଅରାଜକତା ସୃଷ୍ଟି ହେବ, ସେଥିପାଇଁ ସରକାର ଦାୟୀ ରହିବେ । ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏପରି ଚେତାବନୀ ଦେଇଛି ।

ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ପୂର୍ବାହ୍ନରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ବର୍ଷିଛି ସମିତି । ସମିତି ଆବାହକ ଅଶୋକ ପ୍ରଧାନ କହିଥିଲେ ଯେ ଚାଷୀଙ୍କ ବିରୋଧରେ ଏହା ଏକ ବଡ଼ଧରଣର ଷଡ଼ଯନ୍ତ୍ର । ମାସେ ବିଳମ୍ବରେ ଧାନକିଣା ଆରମ୍ଭ ହେଲା । ସରକାର କ'ଣ ଜାଣିନାହାନ୍ତି ଯେ ଚାଷୀ ହାତରେ ଲକ୍ଷଲକ୍ଷ ବସ୍ତା ଧାନ ରହିଛି । ସରକାର ଏଭଳି ସ୍ଥିତି ନିଜେ ଉତ୍ପନ୍ନ କରିଛନ୍ତି । ଦୁଇ ତିନି ଦିନ ମଧ୍ୟରେ ଯଦି ନିଜ ▶ପୃଷ୍ଠା-୧୦

### ଖସୁଛି ପାରଦ

# ସାରା ରାଜ୍ୟ କାଲୁଆ

■ ଭୁବନେଶ୍ୱର, ୬।୧୨ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତ ଜାରି ରହିଛି। ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଅଞ୍ଚଳ, ସବୁଠି ପାରଦ ଖସିବା ଯୋଗୁଁ ଶୀତର ପ୍ରଭାବ ବୃଦ୍ଧି ପାଇଛି । ଆଗାମୀ ୭ ଦିନ ଯାଏଁ ରାଜ୍ୟରେ ପାଗରେ କୌଣସି ପରିବର୍ତ୍ତନ ସମ୍ଭାବନା ନଥିବା ବେଳେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏଥିପାଇଁ ଆଗକୁ ମଧ୍ୟ ଶୀତ ପ୍ରାୟ ଜାରି ରହିବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟାରେ ଜି.ଉଦୟଗିରିରେ ସବୁଠୁ ଥଣ୍ଡା ରେକର୍ଡ ହୋଇଛି । ଏଠାରେ ତାପମାତ୍ରା ୫.୬ ଡିଗ୍ରୀକୁ ଖସିଛି । ସେହିପରି କିରେଇରେ ତାପମାତ୍ରା ୯.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲାରେ ୮.୧, ▶ପୃଷ୍ଠା-୧୦

ସକାଳ
THE SAKALA
www.sakalaepaper.com



# ଟ୍ରମ୍ପଙ୍କୁ ପ୍ରଥମ ଫିଫା ଶାନ୍ତି ପୁରସ୍କାର

ୱାସିଂଟନ, ୬ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶେଷରେ ଏକ ଶାନ୍ତି ପୁରସ୍କାର ମିଳିଛି । ତାଙ୍କୁ ଶୁକ୍ରବାର ପ୍ରଥମ ଫିଫା ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୬ ବିଶ୍ୱକପ୍ ଡ୍ରରେ ତାଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରାଯାଇଛି । ୱାସିଂଟନ ଡିସିରେ ୨୦୨୬ ଫିଫା ବିଶ୍ୱକପ୍ ପାଇଁ ଗ୍ରୁପର ଡ୍ର'ର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମର ଆରମ୍ଭରେ ଟ୍ରମ୍ପଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ପୂର୍ବରୁ ଟ୍ରମ୍ପ ନୋବେଲ ଶାନ୍ତିପାଇଁ ନିଜକୁ ହକଦାର ବୋଲି ଏକାଧିକ ବାର କହିଥିଲେ ଓ ଏଥିପାଇଁ ଅଭିଯାନ ମଧ୍ୟ ଚଳାଇଥିଲେ । ବିଶ୍ୱ ଫୁଟବଲ ପ୍ରଶାସନର ସର୍ବୋଚ୍ଚ ସଂସ୍ଥା ଫିଫା



ଯେବେଠାରୁ ଶାନ୍ତି ପୁରସ୍କାର ଦେବାକୁ ଘୋଷଣା କରିଥିଲା, ସେବେଠାରୁ ଟ୍ରମ୍ପ ଏହି ପୁରସ୍କାର ପାଇବେ ବୋଲି ଅନୁମାନ କରାଯାଉଥିଲା । ଫିଫା ଅଧ୍ୟକ୍ଷ ଜିଆନି ଇନଫାନଣ୍ଟିନୋ ଟ୍ରମ୍ପଙ୍କ ନିକଟତର ବୋଲି ଭଲଭାବେ ଜଣାଶୁଣା । ଗାଜାରେ ଯୁଦ୍ଧ ବିରତି ଲାଗୁ କରିବାରେ ଟ୍ରମ୍ପ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । ତେଣୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ ବୋଲି ଇନ୍‌ଫାଣ୍ଟିନୋ କହିଛନ୍ତି । ଉଲ୍ଲେଖଥାଉ କି, ଫିଫା ଗତ ନଭେମ୍ବରରେ ଫିଫା ଶାନ୍ତି ପୁରସ୍କାର ଦେବାକୁ ଘୋଷଣା କରିଥିଲା । ଟ୍ରମ୍ପଙ୍କୁ ଏହି ପୁରସ୍କାରର ପ୍ରଥମ ସଂସ୍କରଣ ସମ୍ମାନୀତ କରାଯାଇଛି । ପୁରସ୍କାର ପାଇବା ପରେ ଟ୍ରମ୍ପ ଖୁସି ଜାହିର କରିଛନ୍ତି । ଏହା ମୋ ଜୀବନର ଏକ ବଡ଼ ସମ୍ମାନ ବୋଲି ସେ କହିଛନ୍ତି । ପୁରସ୍କାର ବାବଦରେ ଇନଫାଣ୍ଟିନୋ ଟ୍ରମ୍ପଙ୍କୁ ଏକ ସୁନାର ଟ୍ରଫି ପ୍ରଦାନ କରିଥିଲେ । ଏଥିରେ ଟ୍ରମ୍ପଙ୍କ ନାମ ଖୋଦିତ ହୋଇଥିଲା । କେତୋଟି ହାତ ପୃଥିବୀକୁ ଧରି ରଖିଥିବାର ଏହି ଟ୍ରଫିରେ ଦେଖାଯାଇଛି ।

## ସୁଦାନ ସ୍କୁଲ୍‌ରେ ଡ୍ରୋନ୍ ଆକ୍ରମଣ, ୫୦ ମୃତ

ଖାର୍ତୁମ, ୬ ।୧୨(ଏଜେନ୍ସି): ଉତ୍ତରପୂର୍ବ ଆଫ୍ରିକୀୟ ଦେଶ ସୁଦାନର କାଲୋଗୀ ସହରରେ ଏକ ସ୍କୁଲ ଉପରେ ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି । ଏଥିରେ ୫୦ଜଣ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ୩୩ଜଣ ଛୋଟପିଲା ସାମିଲ ରହିଛନ୍ତି । ସୁଦାନର ସିକ୍ୟୁରିଟି ଫୋର୍ସ ଆର୍‌ଏସ୍‌ଏଫ୍ ଏହି ଆକ୍ରମଣ କରିଛି ବୋଲି ଡାକ୍ତରଙ୍କ ଏକ ଦଳ କହିଛି । ଆହତଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଲୋକଙ୍କ ଉପରେ ମଧ୍ୟ ଦ୍ୱିତୀୟଥର ପାଇଁ ଆକ୍ରମଣ କରାଯାଇଥିଲା । ଏହି ଅଞ୍ଚଳରେ ନେଟ୍‌ୱର୍କ ଓ ଫୋନ ସର୍ଭିସ ବନ୍ଦ ହେବା କାରଣରୁ ମୃତକଙ୍କ ସଂଖ୍ୟା ସମ୍ପର୍କରେ ସଠିକ ସୂଚନା ମିଳି ପାରିନାହିଁ । ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ଗତ ଦୁଇବର୍ଷ ହେବ ଆରଏସ୍‌ଏଫ୍ ଓ ସୁଦାନ ସେନା ମଧ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ଦେଶରେ ଗୃହଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି ଓ ଏଥିରେ ଜନ ସାଧାରଣଙ୍କୁ ମୂଲ୍ୟ ଦେବାକୁ ପଡୁଛି । ୟୁନିସେଫ୍ ଏହି ଘଟଣାକୁ କଡ଼ା ନିନ୍ଦା କରିଛି । ସ୍କୁଲ୍‌ରେ ପିଲାଙ୍କ ମାରିବା ମାନବତାର ଉଲ୍ଲଂଘନ ବୋଲି ୟୁନିସେଫର ଅଧିକାରୀ ସେଲଡନ ୟେଟ୍ କହିଛନ୍ତି । କିଛିଦିନ ତଳେ ସୁଦାନ ସେନା ଆକ୍ରମଣରେ ପାଖାପାଖି ୪୮ ଲୋକ ମୃତ୍ୟୁବରଣ କରିଥିଲେ ଓ ଏନେଇ ସାରା ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

## ଦକ୍ଷିଣ ଆଫ୍ରିକା ହଷ୍ଟେଲରେ ଗୁଳିକାଣ୍ଡ; ୧୧ ମୃତ, ୧୪ ଆହତ

ଜୋହାନ୍ସବର୍ଗ, ୬ ।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ଏକ ହଷ୍ଟେଲରେ ଶନିବାର ଗୁଳିକାଣ୍ଡ ହୋଇଛି । ଏଥିରେ ୧୧ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି । ଏଥିରେ ୨୫ଜଣ ଲୋକଙ୍କୁ ଗୁଳି ମରାଯାଇଥିଲା ବୋଲି ପୁଲିସ କହିଛି । ସକାଳେ ହଷ୍ଟେଲ ଭିତରେ କିଛି ଲୋକ ମଦ୍ୟପାନ କରୁଥିବାବେଳେ ଏହି କାଣ୍ଡ ଘଟିଥିଲା । ମୃତକଙ୍କ ମଧ୍ୟରେ ୧୨, ୧୬ ଓ ୩ ବର୍ଷର ଛୋଟପିଲା ସାମିଲ ରହିଛନ୍ତି । ୩ ବର୍ଷର ପିଲାଟି ଏହି ଅବୈଧ ମଦ ବାରର ମାଲିକଙ୍କ ପୁଅ ବୋଲି କୁହାଯାଇଛି । ଏହି ମାମଲାରେ ଏପର୍ଯ୍ୟନ୍ତ କାହକୁ ଗିରଫ କରାଯାଇନାହିଁ ବୋଲି କୁହାଯାଇଛି । ଘଟଣାସ୍ଥଳରେ ୧୦ ଜଣ ମୃତ୍ୟୁବରଣ କରିଥିଲେ ଓ ଆଉଜଣେ ହସ୍ପିଟାଲରେ ପ୍ରାଣ ହରାଇଥିଲେ । ଏବେ ୧୪ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏବେ ଦକ୍ଷିଣ ଆଫ୍ରିକାରେ ଅବୈଧ ମଦବାର ସରକାରଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଗତ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ୧୧, ୯୭୫ଟି ଅବୈଧ ମଦବାରକୁ ବନ୍ଦ କରାଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି ।

## ଇମ୍ରାନ ମାନସିକ ଅସୁସ୍ଥ: ପାକ୍ ସେନା

ଇସ୍‌ଲାମାବାଦ୍, ୬ ।୧୨(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ମାନସିକ ରୁଗ୍‌ଣ ଅଛନ୍ତି ବୋଲି ପାକିସ୍ତାନ ସେନା କହିଛି । ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେସନ (ଆଇଏସ୍‌ପିଆର୍) ନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ କହିଛନ୍ତି ଯେ, ଇମ୍ରାନ ଏବେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ । ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ ଇମ୍ରାନକୁ ସମାଲୋଚନା କରିଥିଲେ । ସେ ଜାଣିଶୁଣି ସେନା ବିପକ୍ଷରେ ମିଛ ଗୁଜବ ପ୍ରଚାର କରିବାକୁ ପ୍ରୟାସ କରୁଛନ୍ତି । ସେ ଇମ୍ରାନଙ୍କ ଟୁଇଟ୍ ଦେଖାଇ ଏହି କଥା କହିଛନ୍ତି । ସେନାକୁ ରାଜନୀତି ଭିତରକୁ ନ ନେବାକୁ ଚୌଧୁରୀ ପରାମର୍ଶ ଦେଇଛନ୍ତି । ଇମ୍ରାନ ସମ୍ବିଧାନଠାରୁ ନିଜର ବ୍ୟକ୍ତିଗତ ଲାଭକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସେ ନିଜକୁ ବହୁତ ବଡ଼ ଭାବୁଛନ୍ତି । ଯଦି ମୁଁ ନାହିଁ ତ, କିଛି ନାହିଁ ବୋଲି ଇମ୍ରାନ ଭାବୁଛନ୍ତି । ସେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଏବେ ବିପଦ ସୃଷ୍ଟି କରିଛନ୍ତି ବୋଲି ଚୌଧୁରୀ କହିଛନ୍ତି ।

# ଭାରତ-ଆମେରିକା ସଂପର୍କକୁ ତିକ୍ତ କରିବ କି ପୁଟିନଙ୍କ ଗସ୍ତ ?

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଥମିବାର ନାମ ଧରୁନି । ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ଉପରେ କ୍ଷୁବ୍ଧ ଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଟିନଙ୍କୁ ଏକଘରିକିଆ କରିବାକୁ ଯୋଜନା ଚଳାଇଛନ୍ତି । ଏଭଳି ସ୍ଥିତିରେ ପୁଟିନଙ୍କ ଭାରତ ଗସ୍ତକୁ ସେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ତେଣୁ ଭାରତ-ଆମେରିକା ସଂପର୍କ ବିଗିଡ଼ିବ ବୋଲି କୁହାଯାଉଛି । ତେବେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏଭଳି ଆଶଙ୍କାକୁ ଏଡ଼ାଇଛନ୍ତି । ସେ କହିଛନ୍ତି ଯେ ପୁଟିନଙ୍କ ଗସ୍ତ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ପ୍ରଭାବିତ କରିବ ନାହିଁ ।



ପ୍ରଭାବିତ ହେବନାହିଁ ଭାରତ-ଆମେରିକା ସମ୍ପର୍କ: ଜୟଶଙ୍କର

ଆଜି ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍ ସମିଟ୍‌ରେ ସେ କହିଛନ୍ତି ।ଯେ ପୁଟିନଙ୍କ ଗସ୍ତ ଭାରତ- ଆମେରିକା ବାଣିଜ୍ୟ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ଗୁଜବ ପ୍ରଚାର କରାଯାଉଛି । ଏହାକୁ ଖଣ୍ଡନ କରି ସେ କହିଛନ୍ତି ।ଯେ ଭାରତ କାହା ସହିତ ବନ୍ଧୁତ୍ୱ କରିବ ସେ ନେଇ କେବଳ ଭାରତ ହିଁ ନିଷ୍ପତ୍ତି ନେବ ଓ ଏଥିରେ ଅନ୍ୟ କାହାର ପ୍ରଭାବ ରହିବ ନାହିଁ । ବିଶ୍ୱର ସବୁ ବଡ଼ ଦେଶ ସହ ଭାରତର ସମ୍ପର୍କ ରହିଛି । ଭାରତର ସମ୍ପର୍କ ଅନ୍ୟ ଦେଶର ମତ ଉପରେ ନିର୍ଭର କରେ ନାହିଁ । ଆମେରିକା ସହ ବାଣିଜ୍ୟ ସମ୍ପର୍କ ଉପରେ ମଧ୍ୟ ସେ ମତ ଦେଇଥିଲେ । ଭାରତ ନିଜର କୃଷକ, ଶ୍ରମିକ ଓ ଛୋଟ ବ୍ୟବସାୟୀଙ୍କ ସ୍ୱାର୍ଥ ସହ କୌଣସି ସାଲିସ କରି କାହା ସହ ବାଣିଜ୍ୟ ସମ୍ପର୍କ ରଖିବ ନାହିଁ । ସେହିପରି ଭାରତ ଓ ରୁଷିଆ ମଧ୍ୟରେ ଥିବା ସମ୍ପର୍କ ସବୁଠାରୁ ଦୃଢ଼ ସମ୍ପର୍କ ମଧ୍ୟରେ ଅନ୍ୟତମ । ଏହି ସମ୍ପର୍କ ବିଶ୍ୱରେ ସବୁଠାରୁ ସ୍ଥିର, ମଜଭୁତ । ଦୁଇ ଦେଶ ମଧ୍ୟରେ ଥିବା ଅସନ୍ତୁଳନତାକୁ ଦୂର କରିବା ପୁଟିନଙ୍କ ଗସ୍ତର ମୁଖ୍ୟ ଲକ୍ଷ୍ୟ ଥିଲା ବୋଲି ସେ କହିଛନ୍ତି । ଡିସେମ୍ବର ୧୦ରୁ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ବନ୍ଧୀୟ କଥାବାର୍ତ୍ତା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବର୍ଷକୁ ୧୯୧ ବିଲିଅନ ଡଲାରର ବାଣିଜ୍ୟ ହେଉଛି । ୨୦୩୦ ବେଳକୁ ଏହାକୁ ୫୦୦ ବିଲିଅନ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ।



# ଯେପର୍ଯ୍ୟନ୍ତ ଚାହିଁବେ ହସିନା ଭାରତରେ ରହିପାରିବେ

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭାରତ ରହଣିକୁ ନେଇ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସ୍ପଷ୍ଟ ଭାବେ ନିଜର ମତ ଦେଇଛନ୍ତି । ଯେପର୍ଯ୍ୟନ୍ତ ଚାହିଁବେ ହସିନା ଭାରତରେ ରହିପାରିବେ । ଭାରତରେ ରହିବା ତାଙ୍କ ପସନ୍ଦ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି ।



୭୮ ବର୍ଷୀୟା ହସିନା ଗତବର୍ଷ ଅଗଷ୍ଟରେ ଭାରତ ଆସିଥିଲେ । ବାଂଲାଦେଶରେ ତାଙ୍କର ୧୫ ବର୍ଷର ଶାସନକୁ ଏକ ହିଂସାତ୍ମକ ଆନ୍ଦୋଳନ ସହ ଶେଷ କରାଯାଇଥିଲା । ଏହି ହିଂସାରେ ଶତାଧିକ ଲୋକ ମୃତ୍ୟୁବରଣ କରିଥିଲେ ଓ ହଜାର ହଜାର ଲୋକ ଆହତ ହୋଇଥିଲେ । ଗତମାସରେ ଢ଼ାକାର ଏକ ସ୍ୱତନ୍ତ୍ର କୋର୍ଟ ହାସିନାଙ୍କୁ ଏଥିପାଇଁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ । ଭାରତରେ ରହିବା ହସିନାଙ୍କ ବ୍ୟକ୍ତିଗତ ମାମଲା । କିନ୍ତୁ ଯେଉଁ ପରିସ୍ଥିତିରେ ସେ ବାଂଲାଦେଶ ଛାଡି ଭାରତ ଆସିଥିଲେ ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ଭାରତରେ ରହିବା ନେଇ ହସିନା ହିଁ ଅନ୍ତିମ ନିଷ୍ପତ୍ତି ନେବେ । ମାନବିକତାକୁ ଦୃଷ୍ଟିରେ ରଖି ଭାରତ ତାଙ୍କୁ ଶରଣ ଦେଇଛି । ତେଣୁ ତାଙ୍କ ସୁରକ୍ଷା ଓ ସୁବିଧା ନେଇ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି । ବାଂଲାଦେଶରେ ଗଣତନ୍ତ୍ରକୁ ଦୃଢ଼ କରିବାର ଆବଶ୍ୟକତା ରହିଛି । ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ହେବା ନେଇ ସେ ଆଶାବାଦୀ ଅଛନ୍ତି । ବାଂଲାଦେଶ ଉନ୍ନତି କରୁ ବୋଲି ଭାରତ ସବୁବେଳେ ଚାହିଁ ଆସିଛି । କିନ୍ତୁ ବାଂଲାଦେଶରେ ଯେତେଶୀଘ୍ର ନିର୍ବାଚନ ହେବ ତାହା ଶୁଭଙ୍କର । ଗଣତନ୍ତ୍ର ପ୍ରକ୍ରିୟାରେ ଯାହା ଫଳାଫଳ ଆସିବ ଭାରତ ତାହାକୁ ସ୍ୱାଗତ କରିବ ଓ ଏହା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କର ଉନ୍ନତି ହେବ ବୋଲି ସେ କହିଛନ୍ତି ।





ଇଣ୍ଡିଗୋ ବିମାନ ସେବାରେ ଅଚଳାବସ୍ଥା ପରେ ବେଙ୍ଗାଲୁରୁ, ଦିଲ୍ଲୀ, କୋଲକାତା ବିମାନ ବନ୍ଦରର ଦୃଶ୍ୟ

## ଖଲିସ୍ତାନୀ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଲଣ୍ଡନ, ୬ ।୧୨(ଏଜେନ୍ସି): ବ୍ରିଟେନରେ ଜଣେ ଖଲିସ୍ତାନ ସମର୍ଥକ ବ୍ୟବସାୟୀ ଗୁରପ୍ରୀତ ସିଂହ ରେହଲଙ୍କ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆତଙ୍କବାଦ ନିରୋଧ ଆଇନ୍ ଅନୁସାରେ ସରକାର ଗୁରପ୍ରୀତଙ୍କ ସବୁ ବ୍ୟାଙ୍କ ଖାତାକୁ ଫ୍ରିଜ ଅର୍ଥାତ ଅକାମୀ କରିଛନ୍ତି । ଭାରତରେ ସକ୍ରିୟ ଥିବା ଖଲିସ୍ତାନ ଆତଙ୍କବାଦୀ ସଂଗଠନ ବାବର ଖାଲସାକୁ ସେ ଆର୍ଥିକ ସହାୟତା ପ୍ରଦାନ କରିଥିବା ସନ୍ଦେହ କରାଯାଇଥିଲା । ଏଥିସହ ସରକାର 'ବାବର ଅକାଲୀ ଲହର' ନାମକ ଗୋଷ୍ଠୀକୁ ନିଷିଦ୍ଧ କରିଛନ୍ତି । ଏହି ଗୋଷ୍ଠୀ ବାବର ଖାଲସା ପାଇଁ ପ୍ରଚାର ଓ ପ୍ରସାର କରୁଛି ଓ ଲୋକଙ୍କୁ ଏଥିରେ ସାମିଲ କରିବା ପାଇଁ ପାଣ୍ଠି ସଂଗ୍ରହ କରୁଛି ବୋଲି ବ୍ରିଟେନର ଟ୍ରେଜେରୀ ଡିପାର୍ଟମେଣ୍ଟ କହିଛି । ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ପରେ ଗୁରପ୍ରୀତ କିମ୍ବା ତାଙ୍କ ସହ ଜଡିତ ସଂଗଠନକୁ କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଅର୍ଥ ଦେଇପାରିବେ ନାହିଁ । ଯଦି ଆର୍ଥିକ ଭାବେ କେହି ସାହଯ୍ୟ କରନ୍ତି, ତେବେ ତାଙ୍କୁ ୭ ବର୍ଷ ଜେଲ ହୋଇପାରେ ବୋଲି କୁହାଯାଇଛି ।

# ମୁର୍ସିଦାବାଦ୍‌ରେ 'ବାବରୀ ମସଜିଦ୍'ର ଭିତ୍ତିପ୍ରସ୍ତର

- ନିଲମ୍ବିତ ଟିଏମ୍‌ସି ସାଂସଦ ନିଅଁ ରଖିଲେ
- ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଇଟା ନେଇ ପହଞ୍ଚିଲେ

କୋଲକାତା/ମୁର୍ସିଦାବାଦ୍, ୬ ।୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲାର ବେଲଡାଙ୍ଗାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସିରୁ ନିଲମ୍ବିତ ବିଧାୟକ ହୁମାୟୁନ କବିର ଶନିବାର ଅଯୋଧ୍ୟାର ବିବାଦୀୟ ବାବରୀ ମସଜିଦ୍‌କୁ ଅନୁକରଣ କରି ଏକ ମସଜିଦ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । କଡ଼ା ସୁରକ୍ଷା ବଳୟ ମଧ୍ୟରେ ମଞ୍ଚ ଉପରେ ମୌଲବୀମାନଙ୍କ ସହ ଫିତା କାଟିଛନ୍ତି । ଏହି ଅବସରରେ 'ନାରାଏ ତକବୀର, ଆଲ୍ଲା ହୁ ଆକବର' ସ୍ଲୋଗାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇଥିଲେ । ପଶ୍ଚିମବଙ୍ଗର ଭିନ୍ନ ଭିନ୍ନ ଜିଲ୍ଲାରୁ ଆସିଥିବା ଏହି ଲୋକମାନେ ସାଥୀରେ ଇଟା ଆଣିଥିଲେ । ଏହି କାର୍ଯ୍ୟକ୍ରମକୁ ନେଇ ସମ୍ପୂର୍ଣ୍ଣ ବେଲଡାଙ୍ଗା ଅଞ୍ଚଳରେ ଶନିବାର ସକାଳୁ ହାଇଆଲର୍ଟ ଜାରି କରାଯାଇଥିଲା । ଏହାର ଆଖାପାଖ ଅଞ୍ଚଳରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀର ୧୯ଟି ଦଳ, ରାପିଡ ଆକ୍ସନ ଫୋର୍ସ, ସୀମା ସୁରକ୍ଷା ବଳ ଏବଂ ଅନେକ ସ୍ଥାନୀୟ ପୁଲିସ ଟିମ୍ ସହିତ ୩,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ମୁତୟନ ହୋଇଥିଲେ । ହୁମାୟୁନ କବିର ନଭେମ୍ବର ୨୫ରେ କହିଥିଲେ ଯେ, ଡିସେମ୍ବର ୬ରେ ବାବରୀ ମସଜିଦର ବିବାଦୀୟ ଢାଞ୍ଚାର ବିଧ୍ୱଂସର ୩୩ ବର୍ଷ ପୂରଣ ହେବା ଅବସରରେ ଏହି ମସଜିଦର ଶିଳାନ୍ୟାସ କରିବେ । ଏଥିରୁ ଦୂରେଇ ରହିବା ଲାଗି ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ବାରଣ କରିଥିଲେ ମଧ୍ୟ ହୁମାୟୁନ ଶୁଣିନଥିଲେ । ଏଥିପାଇଁ ତାଙ୍କୁ ଟିଏମ୍‌ସିରୁ ନିଲମ୍ବିତ କରାଯାଇଥିଲା ।

ତେବେ ଏହି ମସଜିଦ ନିର୍ମାଣ କାର୍ଯ୍ୟ ରୋକିବାକୁ ଷଡ଼ଯନ୍ତ୍ର କରାଯାଇଥିଲା ବୋଲି କବିର ଅଭିଯୋଗ କରିଛନ୍ତି । ଏହି ମସଜିଦ ନିର୍ମାଣ ଉପରେ ରୋକ ଲଗାଇବାକୁ ହୋଇଥିବା ଆବେଦନକୁ କୋଲକାତା ହାଇକୋର୍ଟ ଖାରଜ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମ ଅବସରରେ ଶାନ୍ତି ବଜାୟ ରଖିବାର ଦାୟିତ୍ୱ ରାଜ୍ୟ ସରକାରଙ୍କର ବୋଲି କୋର୍ଟ କହିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ହିଁ କବିର ମସଜିଦର ନିଅଁ ରଖିଥିଲେ । ଆମେ ହାଇକୋର୍ଟଙ୍କ ଆଦେଶ ପାଳନ କରିବୁ ବୋଲି ସେ କହିଛନ୍ତି । ୨୫ ବିଘା ଜମିରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସାଉଦି ଆରବର ଧାର୍ମିକ ନେତା ଆସିଥିଲେ । ଆସନ୍ତା ବର୍ଷ ରାଜ୍ୟରେ ନିର୍ବାଚନ ହେବାକୁ ଯାଉଥିବା ବେଳେ କବିରଙ୍କର ଏଭଳି କାର୍ଯ୍ୟ ବିବାଦ ସୃଷ୍ଟି କରିଛି ।

## ପାକ-ଆଫ୍‌ଗାନ୍ ସୀମାରେ ଗୁଳି ବିନିମୟ; ୪ ମୃତ

ଇସଲାମାବାଦ, ୬ ।୧୨(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନର ଚମନ-ସ୍ପିନ୍ ବୋଲଡାକ ସୀମାରେ ପୁଣି ଥରେ ଗୁଳି ବିନିମୟ ହୋଇଛି । ଗତ ରାତି ୧୦ଟାରେ ଗୁଳିବିନିମୟ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ଚାଲିଥିଲା । ଦୁଇ ଦେଶ ପ୍ରଥମେ ଆକ୍ରମଣ କରିଛନ୍ତି ପରସ୍ପର ବିରୋଧରେ ଅଭିଯୋଗ ଆଣିଛନ୍ତି । ଏଥିରେ ୪ ଜଣ ଆଫଗାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ଆଫଗାନ ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି ଯେ, ପାକିସ୍ତାନ ହିଁ ସ୍ପିନ ବୋଲଡାକ ଓ କାନ୍ଦାହାର ରାଜ୍ୟରେ ପ୍ରଥମେ ଆକ୍ରମଣ କରିଥିଲା । ଫଳରେ ଆଫଗାନିସ୍ତାନକୁ ଏହାର ଜବାବ ଦେବାକୁ ହୋଇଥିଲା ବୋଲି ସେ କହିଛନ୍ତି । ଅପରପକ୍ଷରେ ଆଫଗାନିସ୍ତାନ ଚମନ ସୀମାରେ ପ୍ରଥମେ ଗୁଳି ଚଳାଇଥିଲା ବୋଲି ପାକିସ୍ତାନ ଅଧିକାରୀମାନେ କହିଛନ୍ତି । ପାକିସ୍ତାନ ନିଜର ସୀମା ରକ୍ଷା କରିବାକୁ ବଦ୍ଧ ପରିକର ଓ ଏହାର ଜବାବରେ ପାକିସ୍ତାନ ଦୃଢ଼ ଜବାବ ଦେଇଥିଲା ବୋଲି ପ୍ରଧାନମନ୍ତ୍ରୀଙ୍କ ମୁଖପାତ୍ର ମୋଶରାଫ ଜାଇଦି କହିଛନ୍ତି । ଦୁଇ ଦେଶ ମଧ୍ୟରେ ହୋଇଥିବା ଶାନ୍ତି କଥାବାର୍ତ୍ତର ୪୮ ଘଣ୍ଟା ପରେ ହିଁ ଗୁଳିବିନିମୟ ହୋଇଥିଲା । ଡିସେମ୍ବର ୨ରୁ ୪ ମଧ୍ୟରେ ସାଉଦି ଆରବରେ ଦୁଇ ଦେଶ ମଧ୍ୟରେ ଏହି ଶାନ୍ତି ଆଲୋଚନା ହୋଇଥିଲା ।

## ଦିଲ୍ଲୀ ଦୋକାନରେ ଲାଗିଲା ନିଆଁ: ଶ୍ୱାସରୁଦ୍ଧ ହୋଇ ଦମ୍ପତି ମୃତ

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ଦିଲ୍ଲୀର ଟିକ୍ରି କଲାନ ଅଞ୍ଚଳରେ ଏକ ଦୋକାନରେ ନିଆଁ ଲାଗିବା ଫଳରେ ଶ୍ୱାସରୁଦ୍ଧ ହୋଇ ଏକ ଦମ୍ପତି ମୃତ୍ୟୁବରଣ କରିଛନ୍ତି । ଉତ୍ତରପ୍ରଦେଶର ଶାହାଜାନପୁର ୩୧ ବର୍ଷୀୟ ବିନିତ ଓ ତାଙ୍କ ୨୯ ବର୍ଷୀୟ ପତ୍ନୀ ରୀନା ନିଆଁରୁ ବର୍ତ୍ତିବା ପାଇଁ ଶଟରକୁ ପକାଇ ଦେଇଥିଲେ । କିନ୍ତୁ ବିଜୁଳି କରେଣ୍ଟ ଦ୍ୱାରା ଫସି ଯାଇଥିଲେ । ପ୍ରବଳ ଧୂଆଁ ଯୋଗୁଁ ଶ୍ୱାସରୁଦ୍ଧ ହେବା କାରଣରୁ ଦୁହେଁ ମୃତ୍ୟୁବରଣ କରିଛନ୍ତି ।

# ବିଶ୍ୱରେ ବ୍ୟାପୁଛି କର୍କଟ; ତୃତୀୟ ସ୍ଥାନରେ ଭାରତ

## ତମାଖୁ, ପ୍ରଦୂଷଣ, ଜୀବନଶୈଳୀ ହିଁ ମୁଖ୍ୟ କାରଣ

ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଭାରତ ଏହି କ୍ରମରେ ବିଶ୍ୱରେ ତୃତୀୟ ସ୍ଥାନରେ ରହିବା ଚିନ୍ତା ସୃଷ୍ଟି କରିଛି । ଗତବର୍ଷ ତୁଳନାରେ କର୍କଟ ରୋଗ ମାମଲାରେ ଯଥେଷ୍ଟ ବୃଦ୍ଧି ଘଟିଛି । ଭାରତରେ ଦ୍ରୁତଗତିରେ କର୍କଟ ବୃଦ୍ଧିପାଇବାରେ ଲାଗିଛି । ଲୋକସଭାରେ ସରକାର ଏନେଇ ଏକ ଚିନ୍ତାଜନକ ପରିସଂଖ୍ୟାନ ଉପସ୍ଥାପନ କରିଛନ୍ତି । ଅନ୍ତର୍ଜାତୀୟ କର୍କଟ ଗବେଷଣା ସଂସ୍ଥା ଗ୍ଲୋବାଲ କ୍ୟାନସର ଆଡଭାଇଜରୀ (ଆଇଏଆର୍‌ସି) ଦେଇଥିବା ସୂଚନା ଅନୁସାରେ ଭାରତରେ ୧୪, ୧୩, ୩୧୬ (ପ୍ରତି ଏକ ଲକ୍ଷ ଲୋକସଂଖ୍ୟାରେ ୯୮.୫) କର୍କଟ ମାମଲା ରହିଛି । କର୍କଟ ମାମଲା ସଂଖ୍ୟାରେ ଚୀନ ପ୍ରଥମ ସ୍ଥାନରେ ରହିଥିବା ବେଳେ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଛି । ଚୀନ୍‌ରେ ୪୮, ୨୪, ୭୦୩ (ପ୍ରତି ଏକ ଲକ୍ଷରେ ୨୦୧.୬) ଓ ଆମେରିକାରେ ୨୩, ୮୦, ୧୮୯ (ପ୍ରତି ଏକ ଲକ୍ଷରେ ୩୬୭) କର୍କଟ ମାମଲା ଦେଖିବାକୁ ମିଳିଛି । ୨୦୨୦ରେ ଭାରତରେ ଆନୁମାନିକ ୧୩.୯୨ ଲକ୍ଷ କର୍କଟ ମାମଲା ଚିହ୍ନଟ ହୋଇଛି । ୨୦୨୪ରେ ଏହା ବୃଦ୍ଧି ପାଇ ୧୫.୩୩ ଲକ୍ଷରେ ପହଞ୍ଚିଛି । ଅର୍ଥାତ ମାତ୍ର ୫ ବର୍ଷ ମଧ୍ୟରେ ଏହି ମାମଲରେ ୧୦ ପ୍ରତିଶତ ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇଛି ।

ରାଜ୍ୟଗୁଡିକୁ ବିଚାର କଲେ ଛୋଟ ଛୋଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ମାମଲା ଦ୍ରୁତଗତିରେ ବୃଦ୍ଧି ପାଇଛି । ତେବେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ବିହାର ଭଳି ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ସବୁଠାରୁ ଅଧିକ ରହିଛି । କର୍କଟ ରୋଗୀ ସଂଖ୍ୟା ଉତ୍ତରପ୍ରଦେଶରେ ୨.୨୧, ମହାରାଷ୍ଟ୍ରରେ ୧.୨୭, ପଶ୍ଚିମବଙ୍ଗରେ ୧.୧୮ ଓ ବିହାରରେ ୧.୧୫ ଲକ୍ଷ ବୋଲି କୁହାଯାଇଛି । ସରକାରୀ ପରିସଂଖ୍ୟାନ ଅନୁଯାୟୀ ଡାମନରେ କର୍କଟ ମାମଲା ୩୯.୫୧ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଏହା ଦାଦ୍ରା ଓ ନଗର ହାବେଳୀରେ ଏହା ୩୦.୦୯, ସିକ୍କିମରେ ୨୬.୦୬, ଲକ୍ଷାଦୀପରେ ୧୮.୫୨ ଓ ମଣିପୁରରେ ୧୮.୪୮ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଦିଲ୍ଲୀ, ହାରିୟାଣା, ଝାଡଖଣ୍ଡ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକରେ ଏହି ମାମଲାରେ ୧୦ ପ୍ରତିଶତ ବୃଦ୍ଧି ହୋଇଛି ।

ତମାଖୁ ସେବନ, ପ୍ରଦୂଷଣ, ଦୈନନ୍ଦିନ ଜୀବନ ଶୈଳୀ କାରଣରୁ କର୍କଟ ବୃଦ୍ଧି ପାଇଛି ବୋଲି କୁହାଯାଇଛି । ୨୦୨୦ରୁ ୨୦୨୪ ମଧ୍ୟରେ ଏହି ମାମଲର ହାରରେ ବୃଦ୍ଧି ଦେଖିବାକୁ ମିଳିଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ନୂଆ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି । ଏବେ ଏହା ଦେଶ ପାଇଁ ଏକ ବଡ଼ ତଥା ସ୍ଥାୟୀ ବିପଦ ଓ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ଆଗାମୀ କିଛି ବର୍ଷ ମଧ୍ୟରେ ଏଥିରେ ଆହୁରି ବୃଦ୍ଧି ଘଟିବ ବୋଲି ଆଶଙ୍କା କରାଯାଉଛି । କର୍କଟର ନିରାକରଣ ପାଇଁ ସ୍କାନିଂ, ଚିକିତ୍ସା ତଥା ଉପଚାର ଏବ ବ୍ୟାପକ ରଣନୀତିର ଆବଶ୍ୟକତା ରହିଛି ।



### ରାଜ୍ୟରେ ମାନବ ଚାଲାଣ ପ୍ରସଙ୍ଗକୁ ନେଇ ଉଦ୍‌ବେଗ

# ଗୃହରେ ଉପ-ମୁଖ୍ୟମନ୍ତ୍ରୀ ବିବୃତି ରଖିବାକୁ ବାଚସ୍ପତି ଦେଲେ ରୁଲିଂ

ଭୁବନେଶ୍ୱର,୬।୧୨(ସମିସ): ମାନବଚାଲାଣ ଓ ଶିଶୁ ନିର୍ଯାତନାକୁ ନେଇ ଶନିବାର ଶୂନ୍ୟକାଳରେ ଗୃହରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ବିଜେଡି ବିଧାୟକ। ରାଜ୍ୟରେ ଏଭଳି ମାନବଚାଲାଣ ଚାଲିଛି ଯାହା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଉଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି।

ପ୍ରମିଳା କହିଲେ, ରାଉରକେଲାର ସେକ୍ଟର-୩ ଓ ୪ରୁ ନାବାଳିକାଙ୍କୁ ରାଜସ୍ଥାନରେ ବିକ୍ରି କରାଯାଇଛି। ସେଠାରେ ସେମାନଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଛି। ଏହାକୁ ରୋକିବା ପାଇଁ କ'ଣ ନିୟମ ରହିଛି। ସରକାର ଏଥିପାଇଁ କିଛି ନିୟମ କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଏ ରାଜ୍ୟରେ ଶିଶୁମାନେ ବି ସୁରକ୍ଷିତ ନୁହେଁ। ନୀଳଗିରିର ଏକ ହଷ୍ଟେଲରେ ଜଣେ ଛାତ୍ରକୁ ଶିକୁଳିରେ ବାନ୍ଧି ଶିକ୍ଷକ ବାହାରକୁ ଚାଲିଗଲେ। ଏଯାଏ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଶିଶୁ ଉପରେ ଅତ୍ୟାଚାର ଯୋଗୁଁ ଭବିଷ୍ୟତ ପିଢ଼ି ସୁରକ୍ଷିତ ନୁହନ୍ତି। ୨୦୦୮-୦୯ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଝିଅମାନେ ବାହାରକୁ ଯିବା ପାଇଁ ଏକ ସ୍ୱତନ୍ତ୍ର ନିୟମ ଆଣିଥିଲେ। ବାହାରକୁ ଯିବାକୁ ହେଲେ ତହସିଲଦାର, ସିଡିପିଓଙ୍କ ଅନୁମତି ଆଣିବାକୁ ସେତେବେଳେ ନିୟମ କରାଯାଇଥିଲା। ଏହି ନିୟମ ଏବେ ପାଳନ ହେଉଛି କି ନାହିଁ, ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଥିଲେ। ମାନବଚାଲାଣ, ମହିଳା-ଶିଶୁ ଚାଲାଣ ଓ ଅତ୍ୟାଚାର କିପରି ରୋକାଯାଇପାରିବ, ସେନେଇ ଗୃହରେ ଉପମୁଖ୍ୟମନ୍ତ୍ରୀ ବିବୃତି ରଖନ୍ତୁ। ଏନେଇ ବାଚସ୍ପତି ରୁଲିଂ ଦେବାକୁ ସେ ଦାବି କରିଥିଲେ।

ଏହାକୁ ଆଧାର କରି ବାଚସ୍ପତି ସୁରମା ପାଢ଼ୀ ଚଳିତ ଅଧିବେଶନ ଭିତରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ସମ୍ବନ୍ଧରେ ତର୍ଜମା କରି ଗୃହରେ ବିବୃତି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି, ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଉପରେ ବଢ଼ୁଥିବା ନିର୍ଯାତନାକୁ ନେଇ ଗୃହରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଥିଲେ, ନିକଟରେ କ୍ରମାଗତ ଭାବେ ଏ ସମ୍ପର୍କିତ ୩ଟି ଘଟଣା ସାମ୍ନାକୁ ଆସିଲାଣି। ଦଶପଲ୍ଲାରେ ଏକ ଘରୋଇ ସ୍କୁଲରେ ଜଣେ ଅଷ୍ଟମ ଛାତ୍ରକୁ ଦଶମ ଛାତ୍ର ରାଗିଂ କରିଛନ୍ତି। ସ୍କୁଲକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳ କହୁଥିବା ବେଳେ ଏହାକୁ ସୁନିଶ୍ଚିତ କରାଯାଉ ବୋଲି ସେ ଦାବି କରିଥିଲେ।

# ଗାନ୍ଧୀ ମାର୍ଗରେ ଗର୍ଜିଲେ ଏସ୍‌ଏସ୍‌ବି ଅଧ୍ୟାପକ

ଭୁବନେଶ୍ୱର, ୬।୧୨(ସମିସ): ସମାନ କାମକୁ ସମାନ ଦରମା ଦେଉନାହାନ୍ତି ସରକାର। ବାରମ୍ବାର ଦାବି କରୁଥିଲେ ମଧ୍ୟ କର୍ଣ୍ଣପାତ କରୁ ନାହାନ୍ତି। ସରକାରଙ୍କ ବୈମାତୃକ ମନୋଭାବକୁ ଆଉ ସହିବୁ ନାହିଁ, ନିର୍ଣ୍ଣାୟକ ଲଢ଼େଇ ଲଢ଼ିବୁ। ରାଜ୍ୟର ୪୮୮ ବର୍ଗ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ କାର୍ଯ୍ୟରତ ଏସ୍‌ଏସ୍‌ବି ଅଧ୍ୟାପକମାନେ ଏପରି ଭାବେ ଶନିବାର ବିଧାନସଭା ସମ୍ମୁଖରେ ନିଜର କ୍ଷୋଭ ବ୍ୟକ୍ତ କରିଛନ୍ତି।

- 'ସମାନ କାମକୁ ସମାନ ଦରମା ଦିଅ'
- ତ୍ୱରିତ ଦାବି ପୂରଣ ନ କଲେ +୨ ପରୀକ୍ଷା ବର୍ଜନ ଚେତାବନୀ

ରାଜ୍ୟ ଏସ୍‌ଏସ୍‌ବି ସଂଘ "ଓସଲା' ପକ୍ଷରୁ କୁହାଯାଇଛି ଯେ, କଲେଜରେ ଅଧ୍ୟାପନା କରୁଥିଲେ ମଧ୍ୟ ହାଇସ୍କୁଲ୍ ଶିକ୍ଷକଙ୍କ ପରି ଦରମା ପାଉଛନ୍ତି। ସରକାରୀ ମହାବିଦ୍ୟାଳୟର ଅଧ୍ୟାପକଙ୍କ ପରି ସମାନ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କୁ ପ୍ରାଧ୍ୟାପକର ମାନ୍ୟତା କିମ୍ବା ସେହି ଆଧାରରେ ଦରମା ପ୍ରଦାନ କରାଯାଉ ନାହିଁ। ଏହା ସେମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ବୋଲି ଅଭିଯୋଗ କରିବା ସହ ତୁରନ୍ତ ସେମାନଙ୍କୁ ୬ହଜାର ଗ୍ରେଡ ପେ' ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହାସହ ଘରଭଡା, ଅବସରକାଳୀନ ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ସରକାରୀ ସୁବିଧା, ପ୍ରାଧ୍ୟାପକ ମାନ୍ୟତା, ଅଧ୍ୟାପିକାଙ୍କୁ ସ୍ୱତନ୍ତ୍ର ଛୁଟି ଏବଂ ତୁରନ୍ତ ପଦୋନ୍ନତି ଦେବା ପାଇଁ ସଂଘ ପକ୍ଷରୁ ମୋଟ୍ ୭ ଦଫା ଦାବିରେ ଆନ୍ଦୋଳନ କରାଯାଇଛି। ସଂଘର ଦିଆଯାଇଛି। ଏଣୁ ସେମାନଙ୍କୁ ୬ହଜାର ଗ୍ରେଡ୍-ପେ' ପ୍ରଦାନ କରିବାକୁ ଦାବି କରିଛନ୍ତି। ସେମାନଙ୍କ ଦାବିକୁ ତୁରନ୍ତ ସମାଧାନ କରା ନ ଗଲେ ସେମାନେ ଯୁକ୍ତ ଦୁଇ ପରୀକ୍ଷା ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ




କାର୍ଯ୍ୟକାରୀ ସଭାପତି ମାନସ କୁମାର ସାହୁ କହିଛନ୍ତି ଯେ ୧୯୮୯ରେ ନିଯୁକ୍ତ ଏସ୍‌ଏସ୍‌ବି ଅଧ୍ୟାପକଙ୍କୁ ସରକାରୀ କଲେଜ ଅଧ୍ୟାପକଙ୍କ ପରି ସମାନ ଦରମା ମିଳୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କ ଗ୍ରେଡ ପେ'କୁ କମାଇ ସଂଘର ସମ୍ପାଦକ ଗୌରବ ଶର୍ମାଙ୍କ ସମେତ ଯୁଗ୍ମ ସମ୍ପାଦକ ତୁଳସୀ ରାଉତ, କୋଷାଧ୍ୟକ୍ଷ ଡ. ଗୟାଧର ମଲ୍ଲିକ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ତଥାଗତ ରାଉତ ପ୍ରମୁଖ ବିକ୍ଷୋଭର ପରିଚାଳନା କରିଥିବାବେଳେ ବହୁ ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇଛନ୍ତି।

# ମୁଣ୍ଡ ଉପରେ ଚଢ଼ିଗଲା ଟ୍ରେଲର୍; ୨ ମୃତ

ବଣାଇଁ, ୬।୧୨(ସମିସ): ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ବାରକୋଟ ରାଜାମୁଣ୍ଡା ୧୪୩ ନମ୍ବର ଜାତୀୟ ରାଜପଥର ଗମଲେଇ ଛକ ନିକଟରେ ଏକ ଟ୍ରେଲର୍ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଟିକ୍ରାପୋଷ ଗ୍ରାମର ଲକ୍ଷ୍ମୀଧର କିସାନ (୩୪) ଏବଂ ଝସକେତନ କିସାନ(୪୭)। ଦୁହେଁ ଏକ ବାଇକ୍‌ରେ ଗମଲେଇ ସାପ୍ତାହିକ ହାଟକୁ ଛେଳି କିଣିବାକୁ ଯାଉଥିଲେ। ଏହି ସମୟରେ ପଛପଟୁ ଲୁହାବିମ୍ ବୋଝେଇ ହୋଇଥିବା ଏକ ଟ୍ରେଲର୍ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଉଭୟ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ଟ୍ରେଲରଟି ସେମାନଙ୍କ ମୁଣ୍ଡ ଉପରେ ମାଡ଼ି ଯାଇଥିଲା। ଲହୁଣୀପଡ଼ା ପୁଲିସ ପହଞ୍ଚି ଉଭୟଙ୍କ ଶବକୁ ଉଦ୍ଧାର କରି ବ୍ୟବଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଛି। ପୁଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତ କରିବା ସହ ଚାଳକକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

# ନିଶାଡ଼ି ମା'କୁ ଠେଙ୍ଗାରେ ପିଟି ହତ୍ୟା

ମାଥିଲି, ୬।୧୨(ସମିସ): ମଦ ପିଇ ଘରେ ବିଶୃଙ୍ଖଳା କରିବାରୁ ମା'କୁ ଠେଙ୍ଗାରେ ପିଟିପିଟି ମାରିଦେଲା ସାନପୁଅ। ଏଭଳି ଏକ ଅଭାବନୀୟ ଘଟଣା ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତ ବଡାଗୁଡ଼ାରେ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ଦାନେ ଭୁମିଆ। ସୂଚନାନୁଯାୟୀ, ଦାନେ ପ୍ରତିଦିନ ମଦ ପିଇ ଘରକୁ ଆସି ବିଶୃଙ୍ଖଳା ସୃଷ୍ଟି କରେ। ସାନପୁଅ ମତିସିଂହ ଭୂମିଆ(୨୨) ମା'କୁ ମଦ ନ ପିଇବା ପାଇଁ ବାରମ୍ବାର ବାରଣ କରିଆସୁଥିଲା। କିନ୍ତୁ ଦାନେ ଶୁଣୁନଥିଲା। ଆଜି ମଧ୍ୟ ଦାନେ ମଦ ପିଇ ଘରକୁ ଆସି ବିଶୃଙ୍ଖଳା ସୃଷ୍ଟି କରିବାରୁ ମା'-ପୁଅ ମଧ୍ୟରେ ବହୁ ସମୟ ଧରି ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମତିସିଂହ ଘରେ ଥିବା ଏକ ଠେଙ୍ଗାରେ ପିଟିପିଟି ଦାନେଙ୍କୁ ହତ୍ୟା କରିଥିଲା। ମାଥିଲି ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ମତିସିଂହକୁ ଗିରଫ କରିଛି।

### ପୋଷା ନେଉଳ ହତ୍ୟାର ପ୍ରତିଶୋଧ

# ବୃଦ୍ଧଙ୍କୁ ଖଣ୍ଡାରେ ହାଣିଦେଲା ନାବାଳକ

କବିସୂର୍ଯ୍ୟନଗର,୬।୧୨(ସମିସ): ନେଉଳ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ବୃଦ୍ଧଙ୍କୁ ଖଣ୍ଡାରେ ହାଣି ମାରିଦେଲା ନାବାଳକ। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗାଁରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, କୃଷ୍ଣଚନ୍ଦ୍ର ମହାନ୍ତି(୭୨)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ନାବାଳକକୁ ଅଟକ ରଖିଛି।

ସୂଚନାନୁଯାୟୀ, କୃଷ୍ଣଚନ୍ଦ୍ର ଶୁକ୍ରବାର ଦୋକାନରୁ ଚିକେନ୍ କିଣି ଆଣି ରୋଷେଇ ପାଇଁ ଘରେ ରଖିଥିଲେ। ଏହି ସମୟରେ ପଡ଼ିଶା ଘରର ଏକ ପୋଷା ନେଉଳ ଆସି ଚିକେନ୍ ଖାଇ ଦେଇଥିଲା। ଏ ସଂପର୍କରେ କୃଷ୍ଣଚନ୍ଦ୍ର ପଡ଼ୋଶୀଙ୍କୁ ତାଗିଦ୍ କରିଥିଲେ। କିନ୍ତୁ ଶନିବାର ସକାଳେ ପୁଣି ନେଉଳଟି ବୃଦ୍ଧଙ୍କ ଘରେ ପଶିଥିଲା। କୃଷ୍ଣଚନ୍ଦ୍ର ତା' ଉପରକୁ ଏକ ଠେଙ୍ଗା ପକାଇଥିଲେ। ଏଥିରେ ନେଉଳଟିର ମୃତ୍ୟୁ ଘଟିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନେଉଳ ପୋଷିଥିବା ୧୫ବର୍ଷୀୟ ନାବାଳକ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଘରେ ଥିବା ଏକ ଖଣ୍ଡା ଆଣି କୃଷ୍ଣଚନ୍ଦ୍ରଙ୍କ ମୁଣ୍ଡକୁ ହାଣି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ରଙ୍କ ବୋହୂ ନିବାସିନୀ ମହାନ୍ତିଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁକରି ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ବେକରେ ରଶି ବାନ୍ଧି ଗାଁ ଦାଣ୍ଡରେ ଘୋଷାଡ଼ିଲେ

ବାଲେଶ୍ୱର, ୬।୧୨ (ସମିସ): ଯୁବକଙ୍କ ବେକରେ ରଶି ଲଗାଇ ଗାଁ ଦାଣ୍ଡରେ ଘୋଷାଡ଼ିଲେ। ୧୦୦ କି ୨୦୦ ମିଟର ନୁହେଁ, ଦୀର୍ଘ ୨କିମିରୁ ଊର୍ଦ୍ଧ୍ୱ ବାଟ ସେମିତି ଘୋଷାଡ଼ି ଘୋଷାଡ଼ି ନେଲେ। ମଝିମଝିରେ ତାଙ୍କୁ ରାସ୍ତାରୁ ଉଠାଇ ମିଳିମିଶି ଗୋଇଠା, ବିଧା, ଚାପୁଡ଼ା ବି ମାରିଲେ। ସେତିକିରେ ମନ ଶାନ୍ତି ହେଲାନି ଯେ ଏପରି ଅକଥନୀୟ

## ଅଚେତ ଯୁବକଙ୍କୁ ଫାଣ୍ଡି ଆଗରେ ଫିଙ୍ଗିଦେଲେ

## ଭିଡିଓ ଭାଇରାଲ; ଥାନାରେ ମାମଲା



ନିର୍ଯାତନା ସହି ନପାରି ଚେତାଶୂନ୍ୟ ହୋଇଯିବା ପରେ ଯୁବକଙ୍କୁ ଫାଣ୍ଡି ଆଗରେ ଫିଙ୍ଗି ଦେଇ ଚାଲିଆସିଲେ। ବାଲେଶ୍ୱର ଜିଲ୍ଲା ସଦର ଥାନା ଅନ୍ତର୍ଗତ ପରିଖି ଫାଣ୍ଡି ଅଧୀନରେ ଘଟିଥିବା ଏଭଳି ଏକ ବର୍ବରୋଚିତ ଘଟଣା ବାଲେଶ୍ୱର ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହାର ଏକ ଭିଡିଓ ଏବେ ଜୋରସୋର୍‌ରେ ଭାଇରାଲ ହେବାରେ ଲାଗିଛି। ଏପରି ଅମାନୁଷିକ ନିର୍ଯାତନାର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ପରିଖି ଅଞ୍ଚଳର ଦେବାଶିଷ ହାତୀ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଛି। ହସ୍ପିଟାଲ ବେଡ୍‌ରେ ସେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏ ସଂପର୍କରେ ଦେବାଶିଷଙ୍କ ପତ୍ନୀ ସଦର ଥାନାରେ ଅଭିଯୋଗ କରିବାରୁ ପୁଲିସ ନମ୍ବର

### ମରିଗଲାଣି ମାନବିକତା

୫୭୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିନ୍ତୁ ଏହି ଘଟଣାକୁ ୪ଦିନ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ।

ସୂଚନାନୁଯାୟୀ, ଗତ ୩ ତାରିଖ ଅପରାହ୍ଣ ସାଢ଼େ ୩ଟାରେ ପରିଖି ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ଯେ କିଛି ଗ୍ରାମବାସୀ ଦେବାଶିଷଙ୍କ ବେକ ଓ ଦେହରେ ରଶି ବାନ୍ଧି ତାଙ୍କୁ ଗାଁ ଦାଣ୍ଡରେ ଘୋଷାଡ଼ି ଘୋଷାଡ଼ି ନେଉଛନ୍ତି। ମଝି ରାସ୍ତାରେ ତାଙ୍କୁ ବିଧା ଗୋଇଠା ମାରିବା ସହ ପୁଣି ତାଙ୍କୁ ବାଇକ୍‌ରେ ବସାଇ ନେଇ ଯାଉଛନ୍ତି। ଏହି ଘଟଣାର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଜମିଜମା ବିବାଦରୁ ଘଟିଥିବା କୁହାଯାଉଛି। କମ୍ ଦାମରେ ଜମି କିଣିବା ପାଇଁ ଗାଁର କିଛି ଲୋକ ଦେବାଶିଷଙ୍କୁ ବାଧ୍ୟ କରୁଥିଲେ। ସେ ରାଜି ନ ହେବାରୁ ତାଙ୍କ ଜମିକୁ ନଷ୍ଟ କରିବା ପରେ ତାଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ଅଚେତ ଅବସ୍ଥାରେ ପରିଖି ଫାଣ୍ଡି ସମ୍ମୁଖରେ ଛାଡ଼ି ପଳାଇ ଯାଇଥିଲେ।

ଏହି ଘଟଣାକୁ ନେଇ ଅତିରିକ୍ତ ଏସ୍‌ପି ଦିବ୍ୟଜ୍ୟୋତି ନାୟକ କହିଛନ୍ତି, ସଦର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେଉଁ ପରିସ୍ଥିତିରେ ଓ କେଉଁମାନେ ଏହି ଘଟଣା ଘଟାଇଛନ୍ତି, ତାହାକୁ ନେଇ ଖୋଳତାଡ଼ ଚାଲିଛି। ଖୁବ୍‌ଶୀଘ୍ର ଅପରାଧୀମାନଙ୍କୁ ଧରାଯିବ। ସେହିପରି ଫାଣ୍ଡି ପରିସରରେ ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ଫିଙ୍ଗିଦେଇ ପଳାଇବା ଘଟଣାକୁ ନେଇ ସ୍ଥାନୀୟ ପୁଲିସର ଭୂମିକା ଉପରେ ମଧ୍ୟ ତଦନ୍ତ କରାଯିବ। ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ



କରଞ୍ଜିଆ/ଶୁକ୍ରୁଳି, ୬।୧୨(ସମିସ): ଶନିବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଜାମଦାପାଳ ଗ୍ରାମର ଜୁନା ନାଏକ(୨୩)। କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣରେ ହାତୀମାନଙ୍କ ଚଳପ୍ରଚଳ ଜାରି ରହିଛି। ଶୁକ୍ରବାର ରାତିରେ ପାର୍ବତୀପୁର ଗ୍ରାମର ଆମ୍ବ ବଗିଚାକୁ ଜୁନା ଯାଇଥିବା ବେଳେ ହଠାତ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଖବର ପାଇ ବନବିଭାଗ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଶୁକ୍ରୁଳି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ କେନ୍ଦୁଝର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

DSPL-398

सत्यमेव जयते

## ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ବାର୍ତ୍ତା



ସଶସ୍ତ୍ର ବାହିନୀ ପତାକା ଦିବସ ୨୦୨୫ ଡିସେମ୍ବର ୭ ତାରିଖରେ ପାଳନ ଅବସରରେ ମୁଁ ସଶସ୍ତ୍ର ବାହିନୀର ସମସ୍ତ ପଦାଧିକାରୀ ଏବଂ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି ।

ସଶସ୍ତ୍ର ବାହିନୀ ସର୍ବଦା ଆମ ମାତୃଭୂମିର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବାରେ ସାହସ, ବୀରତ୍ୱ ଏବଂ ଦେଶପ୍ରେମ ପ୍ରଦର୍ଶନ କରିଛି । ଅନେକ ସାହସୀ ଏବଂ ବୀର ସୈନିକ ଆମ ଜାତିର ସେବାରେ ସେମାନଙ୍କର ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଅପରେସନ୍ ସିନ୍ଦୁର ସମୟରେ ଆମର ସଶସ୍ତ୍ର ବାହିନୀ ପୁଣି ଥରେ ଅତୁଳନୀୟ ସମର୍ପଣ, ବୀରତ୍ୱ ଓ ନିଃସ୍ୱାର୍ଥପର ସେବା ପ୍ରଦର୍ଶନ କରିଛି, ଯାହା ଆମ ଲୋକଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଦାଖଲ କରିଛି । ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ପତାକା ଦିବସ ପାଣ୍ଠିରେ ଦାନ କରି ସାହସୀ କର୍ମଚାରୀମାନଙ୍କ ସହିତ ଆମର ଏକତାକୁ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରେ, ଯାହା ଯୁଦ୍ଧ ବିଧବା, ସହିଦଙ୍କ ସନ୍ତାନ, କର୍ତ୍ତବ୍ୟ ପାଳନ ସମୟରେ ଆହତ ହୋଇଥିବା ସାହସୀ ସୈନିକ ଏବଂ ପୂର୍ବତନ ସୈନିକଙ୍କ କଲ୍ୟାଣ ଏବଂ ପୁନର୍ବାସକୁ ସହାୟତା କରିବ ।

ଏହି ପବିତ୍ର ଅବସରରେ ମୁଁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରୁଛି ଯେ ସେମାନେ ଏହି ମହାନ କାର୍ଯ୍ୟରେ ଉଦାରତାର ସହିତ ଯୋଗଦାନ କରିବାକୁ ଆଗେଇ ଆସନ୍ତୁ, ଯାହା ଆମର ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଜୀବନକୁ ବଳିଦାନ ଦେଇଥିବା ବୀର ସୈନିକଙ୍କ ପ୍ରତି ଆମର ସାମୂହିକ କୃତଜ୍ଞତା ଏବଂ ସମ୍ମାନର ଏକ ନିଦର୍ଶନ ହେବ ।

ଜୟ ହିନ୍ଦ୍ ।

(ହରି ବାବୁ କମ୍ଭମ୍ପାଟି)

## ବାର୍ତ୍ତା



ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୫ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଅମର ସୈନିକମାନଙ୍କ ପତ୍ନୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।

ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ବୀର ସୈନିକମାନଙ୍କର ବଳିଦାନ ଓ ତ୍ୟାଗ ଅବିସ୍ମରଣୀୟ । ନିକଟରେ ହୋଇଥିବା ଅପରେସନ୍ ସିନ୍ଦୁର, ସେମାନଙ୍କର ସାହସ ଏବଂ ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ପ୍ରମାଣ । ସେମାନେ କେବଳ ଆମକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରନ୍ତି ନାହିଁ ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ରୋକିବା ପାଇଁ ମଧ୍ୟ ଅମୂଲ୍ୟ ସେବା ପ୍ରଦାନ କରନ୍ତି । ମାତୃଭୂମିର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦ ମାନଙ୍କୁ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା, ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କ ପ୍ରତି ଆନ୍ତରିକ ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଏବଂ ପୁନଃ ଥଇଥାନ ନିମନ୍ତେ ସହାୟତା ଓ ସହଯୋଗ ପ୍ରଦାନ କରିବା ଏହି ଦିବସ ପାଳନର ମହତ ଉଦ୍ଦେଶ୍ୟ ।

ଏହି ଶୁଭ ଅବସରରେ ସମଗ୍ର ରାଜ୍ୟବାସୀଙ୍କୁ "ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠି"କୁ ମୁକ୍ତ ହସ୍ତରେ ଦାନ କରିବାକୁ ମୁଁ ଆହ୍ୱାନ କରୁଛି । ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ସେମାନଙ୍କ ବଳିଦାନକୁ ସମ୍ମାନ ଦେବା ଏବଂ ସେମାନେ ପ୍ରତିନିଧିତ୍ୱ କରୁଥିବା ସେବା ଏବଂ ଏକତାର ଭାବନାକୁ ବଜାଇ ରଖିବା ।

ଜୟ ହିନ୍ଦ୍ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0006/2526

## ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍ ଉଦ୍‌ଯାପିତ

# ରାଜସ୍ଥାନ ଦଳ ଚାମ୍ପିଅନ, ହରିଆଣା ରନର୍ସଅପ୍





**ସମ୍ବଲପୁର, ୬।୧୨ (ସମିସ)**

ସମ୍ବଲପୁରଠାରେ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ସିଏଫ୍‌ଆଇ) ଅଧିନରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଦ୍ୱାରା ଆୟୋଜିତ ୩୦ତମ ଜାତୀୟ ରୋଡ୍ ସାଇକ୍ଲିଂ ଚମ୍ପିଆନସିପ-୨୦୨୫ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ସିଏଫ୍‌ଆଇ)ର ସଚିବ ମନିନ୍ଦର ପାଲ ସିଂହ, ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଅଧ୍ୟକ୍ଷା ମିନତୀ ମହାପାତ୍ର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ପ୍ରାୟ ୧ ହଜାର ଖେଳାଳିଙ୍କ ମଧ୍ୟରେ ଭାରତୀୟ ସାଇକ୍ଲିଂର ଉତ୍କୃଷ୍ଟ ପ୍ରଦର୍ଶନ ଓ କଠିନ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ସାଇକ୍ଲିଂ ଚମ୍ପିଆନସିପ୍‌ରେ ରାଜସ୍ଥାନ ୯ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ସହ ସାମଗ୍ରିକ ବିଜେତା ହୋଇଥିଲା ବେଳେ ହରିଆଣା ୪ ସ୍ୱର୍ଣ୍ଣ, ୪ରୌପ୍ୟ ଓ ୩ଟି କାଂସ୍ୟ ପଦକପାଇ ଉପବିଜେତା ହୋଇଛି। ପୁରୁଷ ବର୍ଗରେ ଆରଏସପିବିର ବିଶ୍ୱଜିତ ସିଂହ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ସର୍ବଶ୍ରେଷ୍ଠ ପୁରୁଷ ଖେଳାଳି ଏବଂ ମହିଳା ବର୍ଗରେ ରାଜସ୍ଥାନର ଅଞ୍ଜଳି ଜାଖର ୩ଟି ସ୍ୱର୍ଣ୍ଣ ପଦକ ହାସଲ କରି ସର୍ବଶ୍ରେଷ୍ଠ ମହିଳା ଖେଳାଳି ଏବଂ ଗୁଜରାଟ ଦଳ ବେଷ୍ଟ ଫେୟର୍ ପ୍ଲେ ଟିମ୍ ଭାବେ ବିବେଚିତ ହୋଇଛନ୍ତି।

ଜାତୀୟ ସାଇକ୍ଲିଂ ଚମ୍ପିଆନସିପ୍‌ରେ ରାଜସ୍ଥାନ ଶ୍ରେଷ୍ଠ ପ୍ରଦର୍ଶନ କରି ସର୍ବାଧିକ ୨୧ଟି ପଦକ (ସ୍ୱର୍ଣ୍ଣ ୯, ରୌପ୍ୟ ୯, କାଂସ୍ୟ ୩) ଜିତି ପ୍ରଥମ ସ୍ଥାନରେ ରହିଛି। ହରିୟାଣା ମୋଟ ୧୧ଟି ପଦକ (ସ୍ୱର୍ଣ୍ଣ ୪, ରୌପ୍ୟ ୪, କାଂସ୍ୟ ୩) ହାସଲ କରି ଦ୍ୱିତୀୟ ସ୍ଥାନ ଏବଂ ମହାରାଷ୍ଟ୍ର ମୋଟ ୧୨ଟି ପଦକ (ସ୍ୱର୍ଣ୍ଣ ୪, ରୌପ୍ୟ ୨, କାଂସ୍ୟ ୬) ହାସଲ କରି ତୃତୀୟ ସ୍ଥାନରେ ରହିଛି। ସେହିପରି ଆର୍‌ଏସ୍‌ପିବି ସର୍ବମୋଟ ୫ଟି ପଦକ (ସ୍ୱର୍ଣ୍ଣ ୩, ରୌପ୍ୟ ୧, କାଂସ୍ୟ ୧) ହାସଲ କରି ଚତୁର୍ଥ ସ୍ଥାନ ହାସଲ କରିଥିବା ବେଳେ କର୍ଣ୍ଣାଟକ ମୋଟ ୯ଟି ପଦକ (ସ୍ୱର୍ଣ୍ଣ ୨, ରୌପ୍ୟ ୩, କାଂସ୍ୟ ୪) ହାସଲ କରି ପଞ୍ଚମ ସ୍ଥାନରେ ରହିଛି। ଦିଲ୍ଲୀ ସର୍ବମୋଟ ୩ଟି (ସ୍ୱର୍ଣ୍ଣ ୨, କାଂସ୍ୟ ୧) ପଦକ ସହ ଷଷ୍ଠ ସ୍ଥାନ, ତାମିଲନାଡୁ ସର୍ବମୋଟ ୭ଟି (ସ୍ୱର୍ଣ୍ଣ ୧, ରୌପ୍ୟ ୨, କାଂସ୍ୟ ୪) ପଦକ ସହ ସପ୍ତମ ସ୍ଥାନ, ଓଡ଼ିଶା ମୋଟ ୩ଟି (ରୌପ୍ୟ ୨, କାଂସ୍ୟ ୧) ପଦକ ସହ ଅଷ୍ଟମ ସ୍ଥାନ, ପଞ୍ଜାବ ଗୋଟିଏ ରୌପ୍ୟ ପଦକ ସହ ନବମ ସ୍ଥାନ, ମଣିପୁର ୨ଟି କାଂସ୍ୟ ପଦକ ସହ ଦଶମ ସ୍ଥାନ ଏବଂ ବିହାର ଗୋଟିଏ ରୌପ୍ୟ ପଦକ ସହ ଏକାଦଶ ସ୍ଥାନରେ ରହିଛି। ଏହି ଚମ୍ପିଆନସିପ୍‌ରେ ପୁରୁଷ ଏଲିଟ, ମହିଳା ଏଲିଟ, କନିଷ୍ଠ, ଉପକନିଷ୍ଠ, ୨୩ ବର୍ଷରୁ କମ ଆଦି ବିଭିନ୍ନ ବର୍ଗରେ ମୋଟ ୭୫ଟି ପଦକ ଦିଆଯାଇଥିବା ବେଳେ ସେଥିରୁ ୨୫ ସ୍ୱର୍ଣ୍ଣ, ୨୫ ରୋପ୍ୟ ଓ ୨୫ କାଂସ୍ୟ ପଦକ ବିଭିନ୍ନ ରାଜ୍ୟ ଦଳ ହାସଲ କରିଛନ୍ତି।

ସାଇକ୍ଲିଂ ଚମ୍ପିଆନସିପ୍‌ରେ ଓଡ଼ିଶା ଦଳ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ସହ ଅଷ୍ଟମ ସ୍ଥାନରେ ରହିଛି। ଓଡ଼ିଶାର ସ୍ୱସ୍ତି ସିଂହ ମହିଳା ବ୍ୟକ୍ତିଗତ ୩୦ କିମି ସାଇକ୍ଲିଂ ରେସ୍‌ରେ ଏବଂ ମହିଳା ବ୍ୟକ୍ତିଗତ ଏଲିଟ୍ ବର୍ଗର ୩୦କିମି ସାଇକ୍ଲିଂ ରେସ୍‌ରେ ୨ଟି ରୌପ୍ୟ ପଦକ ପାଇଥିଲେ। ସ୍ନେହା ଦାସ, ସସ୍ମିତା ପଣ୍ଡା ଓ ପୂର୍ବାୟୀ ମହାନ୍ତି ଦଳୀୟ କନିଷ୍ଠ ବାଳିକା ବର୍ଗରେ ୨୦ କିମି ସାଇକ୍ଲିଂ ରେସ ଓଡ଼ିଶା ଦଳ କାଂସ୍ୟ ପଦକ ହାସଲ କରିଥିଲେ।

## ତେଲିପଡ଼ାରେ ପାଣି ସମସ୍ୟା

**କୁଚିଣ୍ଡା, ୬।୧୨(ସମିସ):** କୁଚିଣ୍ଡା ପଞ୍ଚାୟତ ସମିତି ଅଧିନସ୍ଥ ବାଉରିଗୋଡା ପଞ୍ଚାୟତର ତେଲିପଡ଼ାରେ ପାଣିରେ ଘୋର ସମସ୍ୟା ଦେଖିବାକୁ ମିଳୁଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ପାଇପ୍ ଯୋଗେ ଜଳ ଯୋଗାଣର ବ୍ୟବସ୍ଥା କରି ପ୍ରତି ୱାର୍ଡ ପଡ଼ାମାନଙ୍କରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି। ହେଲେ ବାଉରିଗୋଡା ତେଲିପଡ଼ାର ଷ୍ଟାଣ୍ଡପୋଷ୍ଟ ଗତ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଭାଙ୍ଗି ପଡ଼ିରହିଛି। ଉକ୍ତ ଷ୍ଟାଣ୍ଡପୋଷ୍ଟରୁ ମହିଳାମାନେ ବଡକଷ୍ଟରେ ପାଣି ସଂଗ୍ରହ କରି ଗରା, ବାଲଟିରେ ଭର୍ତ୍ତିକରି ନେଉଛନ୍ତି। ଏନେଇ ବାରମ୍ବାର ପଞ୍ଚାୟତରେ ଅଭିଯୋଗ କଲେ ମଧ୍ୟ ସ୍ଥାନୀୟ ସରପଞ୍ଚ କିମ୍ବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି କିମ୍ବା ମରାମତିର ନା ନେଇ ନଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଷ୍ଟାଣ୍ଡପୋଷ୍ଟ ବହୁ ଦିନ ହେବ ଭାଙ୍ଗି ପଡ଼ିରହି ଥିବା ବେଳେ ଉକ୍ତ ସ୍ଥାନରେ ଜମି ରହି ଥିବା ଦୂଷିତ ପାଣିକୁ ଲୋକ ବ୍ୟବହାର କରୁଛନ୍ତି। ତୁରନ୍ତ ତୁରନ୍ତ ମରାମତି କରି ପଡ଼ାବାସୀଙ୍କୁ ମାରାତ୍ମକ ରୋଗ ବ୍ୟାଧିରୁ ରକ୍ଷା କରାଯାଇ ପାରନ୍ତା ବୋଲି ଅଞ୍ଚଳବାସୀ ଦାବି କରନ୍ତି।



## ଜିଏମ୍‌ୟୁ ଇଂରାଜୀ ବିଭାଗରେ ଜାତୀୟ ସମ୍ମାନ

# 'ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି: ଏକ ଅନ୍ୱେଷଣ'

**ସମ୍ବଲପୁର, ୬।୧୨ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ ୫ ଓ ୬ ତାରିଖ ଦୁଇଦିନ ଧରି ଆଇଏସ୍‌ଏସ୍‌ଆର୍ ପ୍ରଯୋଜିତ ଜାତୀୟ ସମ୍ମାନ 'ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି : ଏକ ଅନ୍ୱେଷଣ' ଆୟୋଜିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରଫେସର, ଗବେଷକ, ସଂସ୍କୃତ କାର୍ଯ୍ୟକର୍ତ୍ତା ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ପ୍ରଥମ ଦିନ ଉଦ୍‌ଘାଟନୀ ସଭା ମା' ସମଲେଶ୍ୱରୀଙ୍କଠାରେ ଦୀପ ପ୍ରଜ୍ୱଳନ ଓ ବିଶ୍ୱବିଦ୍ୟାଳୟ ସଙ୍ଗୀତ ଗାନ ସହ ଆରମ୍ଭ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଇଏଫ୍‌ଏଲ୍‌ୟୁ ହାଇଦ୍ରାବାଦର ପ୍ରଫେସର ଅନନ୍ଦ ମହାନନ୍ଦ ଓ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲେ। ଇଂରାଜୀ ବିଭାଗ ମୁଖ୍ୟ ତଥା ସମ୍ମାନର ଆବାହକ ପ୍ରଫେସର ଡଃ ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଅଭିଭାଷଣରେ ସମ୍ମାନର ଉଦ୍ଦେଶ୍ୟ, ଗୁରୁତ୍ୱ ଓ ସହଭାଗିତା ବିଷୟରେ ଉଲ୍ଲେଖ କରିଥିଲେ। ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଉପକୁଳସଚିବ ଡଃ ଉମା ଚରଣ ପତି ଓ ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ, ଡଃ ବ୍ରହ୍ମାନନ୍ଦ ପାଢ଼ୀ, ଡଃ ପି.ଏମ ଶର୍ମା, ଯଶପାଲ କୌର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅଧିବେଶନ ସଂଯୋଜନା କରିଥିଲେ ଡଃ ସଞ୍ଚୟିତା ତ୍ରିପାଠୀ। ପ୍ରଫେସର ଅନନ୍ଦ ମହାନନ୍ଦଙ୍କ ଦ୍ୱାରା 'ରିଭିଜିଟିଂ ଆଦିବାସୀ ଫୋକ୍‌ଲୋର୍ : ଦ ପ୍ଲେସ ଅଫ୍ ନେଚର୍ ଇନ୍ ଆଦିବାସୀ ବିଲିଫ୍ ସିଷ୍ଟମ୍' ବିଷୟରେ ନିବନ୍ଧ ଉପସ୍ଥାପନ କରିଥିଲେ। ତାଙ୍କ ବକ୍ତବ୍ୟ ଆଦିବାସୀ ଆସ୍ଥା, ପ୍ରକୃତି ଓ ଲୋକ ପରମ୍ପରାଙ୍କ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରିଥିଲା। ଅଧିବେଶନ ଅଧ୍ୟକ୍ଷ ଥିଲେ ପ୍ରଫେସର କାଳିଦାସ ମିଶ୍ର ଏବଂ ସଂଯୋଜନା କରୁଥିଲେ ସଂସ୍କୃତି ପୂଜାରୀ।

ପ୍ରଥମ ଦିନର ଅଧିବେଶନ ପ୍ଲେନେରୀ ସେସନ୍ -୧ କ୍ରମରେ ଅଧାପନା ପ୍ରକୋଷ୍ଠ-୧ରେ ପ୍ରଫେସର କାମଦେବ ସାହୁ, ଦୀପକ ପଣ୍ଡା ଓ ଡ. ଅଜିତ କୁମାର କୁଲ୍ଲୁ ପ୍ରମୁଖ ଅଂଶୀଦାର ଭାବେ ଲୋକସଙ୍ଗୀତ, ବାଦ୍ୟଯନ୍ତ୍ର, ଡାଲଖାଇ ଓ ଦୁରାଁଙ୍ଗ ଉପରେ ଗବେଷଣା ପତ୍ର ଉପସ୍ଥାପନା କରିଥିଲେ। ସେହିପରି ନାରାୟଣୀ ପଣ୍ଡା ରିସୋର୍ସ ସେଣ୍ଟରରେ ଆଦିବାସୀ ସଂସ୍କୃତି, ଐତିହ୍ୟ, ନୃତ୍ୟ ପରମ୍ପରା ଓ ପାରମ୍ପରିକ ଖାଦ୍ୟ ପ୍ରଥା ଉପରେ ପତ୍ର ପ୍ରସ୍ତୁତି ହୋଇଥିଲା। ଅପରାହ୍ଣ ଅଧିବେଶନରେ ଅଧାପନା ପ୍ରକୋଷ୍ଠ-୧ରେ କୃଷିଜୀବନ, ହଳିଆ ଗୀତ, କଳାହାଣ୍ଡିର ବୋରିଆ ଗୀତ, କୀର୍ତ୍ତନ ଓ ଲୋକ ଔଷଧ ଉପରେ ଗବେଷଣା ପତ୍ର ପ୍ରସ୍ତୁତି ହୋଇଥିଲା। ନୂଆଁଖାଇ, କରମା ଉତ୍ସବ, ସଞ୍ଚାର ଓ ପାରମ୍ପରିକ ଖାଦ୍ୟ ପରମ୍ପରା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହି ସମୟରେ ଏକ ସେସନରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଗବେଷକମାନେ ଯୋଗଦେଇଥିଲେ। ପ୍ରଫେସର ଡ. କମଲ ଭଟ୍ଟାଚାର୍ଯ୍ୟ, ଡ. ମଧୁମିତା ଚକ୍ରବର୍ତ୍ତୀ, ଡ. ପ୍ରକାଶ ସି. ପଣ୍ଡା, ଡ. ଅବିନାଶ ମହାପାତ୍ର ଓ ଅନ୍ୟାନ୍ୟ ଅତିଥିମାନେ ଲୋକସଂସ୍କୃତିର ହସ୍ତାନ୍ତର, ପରିବେଶ ଓ ସ୍ମୃତି ବିଷୟରେ ଉପସ୍ଥାପନା କରିଥିଲେ।

ଦ୍ୱିତୀୟ ଦିନ ପୂର୍ବାହ୍ଣରେ ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନର ପ୍ରଫେସର ଅଂଶୁମାନ କରଙ୍କ ନିବନ୍ଧ ଉପସ୍ଥାପନ ଅତ୍ୟନ୍ତ ତତ୍ତ୍ୱଗତ ଓ ପ୍ରେରଣାଦାୟକ ଥିଲା। ଅଧିବେଶନର ଅଧ୍ୟକ୍ଷ ଥିଲେ ପ୍ରଫେସର ଆଲୋକା ପଟେଲ ଓ ସଂଯୋଜନା କରୁଥିଲେ ଋତମ୍ଭରା ମହାପାତ୍ର। ଅଧାପନା ପ୍ରକୋଷ୍ଠ -୧ରେ 'ଫୋକ୍ ଲିଟ୍‌ରେଚର୍, ମିଥ୍, ନେରେଟିଭ୍ ଆଣ୍ଡ ଆଇଡେନ୍‌ଟିଟି' ଶୀର୍ଷକ ଆଲୋଚନାରେ ସମ୍ବଲପୁର କଳା ପରିଷଦର ପ୍ରଫୁଲ୍ଲ ହୋତା, ଡ. ଦ୍ୱାରିକାନାଥ ନାୟକ, ଡ. ଶ୍ୟାମ ସୁନ୍ଦର ଧର ପ୍ରମୁଖ ଅଭିଭାଷଣ ରଖିଥିଲେ। ଧନୁଯାତ୍ରା, କନ୍ୟା ସମର୍ପଣ ଗୀତ ଓ ଅନ୍ୟାନ୍ୟ ପ୍ରଚଳିତ କାହାଣୀ ବିଷୟରେ ଗବେଷଣା ପତ୍ର ପ୍ରସ୍ତୁତି ହୋଇଥିଲା। ଏହାସହିତ ଶୀତଳଷଷ୍ଠୀ ପରମ୍ପରା, ମୁହୁରୀ ବାଦ୍ୟ, ସୟଲୋ ନୃତ୍ୟ, ଘୁମୁରା ଯୋଦ୍ଧାନୃତ୍ୟ ଓ ପଞ୍ଚବାଦ୍ୟ ଉପରେ ଆଲୋଚନା ହେଲା। ପରବର୍ତ୍ତୀ ଅଧିବେଶନରେ ସମ୍ବଲପୁରୀ ବସ୍ତ୍ର, ହବସପୁରୀ ବସ୍ତ୍ର, ବିସ୍ଥାପନ ଅନୁଭବ, ତନ୍ତ୍ର ପ୍ରଥା ଓ ଚଳଚ୍ଚିତ୍ର 'ଭୁଖା'ରେ ଦେଖାଯାଇଥିବା ଲୋକସଙ୍ଗୀତ ଉପରେ ଗବେଷକମାନେ ନିବନ୍ଧ ଉପସ୍ଥାପନ କରିଥିଲେ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆଜି ସଭା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡ. ନମ୍ରତା ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଇଂରାଜୀ ବିଭାଗର ଏହି ଜାତୀୟ ସମ୍ମାନରେ ମୋଟ ୬୦ରୁ ଅଧିକ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ଉପରୋକ୍ତ ସମ୍ମାନ ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି ଓ ପରମ୍ପରାକୁ ନୂଆ ଦୃଷ୍ଟିକୋଣରୁ ଅନ୍ୱେଷଣ କରିବାରେ ସାହାଯ୍ୟ କରିଛି।






## ପାୱାର କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର, ୬।୧୨ (ସମିସ):** ବୁର୍ଲା ବିଷ୍ଣୁପଡ଼ା ପାୱାର କେନାଲରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳାଙ୍କ ବୟସ ପ୍ରାୟ ୩୫ରୁ ୪୦ ବର୍ଷ ହେବ। ଗାଧୋଇବା ସମୟରେ ପାଣିରେ ଭାସି ଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଆଶଙ୍କା କରିଛି। ଖବର ଲେଖିବା ପର୍ଯ୍ୟନ୍ତ ମହିଳାଙ୍କ ପରିଚୟ ମିଳି ପାରିନାହିଁ। ବୁର୍ଲା ଭିମସାରକୁ ଆସିଥିବା କେହି ରୋଗୀଙ୍କ ସମ୍ପର୍କିୟ ଗାଧୋଇଥିବା ବେଳେ ଏହି ଅଘଟଣ ଘଟିଥିବା ପୁଲିସ ଅନୁମାନ କରିଛି।

## ୧୬କୁ ଘୁଞ୍ଚିଲା ହୋମଗାର୍ଡ ପରୀକ୍ଷା

**ସମ୍ବଲପୁର, ୬।୧୨(ସମିସ):** ସମ୍ବଲପୁରରେ ହେବାକୁ ଥିବା ହୋମଗାର୍ଡ(ଗୃହରକ୍ଷୀ) ପଦବୀ ପାଇଁ ଲିଖିତ ପରୀକ୍ଷା ଆସନ୍ତା ୧୬ ତାରିଖ ମଙ୍ଗଳବାରକୁ ଘୁଞ୍ଚିଛି। ପୂର୍ବରୁ ଏହି ପରୀକ୍ଷା ଆସନ୍ତା ୧୦ ତାରିଖ ହେବାର ଥିଲା। ପରୀକ୍ଷାକୁ ପୁନର୍ନିର୍ଦ୍ଧାରିତ କରି ୧୬ ତାରିଖକୁ କରାଯାଇଛି। ସକାଳ ୯ଟାରେ ପୂର୍ବନିର୍ଦ୍ଧାରିତ ସ୍ଥାନ ହୀରାକୁଦ ଏୟାର ଷ୍ଟ୍ରିପ ଜମାଦାରପାଲୀ ଠାରେ ଆୟୋଜିତ ହେବ। ତେଣୁ ପ୍ରାର୍ଥୀମାନେ ୧୦ ତାରିଖ ପରିବର୍ତ୍ତେ ୧୬ ତାରିଖରେ ଆସିବା ପାଇଁ ସମ୍ବଲପୁର ପୁଲିସ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

## ବାଇକ୍ ଧକ୍କାରେ ମୃତ୍ୟୁ ଘଟଣା, ଅଭିଯୁକ୍ତ ଗିରଫ

**କୁଚିଣ୍ଡା, ୬।୧୨ (ସମିସ):** ସମ୍ବଲପୁର ଜିଲ୍ଲା ବାମରା ନିକଟ ସାଧପଡ଼ା ଠାରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ଘଟଣାରେ ପୁଲିସ ବାଇକ୍ ଚାଳକକୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟାରେ ସାଧପଡ଼ାଗ୍ରାମର ରସାନନ୍ଦ କମାର ସାଧପଡ଼ା ଛକ ଠାରେ ରାସ୍ତା ପାରି ହେଉଥିବା ବେଳେ ଜଣେ ବାଇକ୍ ଆରୋହୀ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୁଲିସ ମାମଲା ରୁଜୁ କରି ଘଟଣା ର ତଦନ୍ତ ଆରମ୍ଭ କରିଥିବା ବେଳେ ଶୁକ୍ରବାର ଦିନ ବାଇକ୍ ଚାଳକ ରାଜଗାଙ୍ଗପୁର ଥାନା କୁଟୁନିଆ ଗ୍ରାମର ପାଣ୍ଡୁ ଲାକ୍ରାଙ୍କ ପୁଅ ଆଲୋକ ଲାକ୍ରାକୁ ଗୋବିନ୍ଦପୁର ପୁଲିସ ଗିରଫ କରି କୁଚିଣ୍ଡା କୋର୍ଟକୁ ଚାଲାଣ କରିଥିବା ଜଣାପଡ଼ିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାରାଧୀନ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରାଯାଇଛି। ଝିଓ ଶକ୍ତିଧର ରାଉତ ଘଟଣାର ତଦନ୍ତ ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପଟେ ଶୁକ୍ରବାର ଦିନ ଶବବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ୩ ନାବାଳକ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ତାଙ୍କୁ ଯଥା ସମ୍ଭବ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।


'ସକାଳ'ର ପଞ୍ଚମ ବାର୍ଷିକ
ସ୍ୱନକ୍ଷତ୍ର ଅବସରରେ
'ସକାଳ' ଏବଂ ନନ୍ଦିଘୋଷ ଟିଭି ପରିବାରକୁ
ଅନେକ ଅନେକ ଶୁଭକାମନା
କୋରୁକୋଣ୍ଡା ପଞ୍ଚାୟତ ସମିତି
ହିସାବ ରକ୍ଷକ, ତଥ୍ୟ ନିରୀକ୍ଷକ,
ମାଲକାନଗିରି


## ସମଲେଇ କରିଡର୍‌ରେ ନିୟମ ଉଲ୍ଲଂଘନ

# ଘରୋଇ ସଂସ୍ଥା ପୋତୁଛି ଖୁଣ୍ଟ

**ସମ୍ବଲପୁର, ୬।୧୨ (ସମିସ) :** ସମଲେଶ୍ୱରୀ ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ବିକାଶ ପ୍ରକଳ୍ପ 'ସମଲେଇ' (ସମଲେଶ୍ୱରୀ ମନ୍ଦିର କ୍ଷେତ୍ର ପରିଚାଳନା ଏବଂ ସ୍ଥାନୀୟ ଅର୍ଥନୈତିକ ପଦକ୍ଷେପ) ଆରମ୍ଭ ହେବା ସମୟରୁ ଏହି କରିଡର୍‌ରେ ଖୁଣ୍ଟ ପୋତାଯିବ ନାହିଁ ଏବଂ କେଉଁଠାରେ ହେଲେ ତାର ଝୁଲିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏହାସହ ୟୁଟିଲିଟି ସକାଶେ ଅଣ୍ଡରଗ୍ରାଉଣ୍ଡ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ଏହି କରିଡର ବାଲିବନ୍ଧାଠାରୁ ଆରମ୍ଭ ହୋଇ ସମଲେଶ୍ୱରୀ ମନ୍ଦିର ପରବର୍ତ୍ତୀ ସ୍ଥାନ କେଇଶହ ମିଟର ପର୍ଯ୍ୟନ୍ତ ରହିଛି। କିନ୍ତୁ ଏକ ଘରୋଇ ମୋବାଇଲ ସଂସ୍ଥା କିଛି ମାସ ତଳେ ଏଠାରେ ଖୁଣ୍ଟ ପୋତିବାକୁ ଯିବା ସମୟରେ ଅଞ୍ଚଳବାସୀ ଏହାକୁ ବିରୋଧ କରିବା ସହ ସମଲେଇ କରିଡର୍‌ରେ ଖୁଣ୍ଟ ପୋତିବା ଏବଂ ତାର ଝୁଲାଇବା ମନା ବୋଲି ଅବଗତ କରିଥିଲେ। କିନ୍ତୁ ସଂସ୍ଥା ପକ୍ଷରୁ ପୁଣି ଗାତ ଖୋଳାଯାଇ ଖୁଣ୍ଟ ପୋତାଯାଇଛି। ପୂର୍ବରୁ ସମଲେଶ୍ୱରୀ ମନ୍ଦିରରୁ ପାଟଣେଶ୍ୱରୀ ମନ୍ଦିର ମଧ୍ୟରେ ଖୁଣ୍ଟ ପୋତିଥିବା ଦେଖିବାକୁ ମିଳିଛି। ପୁଣି ସଂସ୍ଥା ପକ୍ଷରୁ କର୍ମଚାରୀମାନେ ମହାନଗର ନିଗମରେ ଏଥିପାଇଁ ଅର୍ଥ ପଇଠ କରିଥିବା କହୁଛନ୍ତି। କୋଟି କୋଟି ଟଙ୍କାରେ ସମଲେଶ୍ୱରୀ ମନ୍ଦିରର ବିକାଶ ଓ ସୌନ୍ଦର୍ଯ୍ୟକରଣ କରାଯାଇଥିବାବେଳେ ମହାନଗର ନିଗମ ପକ୍ଷରୁ ମାତ୍ର କେଇ ହଜାର ଟଙ୍କା ପାଇଁ ଖୁଣ୍ଟ ପୋତିବାକୁ ଦେବା ଏବଂ ସୌନ୍ଦର୍ଯ୍ୟ ନଷ୍ଟ କରିବା କେତେଦୂର ଯଥାର୍ଥ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ କହିଛନ୍ତି, ସମଲେଇ କରିଡରର ନିୟମ ଯାହା ରହିଛି ତାହାକୁ ଉଲ୍ଲଂଘନ କରାଯିବ ନାହିଁ। ଯଦି ଅନୁମତି ଦିଆଯାଇଛି ତାହା କେଉଁ ଆଧାରରେ ଦିଆଯାଇଛି ଏବଂ ସେଥିରେ ସର୍ତ୍ତ କ'ଣ ରହିଛି ତାହାକୁ ସେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।






ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଷମା ସୁବୁଦ୍ଧି
ସ୍ୱାମୀ- ପ୍ରିୟନାଥ ସୁବୁଦ୍ଧି
ତମାଣ୍ଡୋ, ଭୁବନେଶ୍ୱର
ଆବିର୍ଭାବ - ୦୯.୦୮.୧୯୫୮
ତିରୋଧାନ - ୧୮.୧୨.୨୦୨୪
ଆପଣଙ୍କ ଅମର ଆତ୍ମାର ସଦଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ, ସ୍ୱର୍ଗବାସ ଶାନ୍ତି ପ୍ରଦାୟକ ହେଉ ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ - ହତଭାଗ୍ୟ ଯସ୍ମିନ୍ ଯୋଶେଫ, ଜୁଏଲ ଓ ସୁବୁଦ୍ଧି ପରିବାରବର୍ଗ
ସ୍ମୃତିସଭା
ଓରିସ୍ସାଏ ପରିସର ତମାଣ୍ଡୋ, ସନ୍ଧ୍ୟା ୭ ଘଟିକା



'ସକାଳ'ର ପଞ୍ଚମ ବାର୍ଷିକ
ସ୍ୱନକ୍ଷତ୍ର
ଅବସରରେ
'ସକାଳ' ଏବଂ ନନ୍ଦିଘୋଷ ଟିଭି
ପରିବାରକୁ
ଅନେକ ଅନେକ ଶୁଭକାମନା
ଜଣେ ଶୁଭେଚ୍ଛୁ, କଟକ

● ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

# ପଦ୍ମପୁର ଉପଖଣ୍ଡରେ ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ

ପଦ୍ମପୁର, ୬।୧୨(ସମିସ): ଶିକ୍ଷା ହେଉଛି ଜାତିର ମେରୁଦଣ୍ଡ, ଶିକ୍ଷାର ବିକାଶ ପାଇଁ ସରକାର ସବୁବେଳେ ଚିନ୍ତା କରୁଛନ୍ତି ବୋଲି କହୁଛନ୍ତି। ହେଲେ ବାସ୍ତବରେ ଶିକ୍ଷା ପ୍ରତି ସରକାର ଏବଂ ପ୍ରଶାସନ କେତେ ଚିନ୍ତିତ ସହଜରେ ଅନୁମେୟ। ଶିକ୍ଷାର୍ଥୀଙ୍କୁ ଭଲ ମଣିଷ କରିବା ପାଇଁ ଦାୟିତ୍ୱ ନେଇଥିବା ୯୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ନିଜର ଅଧିକାର ପାଇପାରି ନାହାନ୍ତି। ଫଳରେ ସେମାନେ ରାଜ ରାସ୍ତାରେ ଏକତ୍ରିତ ହୋଇ ବିଦ୍ୟାଳୟରେ ଶିକ୍ଷାଦାନ କରିବା ବଦଳରେ ରାଜଧାନୀ ରାଜରାସ୍ତାରେ ଅଧିକାର ମାଗୁଛନ୍ତି। ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ରାମଲାଲ ପଟେଲଙ୍କ ନେତୃତ୍ୱରେ ଆନ୍ଦୋଳନ ହେଉଛି।



ବରଗଡ଼ ଜିଲ୍ଲା ସମେତ ପଦ୍ମପୁର ଉପଖଣ୍ଡର ପାଇକମାଳ ବ୍ଲକରୁ ନିରାକାର ପ୍ରଧାନ, ପଦ୍ମପୁରରୁ ହେମନ୍ତ ଛୁରା ଏବଂ ଝାରବନ୍ଧରୁ ବିଷ୍ଣୁଚରଣ ସାହୁଙ୍କ ନେତୃତ୍ୱରେ ଶହ ଶହ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀମାର୍ଗର ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଫଳରେ ପଦ୍ମପୁର ଉପଖଣ୍ଡରେ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଅଭିଭାବକମାନେ ଶିକ୍ଷକଙ୍କ ଦାବିକୁ ପୂରଣ କରି ତୁରନ୍ତ ସେମାନଙ୍କୁ ବିଦ୍ୟାଳୟକୁ ପଠେଇବା ପାଇଁ ଅନୁରୋଧ କରିଛନ୍ତି। ନଚେତ ଆଗାମୀ ଦିନରେ ଅଭିଭାବକମାନେ ଶିକ୍ଷକଙ୍କ ସହ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ପଦ୍ମପୁର ଲୋକମହୋତ୍ସବ ଗଣଦୌଡ଼ ଓ ବାଣିଜ୍ୟ ମେଳା ଉଦ୍‌ଘାଟିତ

ପଦ୍ମପୁର, ୬।୧୨(ସମିସ)

ବରଗଡ଼ ଜିଲ୍ଲା ପଦ୍ମପୁର ଠାରେ ଟାଉନ୍ କ୍ଲବ୍ ପଦ୍ମପୁର ତରଫରୁ ଲୋକମହୋତ୍ସବ ୨୦୨୫ର ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଟାଉନ କ୍ଲବ୍ ଦ୍ୱାରା ଆୟୋଜିତ ହେଉଥିବା ପଦ୍ମପୁର ଲୋକମହୋତ୍ସବ ୨୦୨୫ ଆସନ୍ତା ଡିସେମ୍ବର ୧୦ତାରିଖରୁ ଆରମ୍ଭ ହେବ। ପଦ୍ମପୁର ଆଦର୍ଶ ଥାନାର ଅଧିକାରୀ ମମତା ନାଏକ ଗଣଦୌଡର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଅଶୋକ ଖେଳପଡ଼ିଆ ଠାରେ ବାଣିଜ୍ୟ ମେଳା ୨୦୨୫ ଉଦ୍‌ଘାଟିତ ହୋଇଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଖାଦ୍ୟ ସାମଗ୍ରୀ ସହ ଘରୋପକରଣ, ସାଜସଜ୍ଜା, ମସଲା, କପଡ଼ା ଆଦି ବହୁ ପ୍ରକାରର ଦୋକାନ ବସିଛି। ବିଭିନ୍ନ ପ୍ରକାରର ୧୫୬ ଟି ଷ୍ଟଲ ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବଡ ଧରଣର ମୀନାବଜାର ଲାଗିଥିବା ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଛି। ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଓ ରାଜବୋଡାସମ୍ବର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଣିଜ୍ୟ ମେଳା ଉଦ୍‌ଘାଟନ କରିଥିଲେ। ଏହି ପର୍ବରେ ଟାଉନ୍ କ୍ଲବ୍ ସଭାପତି ତଥା ମହୋତ୍ସବ କମିଟିର ସଭାପତି ପ୍ରିତେଶ ବହିଦାର ଆବାହକ ଅଶୋକ ମିଶ୍ର, ସମ୍ପାଦକ ଇଙ୍କୁନାଲ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ସୁବାଷ ପାତ୍ର, ସରୋଜ ମିଶ୍ର, ନରୋତମ ପ୍ରଧାନ, ହରି ସିଂ, କେଶବରଞ୍ଜନ ପ୍ରଧାନ, ଅଶୋକ ବହିଦାର, ପ୍ରତାପ ମିଶ୍ର, ନିରୋଜ ଦୋରା, ସୁରେନ୍ଦ୍ର ସାହୁ, ରମେଶ ଗୁର୍ଲ୍ଲା, ବିକାଶ ବହିଦାର, ସୁନୀଲ ଅଗ୍ରୱାଲ, ପ୍ରମୋଦ ମେହେର, ପ୍ରତାପ ନାଥ, ଆଦିତ୍ୟ ରଥ, ଜ୍ୟୋତ୍ସ୍ନାରାଣୀ କର, ରଞ୍ଜୁ ସେଠ, ନାରାୟଣ ପୁରୋହିତ, ରାଜେଶ ଗୁର୍ଲ୍ଲା, ନିରୋଜ ସିହ୍ନା, ଅଖିଳ ପଟ୍ଟନାୟକ, ଦିନେଶ ବାରିକ, ସୁରଜ ସୁନା, ସୁରେଶ ସାହୁ, ଅମିତ ଗର୍ଗ, ସୋମେଶ ମହାନ୍ତି, ନିଖିଳ ପଟନାୟକ, ନରେଶ ବାରିକ, ଟେନେସ ପଣ୍ଡା, ଯୁଗଳ ସାହୁ, ଚିନ୍ମୟ ସାମଲ, ଅନିଲ ଗର୍ଗ, ବାରୀଶରାଜା, ଲକ୍ଷ୍ମୀକାନ୍ତ ବରିହା, ରୋହିତ ସେଠ, ରାହୁଲ ତାଣ୍ଡି, ସୁରେନନ୍ଦ୍ର ଲୁହାର, ଉଦ୍ଧବ ଡୁଙ୍ଗରି, ରୁଦ୍ରନାରାୟଣ ସାହୁ, ଶଙ୍କର ସାହୁ, ଡମ୍ବରୁ ଭୋଇ, ବିରେନ ପ୍ରଧାନ, ପ୍ରେମାନନ୍ଦ ବରିହା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ୯ ତାରିଖରେ ସାଂସ୍କୃତିକ ଶୋଭାଯାତ୍ରା ଓ ୧୦ ତାରିଖରୁ ସାଂସ୍କୃତିକ ପର୍ବ ଅନୁଷ୍ଠିତ ହେବାକୁ ସୂଚନା ରହିଛି।



# କୃଷି ଯନ୍ତ୍ରପାତି ମେଳାରେ ସାଇବର୍ ସଚେତନତା

ବରଗଡ଼, ୬।୧୨(ସମିସ): ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅବସରରେ କୃଷକ ଭାଇ ଭଉଣୀ ମାନଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ସାଇବର ସଚେତନତା ବାର୍ତ୍ତା ଦେଇଛନ୍ତି। ସାଇବର କ୍ରାଇମ ହାବୁଡ଼ରେ ପଡ଼ି କିପରି ଧନଜୀବନ ହାନି ହେଉଛି ଏନେଇ ଚାଷୀଙ୍କୁ ବାର୍ତ୍ତା ଦେଇଥିଲେ। କୌଣସି ଅଜଣା ନମ୍ବରରୁ କଲ ଆସିଲେ ରିସିଭ ନ କରିବା, ଅନେକ ପ୍ରକାରରେ ସାଇବର ଠକେଇ ହେଉଥିବା ବେଳେ ସେସବୁ ପ୍ରତି ସବୁବେଳେ ସାବଧାନ ରହିବାକୁ ସମସ୍ତଙ୍କୁ ସଚେତନ କରିଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ମ୍ୟୁନିସିପାଲଟି ଚେୟାରମ୍ୟାନ କଳ୍ପନା ମାଝୀ, ଉପନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ମୁଖ୍ୟ ସୁଶେନ ମିର୍ଦ୍ଧା, ସରକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ସୌଭାଗିନୀ ବେହେରା, ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ସରକାରୀ ଯନ୍ତ୍ରୀ ବିଶ୍ୱଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବରପାଲି ମହାବିଦ୍ୟାଳୟରେ ରକ୍ତଦାନ ଶିବିର


ବରପାଲି, ୬।୧୨(ସମିସ): ବରପାଲି ସାମାଜିକ ସଂସ୍ଥା ଲାଇଫ ଲାଇନ, ଏଚଡିଏଫସି ବ୍ୟାଙ୍କ୍ ଶାଖା ଏବଂ ବରପାଲି ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବରଟି ବରପାଲି ମହାବିଦ୍ୟାଳୟ ପରିସରରେ ପରିଚାଳିତ ହୋଇଥିବା ବେଳେ ୯୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସଂଗୃହୀତ ରକ୍ତ ମଧ୍ୟରୁ ବୁର୍ଲା ରେଡକ୍ରସ ରକ୍ତଭଣ୍ଡାରକୁ ୫୨ୟୁନିଟ ଏବଂ ବରଗଡ଼ ରେଡକ୍ରସ ରକ୍ତଭଣ୍ଡାରକୁ ୪୧ୟୁନିଟ ରକ୍ତ ପ୍ରଦାନ କରାଯାଇଥିଲା।

# ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ



ପଦ୍ମପୁର, ୬।୧୨(ସମିସ): ପଦ୍ମପୁର ଉପଖଣ୍ଡ ସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜ ସଙ୍ଘ ପଦ୍ମପୁର ପକ୍ଷରୁ ସମ୍ବିଧାନ ପ୍ରଣେତା ଡ.ବି.ଆର ଆମ୍ବେଦକରଙ୍କ ୬୯ତମ ମହାପ୍ରୟାଣ ଦିବସ ପଦ୍ମପୁର ନିକଟସ୍ଥ କୁମୁନିବାହାଲୀ ଛକ ଠାରେ ପାଳିତ ହୋଇଛି। ଏହି ଅବସରରେ ଭାରପ୍ରାପ୍ତ ସଭାପତି ଯଶପାଳ କୁମ୍ଭାର ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ବରିଷ୍ଠ ଉପଦେଷ୍ଟା ବୈରାମ ସିଂ ବାଗ ତଥା ବହୁଜନ ସମାଜର ବରଗଡ଼ ଲୋକସଭା ପ୍ରଭାରୀ ଟଙ୍କଧର କଣ୍ଟା ଉପସ୍ଥିତ ଥିଲେ। ସଂଗଠନ ଜରିଆରେ ସାମାଜିକ ସୁରକ୍ଷା, ଏକତ୍ରୀକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଉପରେ ଆଲୋଚନା ହୋଇଥିଲା। ସଭାକୁ ସମାଜର ସମ୍ପାଦକ ଜଗନ୍ନାଥ ଲୁହାର ପରିଚାଳନା କରିଥିବା ବେଳେ ଅଶ୍ୱିନୀ ହଂସ, ଦେବରାଜ କୁମ୍ଭାର, ଆଇନଜୀବୀ ସଞ୍ଜୀବ ବାଗ, ଧବଳେଶ୍ୱର ମହାନନ୍ଦ, ପ୍ରଶାନ୍ତ ହଂସ, ରଶ୍ମିରଞ୍ଜନ ସୁନାଙ୍କ ସମେତ ବହୁ ସଂଖ୍ୟାରେ ଆମ୍ବେଦକର ପ୍ରେମୀ ଉପସ୍ଥିତ ଥିଲେ।

# ଜନପ୍ରତିନିଧି ନାରାୟଣ ଭୋଇଙ୍କ ପରଲୋକ



ବିଜେପୁର, ୬।୧୨(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ପଞ୍ଚାୟତ ଅଧୀନ କନପୁରୀ ଗାଁର ନାରାୟଣ ଭୋଇଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ସ୍ୱାସ୍ଥ୍ୟ ଜନିତ ସମସ୍ୟା କାରଣରୁ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ଠାରେ ତାଙ୍କ ପରଲୋକ ହୋଇଛି। ସ୍ୱର୍ଗତ ଭୋଇ ଭାରତୀୟ ଜାତୀୟ କଂଗ୍ରେସ ଦଳର ଜଣେ ସଦସ୍ୟ ଭାବେ ରାଜନୈତିକ ଜୀବନ ନିର୍ବାହ କରିଥିଲେ। ସେ ବିଜେପୁର ବ୍ଲକ କଂଗ୍ରେସର ଆଜୀବନ ସଭାପତି, ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ, ତାଳପଦର ପଞ୍ଚାୟତର ୪ ଥର ସରପଞ୍ଚ, ବ୍ଲକ ଯାଦବ ସମାଜର ଉପସଭାପତି ସମେତ ବିଭିନ୍ନ ପଦ ପଦବୀରେ ରହି ଆସିଛନ୍ତି। ଜଣେ ନିଷ୍ଠାବାନ, ଆଦର୍ଶ ତଥା ଅତ୍ୟନ୍ତ ମେଳପୀ ଜନ ପ୍ରତିନିଧି ଓ ରାଜନୈତିକ ବ୍ୟକ୍ତିବିଶେଷ ଭାବେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ବିଜେପୁର ଅଞ୍ଚଳରେ ଶୋକ ଖେଳାଇ ଯାଇଛି। ବହୁ ଗଣ୍ୟ ମାନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବଡପୁଅ ସିଦ୍ଧେଶ୍ୱର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ରାଜନୈତିକ ପ୍ରତିନିଧି, ଉତ୍କଳଗଡ଼ ନାଟ୍ୟ ସଂସଦ ତାଳପଦରର କର୍ମକର୍ତ୍ତା, ପଞ୍ଚାୟତ ମହାବିଦ୍ୟାଳୟ ତାଳପଦରର କର୍ମଚାରୀ, ଯାଦବ ସମାଜର କର୍ମକର୍ତ୍ତା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ନଳିନୀ ପଟ୍ଟନାୟକଙ୍କ ଦେହାନ୍ତ




ବରଗଡ଼, ୬।୧୨(ସମିସ): ସ୍ଥାନୀୟ ହନୁମାନପଡ଼ା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ସୀତାରାମ ପଟ୍ଟନାୟକଙ୍କ ଧର୍ମପତ୍ନୀ ନଳିନୀ ପଟ୍ଟନାୟକ(୭୮)ଙ୍କ ଦେହାନ୍ତ ହୋଇଛି। ୧୯୭୩ ମସିହାରେ ସମଗ୍ର ପଦ୍ମପୁର ଉପଖଣ୍ଡ ଅନୁନ୍ନତ ଅଞ୍ଚଳ ଥିଲା। ସେ ସମୟରେ ଦୈନିକ ଖବରକାଗଜର ପ୍ରତିନିଧି ହୋଇ ଦୀର୍ଘ ୪୦ ବର୍ଷ କାମ କରିଥିଲେ। ଏହାପରେ ଅନେକ ଓଡ଼ିଆ, ଇଂରାଜୀ, ହିନ୍ଦୀ ଖବରକାଗଜର ପଦ୍ମପୁରର ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ଗଡ଼ଭାଟି ଗାଁରେ ରାମମନ୍ଦିର ନିର୍ମାଣରେ ତାଙ୍କ ଅବଦାନ ବହୁତ୍ ଥିଲା। ମୃତ୍ୟୁଶଯ୍ୟା ପାଖରେ ସ୍ୱାମୀଙ୍କ ସମେତ ପୁଅ, ଝିଅ, ବୋହୂ, ନାତିନାତୁଣୀ ଆଦି ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ରଜାପଡ଼ା ସ୍ଥିତ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ପ୍ରଶାନ୍ତ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ସାମ୍ବାଦିକ ଶଙ୍କର ବଲ୍ଲଭ ମିଶ୍ର, ସାମ୍ବାଦିକ ପ୍ରସନ୍ନ ମିଶ୍ର, ସାମ୍ବାଦିକ ଅଶୋକ ମିଶ୍ର, ରତ୍ନମଣି ଶତପଥୀ, ପ୍ରଦୀପ୍ତ କିଶୋର ଦାଶ, ସୁଦାମ ପ୍ରଧାନ, ଦିଲୀପ ଆଚାର୍ଯ୍ୟ, ତୁଳସୀ ଚରଣ ଦାଶ, ସକାଳ ଖବରକାଗଜ ବରଗଡ଼ ପ୍ରତିନିଧି ସରୋଜ ଷଡଙ୍ଗୀଙ୍କ ସମେତ ବହୁ ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ତାଙ୍କର ମୃତ୍ୟୁରେ ପଦ୍ମପୁର ସହର ତଥା ଅଞ୍ଚଳରେ ଶୋକରେ ଛାୟା ଖେଳି ଯାଇଛି।

# ସହିଦ ପଦ୍ମଲୋଚନଙ୍କୁ ଭୁଲିଗଲା ପ୍ରଶାସନ

## ୧୬ଟି ଗୁଳି ଖାଇ ୧୨ ଜଣ ଯବାନଙ୍କ ଜୀବନ ବଞ୍ଚାଇଥିଲେ

ବରଗଡ଼, ୬।୧୨(ସମିସ)





ସହିଦ ପଦ୍ମଲୋଚନ ମାଝୀ ଦେଶର ଗର୍ବ ଓ ଗୌରବ। ସେ ଭାରତ ମାତାର ସେବା କରିବାକୁ ଯାଇ ନିଜର ସର୍ବୋଚ୍ଚ ବଳିଦାନ ଦେଇଯାଇଛନ୍ତି। ସହିଦ ପଦ୍ମଲୋଚନଙ୍କ ପରିବାର, ତାଙ୍କର ଜନ୍ମମାଟି ଓ ସିଆରପିଏଫ ପ୍ରତ୍ୟକଙ୍କ ହୃଦୟରେ କିନ୍ତୁ ସେ ଜୀବିତ ଅଛନ୍ତି। ୧୮୭୯ରେ ବରଡୋଲ ପଞ୍ଚାୟତ ଅଧୀନ ସିମେଣ୍ଟ ନଗର ଅଞ୍ଚଳରେ ପଦ୍ମଲୋଚନ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନରୁ ଦେଶ ସେବା ପାଇଁ ତାଙ୍କର ପ୍ରବଳ ଇଚ୍ଛା ରହିଆସିଥିଲା। ବରଗଡ଼ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟରେ ଛାତ୍ର ଜୀବନ ପରେ ଦେଶ ସେବା ପାଇଁ ଜାମ୍ମୁକାଶ୍ମୀର ସ୍ଥିତ ପୁଞ୍ଚ ଠାରେ ସିଆରପିଏଫ ୪୩ ବାଟାଲିୟନରେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଦେଶର ବିଭିନ୍ନ ସ୍ଥାନରେ ନିଯୁକ୍ତ ହୋଇଥିଲେ। ଶେଷରେ ଛତିଶଗଡ଼ ସ୍ଥିତ ୨୨୩ ବାଟାଲିୟନରେ ଯୋଗ ଦେଇ ଆସିଷ୍ଟାଣ୍ଟ କମାଣ୍ଡର ରାଜେଶ କାପୁରୀୟାଙ୍କ ଟିମରେ ସାମିଲ ହୋଇଥିଲେ। ଛାତିଶଗଡ଼ର କାସାଲମାଡ ଅଞ୍ଚଳର ନକ୍ସଲ ଦମନ କରିବା ପାଇଁ ଦାୟିତ୍ୱ ମିଳିଥିଲା। ଦୀର୍ଘ ତିନିଦିନ ଧରି ମାଓବାଦୀଙ୍କ ସହିତ ଗୁଳିଚାଳନା ଚାଲିଥିବା ବେଳେ ନକ୍ସଲ ଗୁଳିରେ ଆହତ ହୋଇଥିବା ନିଜ ସାଥି ଯବାନଙ୍କୁ କଭର ଫାଇରିଂ ଦେଇ ବଞ୍ଚାଇବାକୁ ଯାଇ ସଫଳତାର ସହିତ ୧୨ ଜଣ ଯବାନଙ୍କ ଜୀବନ ବଞ୍ଚାଇଥିଲେ। ହେଲେ ଶେଷରେ ନିଜେ ନକ୍ସଲ ଗୁଳିର ଶିକାର ହୋଇଯାଇଥିଲେ। ପଦ୍ମଲୋଚନଙ୍କ ଶରୀରରେ ମୋଟ ୧୬ଟି ଗୁଳି ବାଜିଥିଲା। ଆହତ ହୋଇଥିବା ସତ୍ତ୍ୱେ ମାଓବାଦୀଙ୍କୁ ପାଲଟା ଆକ୍ରମଣ କରି ଚାଲିଥିଲେ। ହେଲେ ଶେଷ ନିଃଶ୍ୱାସ ଯାଏଁ ଦେଶ ମାତୃକାର ସେବା କରୁ କରୁ ମାଁ ମାଟିର କୋଳରେ ଚିରନିଦ୍ରାରେ ଶୋଇଯାଇଥିଲେ ପଦ୍ମଲୋଚନ। ଜନ୍ମମାଟିକୁ ସହିଦଙ୍କ ପାର୍ଥିବ ଶରୀର ପହଞ୍ଚିବା ଶେଷ ଦର୍ଶନ କରିବାକୁ ହଜାର ହଜାର ଲୋକରୁଣ୍ଡ ହୋଇଥିଲେ। ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପଛପଟେ ଥିବା ଶ୍ମଶାନରେ ତାଙ୍କର ପାର୍ଥିବ ଶରୀର ସତ୍କାର କରାଯାଇଥିଲା। ସେହିଦିନଠୁଁ ପ୍ରତ୍ୟକ ବର୍ଷ ଡିସେମ୍ବର ୧ ତାରିଖ ସହିଦଙ୍କ ସ୍ମୃତିଚାରଣ କରିବାକୁ ଯାଇ ସହିଦଙ୍କ ପରିବାର, ସ୍ଥାନୀୟ ବାସିନ୍ଦା, ସିଆରପିଏଫ ମିଶି ବଳିଦାନ ଦିବସ ପାଳନ କରି ଆସୁଛନ୍ତି। ଚଳିତ ବର୍ଷ ମଧ ସମ୍ବଲପୁର ସିଆରପିଏଫ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ଜନ ବ୍ଲାକ ଓ ଆସିଷ୍ଟାଣ୍ଡ ସବ ଇନ୍ସପେକ୍ଟର ଗବିନ୍ଦ ଭୋଇ ପ୍ରମୁଖ ତାଙ୍କର ଟିମ ସହିତ ସହିଦ ସ୍ମୃତି ସ୍ତମ୍ଭ ନିକଟରେ ପହଁଞ୍ଚିଥିଲେ। ସହିଦଙ୍କ ମା' ଶର୍ମିଳା ମାଝୀଙ୍କ ସହିତ ପୁଷ୍ପଗୁଚ୍ଛ ଦେଇ ସହିଦ ପଦ୍ମଲୋଚନ ମାଝୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସହିଦଙ୍କ ସାନଭାଇ ରାଜେନ୍ଦ୍ର ମାଝୀ ଓ ତାଙ୍କର ତିନି ଭଉଣୀଙ୍କ ସହିତ ଶତାଧିକ ଲୋକ ଉପସ୍ଥିତ ଥିଲେ। ସହିଦ ପଦ୍ମଲୋଚନଙ୍କ ବୀରତ୍ୱର କଥା ଆଜି ସାରା ଭାରତରେ ଚର୍ଚ୍ଚିତ। ନିଜର ବୀରତ୍ୱ ପାଇଁ ସେ ପରାକ୍ରମ ପଦକ ସହିତ ଅନେକ ସେବା ମେଡାଲରେ ସମ୍ମାନିତ ହୋଇଛନ୍ତି। ହେଲେ ବରଗଡ଼ ଜିଲ୍ଲା ପ୍ରଶାସନ ଏବଂ ସମସ୍ତ ଜନପ୍ରତିନିଧି ବରଗଡ଼ ମାଟିର ଏହି ସୁଯୋଗ୍ୟ ସନ୍ତାନକୁ ସମ୍ପୂର୍ଣ୍ଣ ପାଶୋରି ଯାଇଛନ୍ତି। ବରଗଡ଼ ମାଟିରୁ ଜନ୍ମିତ ସହିଦ ବୀର ପଦ୍ମଲୋଚନ ନିଜ ବଳିଦାନ ଦ୍ୱାରା ସମ୍ପୂର୍ଣ୍ଣ ବରଗଡ଼ର ସମ୍ମାନ ବଢ଼ାଇଥିବା ବେଳେ ତାଙ୍କ ସର୍ବୋଚ୍ଚ ବଳିଦାନକୁ ତାଙ୍କରି ମାଟିର ଜନପ୍ରତିନିଧି ଭୁଲିଯିବା ଅତ୍ୟନ୍ତ ଦୁଃଖର ବିଷୟ।

# ଦେଶ ସେବା ଶୀର୍ଷକ ଆଲୋଚନାଚକ୍ର

ବରଗଡ଼, ୬।୧୨(ସମିସ): ଚକରକେନ୍ଦ ସ୍ଥିତ ସନ୍ଥ କବି ଭୀମଭୋଇ ମହିମା +୩ ମହାବିଦ୍ୟାଳୟ ଠାରେ ଭାରତ ମାତା ଦେଶ ସେବା ଶୀର୍ଷକ ଆଲୋଚନାଚକ୍ର ହୋଇଯାଇଛି। କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ କାର୍ତ୍ତିକେୟ ସାଥୁଆ ଅଧକ୍ଷତା କରିଥିବା ବେଳେ ଆଲୋଚକ ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବରଗଡ଼ ପ୍ରାନ୍ତୀୟ ସେବକ ହୃଦାନନ୍ଦ ବିଶି ଯୋଗ ଦେଇ ଦେଶଭକ୍ତି ଶୀର୍ଷକ ଆଲୋଚନା କରିଥିଲେ। ଅଧ୍ୟାପକ ସୁଶୀଲ ବାରିକ, ହରିବୋଲ ପଧାନ, କର୍ଣ୍ଣ ଜାଲ ସହଯୋଗ କରିଥିଲେ।

# ଗଣ୍ଡା ସମାଜର ଆମ୍ବେଦକର ଭବନର ଶିଳାନ୍ୟାସ

ଝାରବନ୍ଧ, ୬।୧୨(ସମିସ): ଭାରତରତ୍ନ ଡ.ବିଆର ଆମ୍ବେଦକରଙ୍କ ପୁଣ୍ୟତିଥି ଅବସରରେ ଝାରବନ୍ଧ ବ୍ଲକର ଲକ୍ଷେଘର ଗଣ୍ଡା ସମାଜ ଝାରବନ୍ଧ ବ୍ଲକର ସମସ୍ତ ସଦସ୍ୟ ଝାରବନ୍ଧରେ ଏକତ୍ରିତ ହୋଇ ସମ୍ବିଧାନ ରଚୟିତାଙ୍କୁ ସ୍ମରଣ କରିଛନ୍ତି। ଏହି ଅବସରରେ ସମାଜର ଅଧିକାର, ସମାନତା ଓ ସଶକ୍ତିକରଣ ପାଇଁ ଆମ୍ବେଡକରଙ୍କ ଅବଦାନକୁ ସ୍ମରଣ କରିବା ସହିତ ଗଣ୍ଡା ସମାଜର ପ୍ରସ୍ତାବିତ ଜମିରେ ଆମ୍ବେଦକର ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଝାରବନ୍ଧ ଚାନ୍ଦିନୀ ଛକରୁ ଏକ ରାଲି କରି ଲକ୍ଷେଘର ଗଣ୍ଡା ସମାଜ ଝାରବନ୍ଧ ବ୍ଲକ ସଭାପତି ଭୋଜରାଜ ବାଗ ଝାରବନ୍ଧ ସହର ପରିକ୍ରମା କରି ବୈଠକ ସ୍ଥଳକୁ ପହଞ୍ଚି ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ୧୪ଟି ପଞ୍ଚାୟତର ସଦସ୍ୟ ସାମିଲ ଥିଲେ। ବ୍ଲକ ସମ୍ପାଦକ ରସିକ କୁମ୍ଭାର, ସହ ସମ୍ପାଦକ ଏବଂ ମିଡିଆ ପ୍ରଭାରୀ ମୋତିଲାଲ ବାଗ, ମିଡିଆ ପ୍ରଭାରୀ ଜୋହନ କୁମ୍ଭାରଙ୍କ ସହିତ ସାମନ୍ତ ଶେଖର ମୁନା, ମସରାଜ ଲୁହାର, ଅଙ୍ଗଦ ମୁଙ୍ଗୁରି, ଅନିଲ ଲୁହାର, ଦୌଲତ ତାଣ୍ଡି, ନାରାୟଣ ଭାରସାଗର, ମୋହିତ ତାଣ୍ଡି, ଚନ୍ଦ୍ରମଣି ସୁନା, ମିତ୍ରଭାନୁ ବାଗ, ବିନୋଦ ବାଗ, ହେମସାଗର ବାଗ ପ୍ରମୁଖଙ୍କ ସହିତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସମସ୍ତେ ଡ.ଆମ୍ବେଦକରଙ୍କ ସମାନତା, ଭାଇଚାରା ଓ ସମ୍ବିଧାନର ମୂଲ୍ୟବୋଧକୁ ଅନୁସରଣ କରିବା ପାଇଁ ସଙ୍କଳ୍ପ ଗ୍ରହଣ କଲେ।

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/13**

Bids are invited from eligible bidders for the following tenders:

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/ 1000007382 | One Year RC for supply of 630KVA, 11/0.4 KV Compact Substation |
| 2 | TPCODL/CCG/2025-26/ 1000007464 | Rate Contract for deploying IT Helpdesk & Field Support Assistants at TPSODL & TPWODL |
| 3 | TPCODL/P&S/2025-26/ 1000007118 | Two Year RC for Hiring Agency for Transformer repair service at DT workshop,Choudwar. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website.Future communication / corrigendum to tender documents, if any, shall be available on TPCODL website.It is suggested to track aforesaid website for said NIT details.

# ରାଜବୋଡ଼ାସମ୍ବର ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



ପଦ୍ମପୁର, ୬।୧୨(ସମିସ): ସ୍ଥାନୀୟ ରାଜାଜୀ ଟାଉନ ହଲ ପଦ୍ମପୁରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୫ ପାଳିତ ହୋଇଛି। ରାଜବୋଡାସମ୍ବର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଡ.ସଞ୍ଜୟ ନାଏକ ଅସ୍ଥିଶଲ୍ୟ ବିଭାଗ, ଉପଖଣ୍ଡ ଚିକିତ୍ସାଳୟ ପଦ୍ମପୁର, ମୁଖ୍ୟ ବକ୍ତା ଭାବେ ମମତାମୟୀ ଗୁରୁ ଅର୍ଥନୀତି ବିଭାଗ ଅଧ୍ୟାପିକା ଅଞ୍ଚଳ ମହାବିଦ୍ୟାଳୟ, ଏବିଇଓ ଜୟ ସାହୁ, ରାମସିଂ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଭିନ୍ନକ୍ଷମ ଶିଶୁମାନଙ୍କ ପ୍ରତି ସମାଜର ଦାୟିତ୍ୱ ଓ ସମାନ ଅବସର ସୃଷ୍ଟି ପ୍ରସଙ୍ଗରେ ଉଦ୍‌ବୋଧନ ଦେଇଥିଲେ। ୧୦୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜୁନିଅର ଏବଂ ସିନିଅର ମ୍ୟୁଜିକ୍ ଚେୟାର, ଗୀତ, ଚିତ୍ରାଙ୍କନ ବାଲାନ୍ସ, ସଟପୁଟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅତିଥି ଗଣ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବ୍ଲକ ସମ୍ବଳ ଶିକ୍ଷକ ଭଗବାନ ତରିଆ, ପ୍ରଭାତ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆରସିସି ନେତ୍ରାନନ୍ଦ ସାହୁ, ସୁରେଶ ଚୌହାନ ମଞ୍ଚ ପରିଚାଳନା କରିଥିଲେ। ଅଭିଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

LITTLE ANGELS PUBLIC SCHOOL
Affiliated to C.B.S.E, Delhi. Affi. No. : 1530146 , School No. : 15407 Dr Mund Lane , Barpali



ADMISSION OPEN
Pre - Nursery to Std. XI (Science)
HURRY ! Limited Seats
25% OF THE TOTAL SEATS IN ENTRY LEVEL IS RESERVED UNDER RTE ACT.2009.
8260606959 INFO@ANGELS.AC.IN ANGELS.AC.IN

# ଶୀତର ତାପମାତ୍ରା





ପ୍ରଦୀପ ନାୟକ

ଖବରକାଗଜ ହାତରେ ଧରି ସକାଳ ଚା' ପିଉପିଉ ଅନିମେଷ କହିଲେ – "ରାତିର ତାପମାତ୍ରା ଆହୁରି ଚାରିଡିଗ୍ରୀ ତଳକୁ ଖସିଲା। ତା'ମାନେ ଆଜି ଶୀତ ହେବ। କିଛି ଗୋଟେ ଘୋଡ଼ି ହେବାକୁ ପଡ଼ିବ। ନହେଲେ ଚଳିବ ନାହିଁ।"

ଠାକୁରଘର ବାସନ ମାଜୁମାଜୁ କେଜାଣି କାହିଁକି ପତ୍ନୀ ରତ୍ନା ଟିକେ ହସିଦେଲେ। ଯଦିଓ ତାଙ୍କର ଏଇ ହସଟି ଥିଲା ଶବ୍ଦହୀନ ତଥାପି ତାଙ୍କ ଆଡ଼ ଚାହାଣିକୁ ଏଡ଼େଇ ଯାଇ ପାରିନଥିଲା।

ଅନିମେଷଙ୍କ କଥାର କିଛି ଉତ୍ତର ମିଳିଲା ନାହିଁ ପତ୍ନୀଙ୍କଠାରୁ। ଚା'ର ଶେଷ ଢୋକ ନେଇ ବସିବା ଜାଗାରୁ ଉଠିବାର ଉପକ୍ରମ କରୁକରୁ ସେ କହିଲେ – "ଜଣାପଡୁଛି ଆଜି ଖରା ହେବ। ଆଲମିରାରୁ କମ୍ବଳ ବାହାର କରିଦେବ। ଆଉ ମୋ ସୋଏଟର୍ ବି ବାହାର କରି ଟିକେ ଖରାରେ ପକାଇଦେବ।"

କମ୍ବଳ କଥା ଶୁଣି ରତ୍ନା ଏମିତି ଏକ ତେରେଛା ଚାହାଣି ଅନିମେଷଙ୍କ ଆଡ଼େ ଫିଙ୍ଗିଲେ, ଯେମିତି ସେ ତାଙ୍କ ଉପରେ ଦୟା କରୁଛନ୍ତି।

ଟିପୟ ଉପରେ ଖବରକାଗଜ ରଖିଦେଇ ଅନିମେଷ ରତ୍ନାଙ୍କ ରଖିଥିବା ସକାଳ ସଉଦା ଚିଠା ଆଉ ବ୍ୟାଗ୍ ଧରି ବାହାରିଲେ ବଜାର।

"ଶୁଣ ବଜାରକୁ ନୂଆ କୋବି ଆସିବଣି, ଗତଥର ପରି କୋଲଡ଼ଷ୍ଟୋର କୋବି ଆଣିବନି। ଗ୍ରୀନ୍ମଟର୍, ଗାଜର, ବିନ୍ସ ଅଳ୍ପ ଆଣିବ। ଆଗକୁ ଦାମ କମିବ ବୁଝିଲ।"

ଗ୍ୟାରେଜରୁ ଗାଡ଼ି ବାହାରକରି ଅନିମେଷ ପୁଣିଥରେ ମନେ ପକାଇଦେଲେ – "ଖରା ଟିକେ ଆସିଲାଣି। ଭୁଲିବ ନାହିଁ।"

ଅନିମେଷ ବଜାର ବାହାରିଗଲା ବେଳେ ତାଙ୍କ ଯିବା ବାଟକୁ ଚାହିଁ ପୁଣି ଥରେ ଏକ ରହସ୍ୟମୟ ହସ ଖେଳିଗଲା ରତ୍ନାଙ୍କ ଓଠରେ।

ରାତି ଖାଇବା ସାରି ବିଛଣାକୁ ଯାଇ କମ୍ବଳ ଖୋଜିଲେ ଅନିମେଷ। ରୋଷେଇଘରକୁ ଶୁଭିଲା ପରି ପଚାରିଲେ – "କମ୍ବଳ ବାହାର କଲନି କି ? ଆଜି କ'ଣ ଖାଲି ଦେହରେ ଶୋଇହେବ! ପାହାନ୍ତାକୁ ତ ବହୁତ ଶୀତ ଲାଗିବ।"

ରୋଷେଇଘର ବନ୍ଦ କରି, ଶୋଇବା ଘର ଲାଇଟ୍ ଲିଭେଇ ବିଛଣା ଉପରକୁ ଆସିଲେ ରତ୍ନା। ହାଲକା ନୀଳ ରଙ୍ଗର ଆଲୁଅ ନାମକୁ ମାତ୍ର ପହଁରୁଚି ଘର ଭିତରେ।

ଅନିମେଷଙ୍କ ପାଖକୁ ଲାଗି ଆସି ରତ୍ନା ଟିକେ ଦୁଷ୍ଟାମିଭରା ଚାହାଣିରେ ସ୍ୱାମୀଙ୍କ ମୁହଁକୁ ଚାହିଁଲେ। କହିଲେ – "କମ୍ବଳ ବାହାର କରିଥିଲି। ଛାତ ଉପରେ ଶୁଖେଇ ଥିଲି ଯେ, ହେଲେ ଆଣିବାକୁ ଭୁଲିଯାଇଛି।"

-"ଓହଃ। ରାତିରେ ଆଜି ବିନା କମ୍ବଳରେ ଶୋଇହେବ ଟି?"

ରତ୍ନା କହିଲେ – "ହଁ ସେମିତି ଲାଗୁଛି ତ। କହିବତ ଯାଇ ନେଇ ଆସିବି!"

ଅନିମେଷ କିନ୍ତୁ କିଛି ଉତ୍ତର ଦେଲେ ନାହିଁ।

-"ସକାଳେ କହୁଥିଲ ତାପମାତ୍ରା କୁଆଡ଼େ ଖସୁଛି। ହଇଓ... ତାପମାତ୍ରା ଚାରିଡିଗ୍ରୀ ଖସୁ କି ହିମାଙ୍କ ଉପରକୁ ବଢୁ, ଶୀତକୁ ଟିକେ ଏନଜୟ କରିବ ନା ନାହିଁ। ଦେଖୁଚି ମଣିଷ ସବୁବେଳେ ପ୍ରକୃତି ଛଡ଼ା ହୋଇଯାଉଛି।"

ଅନିମେଷ କହିଲେ –" ମାନେ ?"

-"ମାନେ ଆଉ କ'ଣ ! ବର୍ଷା ହେଲେ ଛତା ଖୋଜ, ଖରା ହେଲେ ଛାଇ ଖୋଜ, ଶୀତ ହେଲେ ସୋଏଟର୍ ଖୋଜ। ସବୁବେଳେ ଚାଲିଛି। ତାହେଲେ ପ୍ରକୃତିକୁ କେମିତି ଉପଭୋଗ କରିବ! ପ୍ରକୃତିଠୁ ଦିନକୁ ଦିନ ଆମେ ଦୂରକୁ ଚାଲି ଯାଉନାହାନ୍ତି କି ? ଆଜି କମ୍ବଳ ତା' ଜାଗାରେ ଥାଉ। ଯଦି ତମକୁ ପାହାନ୍ତାରେ ଶୀତ ଲାଗେ ମୁଁ ପାଖରେ ଅଛି ନା !"


ଅନିମେଷଙ୍କ ଦେହକୁ ଲାଗି ଆସିଥିବା ରତ୍ନାଙ୍କ ଦେହରୁ ସେ ଅନୁଭବ କରୁଥିଲେ... "କାଇଁ ତାପମାତ୍ରା ତଳକୁ ଖସିଛି କେଉଁଠି!!" ■

ବନ୍ଧପଡ଼ା, ମଦନପୁର,
କେନ୍ଦ୍ରାପଡ଼ା
ମୋ: ୮ ୯୧୭୩୭୦୨୨୭

## ପୁସ୍ତକ ଓ ପତ୍ରିକା ପରିଚୟ

### ବରଫ ଚାଦର ତଳେ ଚାରି ମାସ

ବିରଞ୍ଚି ନାରାୟଣ ତ୍ରିପାଠୀ





ଶାନ୍ତିସେନା ପବ୍ଲିକେଶନ୍ସ, ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କାନାଡ଼ା ଭ୍ରମଣର ନିଆରା ଅନୁଭୂତିକୁ ନେଇ ପ୍ରକାଶ ପାଇଛି ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ 'ବରଫ ଚାଦର ତଳେ ଚାରି ମାସ' ପୁସ୍ତକ। ଏହି ଭ୍ରମଣ କାହାଣୀ ପୁସ୍ତକରେ 'ଆମ୍ଷ୍ଟର୍‌ଡାମ୍‌ର ଆନି', 'ମଂଟ୍ରିଲ୍‌ର ନିକୋ', 'ବାଥ୍‌ରୁମ୍‌ରେ ହଟହଟା ଯୋଗ', 'ଗୁଣ୍ଡୁଚି ସହ ଏକ ଅଳସ ଅପରାହ୍ନ', 'ବିନା ଫୁଲରେ ଠାକୁର ପୂଜା', 'ଭିତର ଗରମ ବାହାରେ ଥଣ୍ଡା', 'କିଚେନ୍ ଚଟାପଟ', 'ବରଫ ଜଙ୍ଗଲରେ ଜବରଦସ୍ତ ଥଣ୍ଡା', 'ଲାଇବ୍ରେରୀ ବୁଲା', 'ଜଙ୍ଗଲ ଜନ୍ତୁଙ୍କ ଗହଣରେ ଦିନଟିଏ', 'ଶୀତ ପହଁରା', 'ମ୍ୟୁଜିୟମ୍ ମ୍ୟୁଜିକ୍', 'ବରଫ ବର୍ଷାରେ ମାର୍କେଟ ବୁଲା', 'ଇତିହାସ ଭବନରେ ଦିନେ', 'କାନାଡ଼ାର ଲୋକ ସଂସ୍କୃତି', 'ପାର୍ଲାମେଣ୍ଟ ଭବନରେ', 'କାନାଡ଼ାରେ ଶେଷଦିନ' ଆଦି ଆଲେଖ୍ୟରେ ଲେଖକ ତ୍ରିପାଠୀ କାନାଡ଼ାରେ ରହଣି ସମୟରେ ନିଜସ୍ୱ ଅନୁଭବ ଓ ଅନୁଭୂତିକୁ ମର୍ମସ୍ପର୍ଶୀ ଭାବେ ବର୍ଣ୍ଣନା କରିଛନ୍ତି। ଏହା କେବଳ ଏକ ଭ୍ରମଣ କାହାଣୀ ପୁସ୍ତକ ନୁହେଁ, ପାଠକ ଏହି ପୁସ୍ତକରେ କାନାଡ଼ାର ସଂସ୍କୃତି, ପରମ୍ପରା, ଚାଲିଚଳଣି, ପ୍ରାକୃତିକ ପରିବେଶ, ଦର୍ଶନୀୟ ସ୍ଥାନଗୁଡ଼ିକ ସଂପର୍କରେ ମଧ୍ୟ ଜାଣିବାକୁ ପାଇବେ। କାନାଡ଼ା ବୁଲିବା ପାଇଁ ଏହି ପୁସ୍ତକଟି ମାର୍ଗଦର୍ଶନ କରିବ ନିଶ୍ଚୟ। ■

### ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି

ସୌମ୍ୟରଞ୍ଜନ ଭୂୟାଁ




ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ବିଶିଷ୍ଟ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କୁ ନେଇ ସୌମ୍ୟରଞ୍ଜନ ଭୂୟାଁଙ୍କ ରଚିତ 'ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସୁରେନ୍ଦ୍ର ମହାନ୍ତିଙ୍କ ଜୀବନ ଓ କୃତି ସଂପର୍କରେ ସଂକ୍ଷେପରେ ଆଲୋଚନା କରାଯାଇଛି। 'ପିଲାଦିନ/ବାଲ୍ୟଶିକ୍ଷା', 'ସାମ୍ବାଦିକତା ଜୀବନ', 'ସାରସ୍ୱତ ଜୀବନ', 'ସାହିତ୍ୟିକ ସୁରେନ୍ଦ୍ର', 'ଚର୍ଚ୍ଚିତ ପୁସ୍ତକ', 'ଗାଳ୍ପିକ ସୁରେନ୍ଦ୍ର', 'ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ', 'ନାଟ୍ୟକାର ସୁରେନ୍ଦ୍ର ମହାନ୍ତି', 'ଆତ୍ମଜୀବନୀକାର ସୁରେନ୍ଦ୍ର', 'ଭ୍ରମଣ ବୃତ୍ତାନ୍ତ ରଚୟିତା', 'ରାଜନୈତିକ ଜୀବନ' ଆଦି ଆଲୋଚନାଗୁଡ଼ିକରେ ସୁରେନ୍ଦ୍ର ମହାନ୍ତିଙ୍କ ପିଲାଦିନଠାରୁ ଆରମ୍ଭ କରି ସାରସ୍ୱତ ସାଧନା ସଂପର୍କରେ ବର୍ଣ୍ଣନା ରହିଛି। ଏକାଧାରରେ ଥିଲେ ସେ ଜଣେ ପ୍ରାବନ୍ଧିକ, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ଭ୍ରମଣ ବୃତ୍ତାନ୍ତ ରଚୟିତା। ସେହିପରି ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ଥିଲେ ବେଶ୍ ପରିଚିତ। ଲେଖକ ସୌମ୍ୟରଞ୍ଜନ ଏହି ପୁସ୍ତକରେ ସୁରେନ୍ଦ୍ରଙ୍କ ଜୀବନ, ସାହିତ୍ୟ, ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି। କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ। ■

### ଶୋଭନା

ସଂପାଦକ : ବିଧୁଭୂଷଣ ପଟ୍ଟନାୟକ




କ୍ୱାର୍ଟର ନଂ:୨ଆର୍ଏ-୬୦,
ରୋଡ୍-୭
ୟୁନିଟ୍- ୯, ଭୁବନେଶ୍ୱର-୨୨
ମୂଲ୍ୟ :୪୦ ଟଙ୍କା

ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ 'ଶୋଭନା'ର ନଭେମ୍ବର ସଂଖ୍ୟା ପ୍ରକାଶ ପାଇଛି। ଏହି ସଂଖ୍ୟାଟି ଅନୁବାଦ ବିଶେଷ ଭାବରେ ପ୍ରକାଶ ପାଇଛି। ରସ୍କିନ୍ ବଣ୍ଡଙ୍କ 'ପ୍ରତୀକ୍ଷା' ଗପକୁ ସୁଭାଷ ଶତପଥୀ, କେତୁ ବିଶ୍ୱନାଥ ରେଡ୍ଡୀଙ୍କ 'ପଛପଟରୁ ଶିକାର'କୁ ବଙ୍ଗାଳୀ ନନ୍ଦ, ଅନୱର ମିର୍ଜାଙ୍କ 'ସତସତିକା ସକାଳ'କୁ ସୁକୋମଳ ଦାଶ, ଲଙ୍ଗ ଜିନ୍‌ହୁଆଙ୍କ 'ଉଇଲୋ ପତ୍ର ଉଡୁଥିଲା ଆଉ ପଡୁଥିଲା'କୁ ଇନ୍ଦୁଲତା ମହାନ୍ତି, ଅନୁରାଧା ରାମାନନ୍ଦଙ୍କ 'ପ୍ରାର୍ଥନା'କୁ ମନୋରମା ରଥ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି। ଏହି ସବୁ ଅନୁବାଦ ଗପରେ ମୂଳ କାହାଣୀ, ଚରିତ୍ର, ଭାବକୁ ଅକ୍ଷୁଣ୍ଣ ରଖିବାକୁ ଅନୁବାଦକମାନେ ପ୍ରୟାସ କରିଛନ୍ତି। ଯାହା ଫଳରେ ଗପଗୁଡ଼ିକର ମୌଳିକତାକୁ ପାଠକମାନେ ଅନୁଭବ କରିପାରିବେ। ସେଭଳି ନିରାକାର ଦାସଙ୍କ 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି', ଅର୍ଚ୍ଚିତା ଦାସଙ୍କ 'ଶ୍ମଶାନ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି। ସେହିପରି 'ମିଡିଆ ଜଗତର ଆଶା ଲିଟିଶା', 'ପଞ୍ଚଜନ୍ୟ ଅସୁରର ପ୍ରତ୍ୟାବର୍ତ୍ତନ', 'ଆୟୁର୍ବେଦରେ ଶଙ୍ଖ' ଆଦି ଲେଖାଗୁଡ଼ିକ ମଧ୍ୟ ଭଲ ହୋଇଛି। ଶୋଭନାର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଜୟ ଭାରତ



କୃଷ୍ଣ କୁମାର ମହାନ୍ତି

ମୁଁ ନଥିବା ଭାରତର ଅନାଗରିକତାକୁ ନେଇ
ଠିଆ ହୋଇଛି ଏକ୍ଲା
ଦେଶଠୁ ଦୂରରେ।
ଦଶାଠୁ ଦୂରରେ।
ଦାସଠୁ ଦୂରରେ।

ମୋ ହାତରେ ଅଛି ଅଠର ବର୍ଷିଆ ଅଧିକାର
ମୋ ପାଦରେ ଅଛି ସ୍ୱଦେଶୀ ଶକ୍ତି
ମୋତେ କୁଆଡ଼େ ଡାକୁଛ ହୋ ସର୍କାର୍ !
ମୁଁ ଆଜି ହିଁ କରୁଛି ତମକୁ ଅନ୍‌ଫ୍ରେଣ୍ଡ।

ଦାନା ଫିଙ୍ଗି ଦେଇ ମୋତେ
କବଳିତ କରିବ ଭାବନା
ମୁଁ ସେଇ ଭୋକିଲା ଚଢ଼େଇ ନୁହଁ କି
ତମେ ଚତୁର ଶିକାରୀ।

ଦେଶଭକ୍ତିରେ ଦୋଦୋଚିହ୍ନା ଦିଶେ ତମ ମୁହଁ
ଉଦ୍‌ବାସ୍ତୁଙ୍କ ପିଠିରୁ ଝରୁଥିବା
ଝାଳବିନ୍ଦୁରେ ଝୋଳ କରି
ହାପୁଡୁଥାଅ ତୁମେ ମଣିଷ ରକ୍ତ
ଦେଶ ଦେଖିନଥିବା
ଗୋଟେ ନୂଆ ଦୟ ନେଇ ମୁଁ ପହଞ୍ଚିଛି ଆଜି।

ଯାଅ ଯାଅ ହୋ ସର୍କାର୍
ତମକୁ ଆଜିଠୁ କରୁଛି ମୁଁ ଅନ୍-ଫଲୋ

ଆଉ ଶୁଭିବ ନାହିଁ ତମ ଅଧିନାୟକର ସ୍ୱର
ଯିବା ଆସିବା ବାଟରେ ତମେ ଭେଟିବ ନାହିଁ
ସେଇ ଜନଗଣମନକୁ
ଦେଶର ମୁଖା ପିନ୍ଧି ପ୍ରତିଟି ମଣିଷ
ଏଣିକି ଓହ୍ଲେଇ ଦେବେ ତମ ଦେହରୁ
ଜୟ ଭାରତର ମିଛ ପୋଷାକ।

ଥୟ ଧର ସର୍କାର୍ ଥୟ ଧର। ■

କଳିଙ୍ଗ ନଗର
ବାଲେଶ୍ୱର-୭୫୬୦୦୧
ମୋ: ୭୦୦୮୮୪୫୯୨୦



## ଚୈତ୍ର ମାସ ଆସେ



ଶିଶିର ନାୟକ



ତମେ ମୋତେ ଭଲପାଅ ବୋଲି
ଚୈତ୍ର ମାସ ଆସେ

ସକାଳୁ ପୁଅକୁ ସ୍କୁଲ ଛାଡ଼ି ଫେରିଲା ବେଳେ
ଆଣି ଥାଏ କ୍ଷୀର ଓ ବୋଉର ପାନ
ଫଗୁଣର ଫସଲରେ ବାସୁଥାଏ ତୁମ ପଣତ
ତର ତର ହେଇ ଅଫିସ୍ ବାହାରିବା ବେଳେ
ଟିଭି କହୁଥାଏ ଆଜି ଭାରତ ବନ୍ଦ
ସବୁ ଅଣାୟତ୍ତ

ସନ୍ଧ୍ୟା ଆସି ଅଫିସ୍ ଛୁଏଁ
ନୂଆ ଭଳିଆ ସହର ଚେଇଁ ଉଠେ
ରୂପାଲି ଛକ ରୁପା ପରି ଦିଶେ

ଫେରୁ ଫେରୁ କି ପବନ !
ଭୁଲି ହୋଇଯାଏ
ଢେର ଲୋକଙ୍କ ବାକ୍ୟଛନ୍ଦ

ପୁଅ ସହ ବାଲକୋନୀରେ
ଠିଆ ହେଲାବେଳେ
ହଂସପାଳ ଛକରୁ ଅନେଇ ଥାଏ
କେତେ ବଡ଼ ଜହ୍ନ
ଭୁଲେଇ ଦିଏ ଅଫିସ୍‌ର ଚୁଗୁଲି ଜଞ୍ଜାଳ

ତାରା ଫୁଟେ କୁଆଡ଼େ କୁଆଡ଼େ
ଲୁହ ପୋଛେ ଖୁଡ଼ୀ କାନିରେ
ପ୍ରତିଦିନ ପୁଅର ମୁହଁ ଦେଖି ବଞ୍ଚେ
ଧାନ ପାଚୁଥାଏ ବିଲରେ

ଅଭ୍ୟସ୍ତ ଘରକରଣାରେ
ଲିଭି ଯାଉଥାଏ ବିଭେଦ ରେଖା
ନୂଆ ପ୍ରଜାପତିଟିଏ ଉଡ଼ି ବୁଲୁଥାଏ
ତୁମ ଅଭିମାନରେ
ମହୁ ଟିକେ ଖୋଜି ଖୋଜି
ଦିନ ସବୁ ସରିଯାଉଥାଏ

ତୁମେ ମୋତେ ଭଲପାଅ ବୋଲି
ଚୈତ୍ର ମାସ ଆସେ ■

ମୋ : ୯ ୯୩୭୪୯୦୬୪୭




## "ମୁଁ ଜୀବନରୁ ସତ୍ୟ ଓ ଅର୍ଥ ଖୋଜିବାକୁ ଲେଖେ"



ସୂର୍ଯ୍ୟ ମିଶ୍ର

ନୃତ୍ୟ କରିବା, ଚିତ୍ର ଆଙ୍କିବା, ଗାଇବା ଏବଂ ସ୍ଥାପତ୍ୟ ନିର୍ମାଣ ପରି ସୃଜନକର୍ମ ପାଇଁ ମୋର ଦକ୍ଷତା ନାହିଁ ବୋଲି ସମ୍ଭବତଃ ମୁଁ ଲେଖିଲି। କ୍ରମେ କ୍ରମେ ଲେଖିବାକୁ ହିଁ ଗୁରୁତ୍ୱ ଦେଲି, ତେଣୁ ଲେଖିଲି। କାରଣ ଅନ୍ୟଗୁଡ଼ିକ ମୋ ଦେଇ ହେଲା ନାହିଁ। ସେ ବିଶେଷ ସର୍ଜନ ପ୍ରତିଭା ମୋର ନାହିଁ। ବ୍ୟକ୍ତିଗତ ଜୀବନଚର୍ଯ୍ୟା ସାଙ୍ଗକୁ ସମାଜଜୀବନରେ ସଂଘଟିତ ଅନେକ ଘଟଣା ମୋତେ ଆଚ୍ଛନ୍ନ କରେ। ବେଳେବେଳେ ଆବେଗ ପ୍ରତାଡ଼ିତ ହୋଇ ଲେଖେ। ମୋ ଆଗରେ, ମୋର ଗୋଚରରେ କେତେଗୁଡ଼ାଏ ମର୍ମାନ୍ତିକ, ପୀଡ଼ାଦାୟକ ଓ ଭାବ ଉଦ୍ଦୀପକ ଘଟଣା ଯେମିତି: ଜନଆନ୍ଦୋଳନ, ନାରୀ ହତ୍ୟା ଓ ଦୁଷ୍କର୍ମ, ଗୁଳି, ଧ୍ୱଂସଲୀଳା କି ଦୁର୍ବଳ ଉପରେ ଅତ୍ୟାଚାର, ବିସ୍ଥାପନ, ଅନୈତିକ ଓ ବେଆଇନ ବ୍ୟବହାର, ଭ୍ରଷ୍ଟାଚାର, ଦୁର୍ନୀତି ଆସେ। ସେତେବେଳେ ବିଫଳତା ଓ ଅସହାୟତା କୂଳ ଲଂଘେ ଓ ମୁଁ ଲେଖିବାକୁ ମନ କରେ। ପୁଣି, ଅନେକ ସମୟରେ ମାନବିକତାର ବିଜୟ ଓ ସଫଳତା ମଧ୍ୟ ମୋତେ ଉଲ୍ଲସିତ କରେ। ନିରବତା ଭିତରେ ମୋତେ କୋଳାହଳ ଆକ୍ରାନ୍ତ କରେ। ସେଥିରେ ଥାଏ କୋଉ ସ୍ତ୍ରୀ ଲୋକର କାନ୍ଦଣା କି କେଉଁ ଅସହାୟର ବୁକୁଫଟା ଚିତ୍କାର। କେଉଁଠି ଜଳିଯିବା ତ କେଉଁଠି ବନ୍ଧୁକର ଗୁଳି। ଆର୍ତ୍ତ ମଣିଷଙ୍କ ଶୋଭାଯାତ୍ରା କି କୋଉ ଜନଆନ୍ଦୋଳନରେ ଗର୍ଜନ। ଏତେଗୁଡ଼ାଏ କୋଳାହଳ ଭିତରୁ ମୁଁ ଗୋଟେ ବୈଚାରିକତା ବା ମୂଳକଥାକୁ ଫେରେ। ସେତେବେଳେ ସେତକ ମୂଳକଥା ମୋର ଲେଖାର ଉପାଦାନ ପାଲଟିଯାଏ।

ବୈଚାରିକତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଗୋଟାଏ ବିଚାରକୁ ନେଇ ଆଦର୍ଶ କି ଯଥାର୍ଥ ଗଢ଼ି ତୋଳାଯାଏ। ବୈଚାରିକତା କଥା ଆସିଲେ ବୌଦ୍ଧିକତା ପହଞ୍ଚେ। ପ୍ରତ୍ୟକ୍ଷ ଦୃଷ୍ଟି, ଅନୁଭବ ଓ ତଦ୍ଜନିତ ନିଆରା ଉପଲବ୍ଧି ବଳରେ ମୁଁ ସେ ବିଚାରକୁ ଆପଣାଏ, ଆଗ୍ରହ ରଖେ, ସେଥିପାଇଁ ବାମାବାଦ କି ନାରୀ ଅନ୍ତର୍ମନର କଥା କି ଦଳିତ ବିମର୍ଶ ଆଡ଼କୁ ଲେଖା ଇଙ୍ଗିତ କଲେ ମୋର ଯାଏଆସେ ନାହିଁ। ମୁଁ ଜାଣେ, ମୋର ତଥାକଥିତ ବ୍ରାହ୍ମଣ-ବହପ କି ସଂସ୍କାର ଅବା ଛଳ-ନୈତିକତାର କୌଣସି ମୂଲ୍ୟ ନାହିଁ। ସେତେବେଳେ ଗୋଟାଏ ବିଚାରର ଯଥାର୍ଥତା ଉପରେ ମୋର ଭରସା ଆସେ। ମୁଁ ପରମ୍ପରାକୁ ମଧ୍ୟ ପ୍ରଶ୍ନ କରେ, ପ୍ରତିବାଦ ଜଣାଏ, ଦ୍ରୋହ ଡାକେ।

ମୋତେ ଲାଗେ, ଗୋଟିଏ ଲାଞ୍ଛନାର ପରିବେଶରେ ମୁଁ ବଞ୍ଚୁଛି। ଅପ୍ରାପ୍ତି, ବେଦନାବୋଧ ଓ ଅସନ୍ତୁଷ୍ଟିର ଗୁଡ଼ାଏ ପାହାଚ ମୋ ଆଗରେ ଉଭା ହୁଅନ୍ତି। ମୁଁ ସେଗୁଡ଼ାକ ଭାଙ୍ଗି ଚୁର୍ମାର କରିବାକୁ ଚାହେଁ। କିନ୍ତୁ କୌଣସି କଳାତ୍ମକତା କି ଶବ୍ଦର କାରିଗରୀ ସେ ପାହାଚ ଭାଙ୍ଗିବାରେ ବିଶେଷ ସହଯୋଗ କରିବେନି, କେବଳ ଉସ୍କାଇବା କିମ୍ବା ଉତ୍ସାହିତ କରିବା ବ୍ୟତୀତ। ସେମିତି କାମ ପାଇଁ ମୁଁ ଲେଖେ, ସେଇଟା କ୍ଷେତ୍ର ଉପରେ ଅସ୍ତ୍ର ଭାବରେ କାମ କରିବ ନାହିଁ ଜାଣି ମଧ୍ୟ। କିନ୍ତୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକ ବି ଅଛନ୍ତି। ସେମାନେ ମୋ'ଠାରୁ ଅଧିକ ଶକ୍ତିଶାଳୀ ଓ ପ୍ରଭାବୀ ହୋଇପାରନ୍ତି। ସେମାନଙ୍କ ପ୍ରତି ମୋର ସମ୍ମାନ ବି ରହିଛି। ସେମାନଙ୍କ ପାଇଁ ବି ଲେଖେ।

ଏବେ ଲେଖା ପ୍ରାୟତଃ ରାଜନୈତିକ। ସେସବୁର ପ୍ରାସଙ୍ଗିକତା ମଧ୍ୟ ସ୍ୱୀକାର୍ଯ୍ୟ। କଳାର ମଧ୍ୟ ରାଜନୀତି ଅଛି। ଆମ ଚାରିଦିଗରେ ବୈଷମ୍ୟ, ଅନାଚାର, ଯୁଦ୍ଧ, ସଂଘର୍ଷ, ସଂଶୟ, ସ୍ୱେଚ୍ଛାଚାର, ଶାସକର ଅତ୍ୟାଚାର-ନିର୍ଯାତନା-ଶୋଷଣ ଓ ମୂଲ୍ୟବୋଧର ଅବକ୍ଷୟ। ମୋର ବି ବିବେକ ଅଛି, ଭିନ୍ନତା ତ ଅଛି, ବିରୋଧାଭାସ ଅଛି, ବିଦ୍ରୋହ ଓ ପ୍ରତିବାଦ ବି ଅଛି। ପ୍ରତି ଲେଖା ଗୋଟାଏ କଥାବାର୍ତ୍ତାର କିୟଦଂଶ। ପୂର୍ଣ୍ଣାଙ୍ଗ ନଚେତ ଆଂଶିକ। ନିଜ ସହିତ, ଅନ୍ୟ ସହିତ, ଈଶ୍ୱରଙ୍କ ସହିତ ନହେଲେ ସାରା ସଂସାର ସହିତ। ଅନନ୍ତକୋଟି ଦୃଶ୍ୟ ଆତଯାତ ହେଉଛନ୍ତି ମୋ' ଭିତରେ ଓ ବାହାରେ। ଚିତ୍ର, ଚରିତ୍ର, ଘଟଣା, ସ୍ଥାନ ଓ ପରିବେଶର ଗୋଟାଏ ବିପୁଳ ପୃଥ୍ୱୀ ମୋ ଆଗରେ ଉଭା ହୋଇଛି। ରହସ୍ୟ, ଅଲୌକିକତା ଓ ମାୟା ମଧ୍ୟ ବେଳେବେଳେ ମୋତେ ଆଚ୍ଛନ୍ନ କରେ। ସେତେବେଳେ ଗୋଟେ ଅନ୍ଧାରୁଆ ସୁଡ଼ଙ୍ଗରେ ପଶି ଚେନାଏ ଆଲୁଅ ଦେଖିବାର ପ୍ରୟାସକୁ ଲାଳନ କରିବାକୁ ପଡ଼େ। କିନ୍ତୁ ଈଶ୍ୱରଙ୍କୁ ଡାକି ସମାଧାନ ମିଳେନି, କେବଳ କହିବା କଥା। ଈଶ୍ୱର, ପ୍ରକୃତି, ତଥାକଥିତ ଧର୍ମ କି କୃତ୍ୟଙ୍ଗ ଇତ୍ୟାଦି ମୋର ପ୍ରଶ୍ନର ଉତ୍ତର ଦେଇପାରନ୍ତି ନାହିଁ। କିନ୍ତୁ ସେମାନଙ୍କୁ ବି ପ୍ରଶ୍ନ କରିବାକୁ ମୁଁ ଲେଖେ।

କେତେ କଥାରେ ମୋର ସୂକ୍ଷ୍ମ ଚେତନା ଉଲ୍ଲସିତ ହେଉଛି, ଆନ୍ଦୋଳିତ ହେଉଛି, ଖୁସି ହେଉଛି ତ କେବେ ଦୀର୍ଘଶ୍ୱାସ ଛାଡୁଛି। ଯେତେବେଳେ ବିଫଳତା ମୋତେ ଜଳଜଳ ଦିଶୁଛି, ସେତେବେଳେ ମୋର ପ୍ରଶ୍ନାକୁଳତା ବଢ଼ି ଚାଲିଛି। ମୋର ବ୍ୟକ୍ତିସତ୍ତା ସବୁ ସହିଯାଇ ପାରେ, କିନ୍ତୁ ଲେଖକୀୟ ସତ୍ତା ସମ୍ଭାଳି ପାରୁନି। ସେ ଉଦ୍ଗୀରଣ କରେ, ବୋମା ପରି ଫୁଟେ, ବିଚାର କରିବାକୁ ଇଚ୍ଛା କରେ, ସଂଘର୍ଷ ପାଇଁ ସମ୍ମତି ଦିଏ। ମୋର ଲେଖକୀୟ ସତ୍ତା ସେତେବେଳେ ବ୍ୟକ୍ତିସତ୍ତାକୁ ପ୍ରଶ୍ନ କରେ। ଈଶ୍ୱରଙ୍କ ନହେଲେ ବ୍ୟବସ୍ଥା କି ସମଧର୍ମାମାନଙ୍କ ସମର୍ଥନ ଆଶା କରେ। ମୋ ଲେଖକୀୟ ସତ୍ତାକୁ ମୁଁ ଶୁଦ୍ଧ ଓ ସ୍ୱଚ୍ଛ କରିବାକୁ ଚାହେଁ।

ମୋ ଲେଖକୀୟ ସତ୍ତାର ସ୍ୱପ୍ନ, କ୍ଷତ ଓ ବିସ୍ମୟ ଥାଏ। ସମକାଳୀନ ପରିବେଶରେ ଦିଗନ୍ତ ଯେମିତି ଧୂମାଭ, ଆଶାଗୁଡ଼ିକ ମଳିନ, ଅସହାୟତାର ଓ ବିଶ୍ୱାସଭଙ୍ଗର ରାଜୁତି। ମୁଁ ସେମିତିରେ ବିସ୍ମିତ ହୁଏ। କ୍ଷତଗୁଡ଼ିକର ପୁରୁଣା ଥଲଥଲ ଦେହରେ ମଲମ ଲଗାଇବାକୁ ଭାବେ। ଶରଗୁଡ଼ାକରେ ଆଶାର ଅଠା ଲଗାଇ ଲମ୍ବା କରେ, ସେଇ ଯୋଖା ଶରଗୁଡ଼ିକୁ ଲକ୍ଷ୍ୟବିଦ୍ଧ ହେବାକୁ ପ୍ରବର୍ତ୍ତାଏ। ବିଫଳ ହେଲେ ମଧ୍ୟ ବାରମ୍ବାର ଚେଷ୍ଟା କରିବାକୁ ଆଗ୍ରହ କରେ। ସେଇଟା ମୋ ଅସ୍ତିତ୍ୱର ଲକ୍ଷଣ।

ମୁଁ ବଞ୍ଚୁଥିବା ଜୀବନ ମତେ ଲାଗେ ବିପନ୍ନ। ଭାବୁଥିବା ଜୀବନ ଆଗରେ ଅବଶ୍ୟ ଏହି ବଞ୍ଚିବାର ଜୀବନ ସାନ। ସେଥିପାଇଁ ଜୀବନଠାରୁ ଲେଖା ବଡ଼ ହୋଇପାରିବନି ବୋଲି ଜାଣି ମଧ୍ୟ ମୁଁ ଭାବୁଥିବା ଜୀବନର ଅଙ୍ଗ ଭାବରେ ବଞ୍ଚୁଥିବା ଜୀବନକୁ ସତ୍ୟଶୀଳ ଓ ଅର୍ଥପୂର୍ଣ୍ଣ ଭାବରେ ଗତିଶୀଳ କରାଇବାକୁ ଚାହେଁ। ସେଥିପାଇଁ ମୁଁ ଲେଖେ।

ଏକାଧିକ କଥାରେ ମୋର ମନ ଘାଣ୍ଟିହୁଏ, ଉଖାରିବାକୁ ଆଗ୍ରହ ଆସେ, ହୃଦୟର ସବୁ ବୁଝାମଣା ଦେଇ ଅନ୍ୟର ସୂକ୍ଷ୍ମ ଚେତନାର ଦର୍ଜା ଦେଇ ପଶିବାକୁ ମନ ଲୋଡ଼େ। ସେତେବେଳେ ଲେଖାର ମଞ୍ଜି ମିଳିଯାଏ। ଗୋଟାଏ ବିଦ୍ୟୁତ ଲେଖା ପରି ସେ ମୋ ଭିତରେ ଉଜ୍ଜ୍ୱଳତା ଭରିଦିଏ। ଭିତର ଦର୍ପଣରେ ତା'ର ଛବି ଜଳଜଳ ଦିଶେ। ଯଦି ମୁଁ ସେତେବେଳେ ଉଦାସୀନ ରହେ, ସେ ମଞ୍ଜିଟି ମରେ ଓ ଲେଖା ଆତ୍ମହତ୍ୟା କରେ। ମୁଁ ନିଜକୁ ଆତତାୟୀ ମନେ କରେ। ଅନ୍ୟ ପକ୍ଷରେ, ଅସ୍ତିତ୍ୱର ଭାଙ୍ଗି ଯାଉଥିବା ଅଂଶକୁ ପୁଣି ମରାମତି କରିବାକୁ ବହୁ ସମୟ ଲାଗିଯାଏ। ଅସ୍ତିତ୍ୱ ନିର୍ମାଣରେ ମନୋନିବେଶ କଲେ ପୁଣି ନୂଆ ବାଗରେ ଅଚାନକ ଗୋଟେ ଲେଖାର ଜିଭ ଲେଉଟେ, କେତେବେଳେ ଲାଗେ କରିବା କଠିନ।

ଲେଖିଲାବେଳେ ମୁଁ ଯେମିତି ନିଜର ଆତ୍ମାର ନିକଟତର ହେଉଥାଏ। କହିବାକୁ ଗଲେ ନିଜ ଭିତରକୁ ପଶୁଥାଏ। କୋରି କୋରି ପଶୁଥାଏ। ଭିତର ଝରକାସବୁ ଖୋଲୁଥା'ନ୍ତି। ଖୋଲା ପବନ ଓ ଫର୍ଚ୍ଚା ଆକାଶ ମିଳୁଥାଏ। ସେତେବେଳେ ମୋ ବ୍ୟକ୍ତିସତ୍ତା କର୍ତ୍ତୃତ୍ୱ ହରାଇ ସାରିଥାଏ। ମୋ ବିଚାରରେ ମୁଁ ସତ୍ୟକୁ ଖୋଜୁଥାଏ। ସେଥିପାଇଁ ଯୁକ୍ତି କରେ, ଅବଶ୍ୟ କାବ୍ୟିକ ଯୁକ୍ତି। ବାସ୍ତବତା ଓ କଳ୍ପନାର ଏକ ଅଜବ ମିଶ୍ରଣ।

ମୋର ଲେଖାରେ ସାଧାରଣ ଜୀବନର ପ୍ରେମ, ଦୁଃଖ, ଭୟ, ହତାଶା, ପରାଜୟ ଓ ସ୍ୱପ୍ନଭଙ୍ଗ ତ ଥାଏ, ପୁଣି ପ୍ରତିବାଦ, ପ୍ରଶ୍ନ, ବିରୋଧ, ତଥାକଥିତ ଜାତି ଓ ଧର୍ମ ପ୍ରତି ବିଦ୍ରୂପ ବି ରହେ। ତେବେ 'କୌଣସି ପ୍ରସଙ୍ଗ କବିତା ପାଇଁ ଅସ୍ପୃଶ୍ୟ ନୁହେଁ।' ବୋଲି ରହିଥିବା ସତ୍ୟଟି ଜାଣି ମଧ୍ୟ ମୁଁ 'ସବୁ'କୁ ନେଇ ଲେଖାରେ ଥୋଇପାରେ ନାହିଁ।

ମୁଁ ଅନ୍ୟକୁ ଭଲ ପାଇବାକୁ ଲେଖେ, ଭଲ ଲାଗିବାକୁ ଲେଖେ। ଆଶା ଓ ସମ୍ଭାବନାର ଦିଗନ୍ତଗୁଡ଼ିକକୁ ସଂପ୍ରସାରିତ କରିବାକୁ ଲେଖେ। ନିଜେ ଅନ୍ଧାରରୁ ଆଲୁଅ ଆଡ଼କୁ ଯିବା ପାଇଁ ଲେଖେ। ନିଜ ବ୍ୟକ୍ତିସତ୍ତାରୁ ଲେଖକୀୟ ସତ୍ତାକୁ ଯାତ୍ରା କରିବାକୁ ଲେଖେ। ସମସ୍ତ ପାପ ବିନାଶନ ଉଦ୍ଦେଶ୍ୟରେ ତୀର୍ଥଯାତ୍ରା ପରି ଲେଖେ। ଗୋଟାଏ ସଂଶୋଧିତ, ଆଲୋକିତ ଓ ସଂପ୍ରୀତିମୟ ଭବିଷ୍ୟତ କଥା ଭାବି ଲେଖେ। ବାଲ୍ମିକୀ ଓ ବ୍ୟାସଙ୍କ ରଚିତ ମହାକାବ୍ୟର ନାୟକ ଈଶ୍ୱର ହୋଇଥିବାବେଳେ ସେ ଲେଖା ବିଶ୍ୱବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ସୁରକ୍ଷିତ ଓ ଆଦୃତ ହୋଇ ରହିଛି ବୋଲି ଜାଣି ମଧ୍ୟ ଲେଖେ। ଈଶ୍ୱର ନହୋଇ ଜଣେ ମଣିଷ ଭାବେ ପରିଚୟ ଦେବାକୁ ମୁଁ ଲେଖେ। ମୋ ସମୟର ମହତ୍ତମ ଆକୁତି ଓ ମହତ୍ତର ସମ୍ଭାବନାଗୁଡ଼ିକକୁ ଉଜାଗର କରିବାକୁ ଲେଖେ। ବିବିଧ ସଂଶୟକୁ ଘଷି ଘଷି ତରଳାଇବାକୁ ଲେଖେ। ■

ବି. ୧୦୯, ସିଟି ଏନକ୍ଲେଭ
ଗାୟତ୍ରୀ ବିହାର, ସୁନ୍ଦରପଦା
ଭୁବନେଶ୍ୱର- ୭୫୧୦୦୨

## ଓପିଏସ୍ ଗ୍ରୁପ-ଏ'ରୁ ଓଆର୍ଏସ୍ ଗ୍ରୁପ-ବି'କୁ ଅବନତି ମାମଲା

# ମୁଖ୍ୟ ଶାସନ ସଚିବଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ତାଗିଦ

ଫୁଲବାଣୀ,୬।୧୨(ସମିସ): ବିଭାଗୀୟ ଭୁଲ୍ ପାଇଁ ଜଣେ ଆବେଦନକାରୀଙ୍କୁ ଦୀର୍ଘ ୮ ବର୍ଷ ଧରି ଅନ୍ୟାୟ ସହିବାକୁ ପଡୁଥିବାରୁ ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ଶାସନ ସଚିବଙ୍କୁ ତାଗିଦ କରିଛନ୍ତି।


ସୂଚନାଯୋଗ୍ୟ ଓଡ଼ିଶା ପୁଲିସ ସେବା ଅଧିକାରୀ ନିବେଦିତା ସୋରେନଙ୍କୁ ସାଧାରଣ ପ୍ରଶାସନ ବିଭାଗର ସାମାନ୍ୟ ତ୍ରୁଟି ଯୋଗୁଁ ଓପିଏସ ଗ୍ରୁପ-ଏ ରୁ ଓଆରଏସ ଗ୍ରୁପ-ବିକୁ ଅବନତି ଦେଇ ୨୦୧୮ ମସିହାରୁ ଗୃହ ବିଭାଗରୁ ତାଙ୍କର ଚାକିରୀ ସମାପ୍ତ କରାଯାଇଥିଲା। ଏ ନେଇ ନିବେଦିତା ୨୦୧୮ ମସିହାରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ଶୁଣାଣି କରି

**ଆଦେଶ କାର୍ଯ୍ୟକାରୀ ନହେଲେ ଲାଗିବ 'ଅଦାଲତ ଅବମାନନା'**

ହାଇକୋର୍ଟ ୨୦୨୪ ଡିସେମ୍ବର ଦୁଇ ତାରିଖରେ ତାଙ୍କର ଅବନତି ଆଦେଶକୁ ନାକଚ କରି ଏବଂ ପୁଣି ଓପିଏସ ରେ ଚାକିରୀ ଜାରି ରଖିବାକୁ ନିର୍ଦ୍ଦେଶ ଦେଇ ଆବେଦନକରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲେ। ଇତି ମଧ୍ୟରେ ବର୍ଷେ ବିତି ଯାଇଥିଲେ ମଧ ହାଇକୋର୍ଟଙ୍କ ଆଦେଶର ଅନୁପାଳନ ହୋଇ ନଥିବା ଦର୍ଶାଇବା ସହ ଏହାକୁ ଅଦାଲତ ଅବମାନନା ଭାବେ ଗ୍ରହଣ କରିବା ପାଇଁ ନିବେଦିତା ପୁନଶ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାକୁ ବିଚାରପତି ବିରଜା ପ୍ରସନ୍ନ ଶତପଥି ଚଳିତ ୩ ତାରିଖରେ ଶୁଣାଣି କରି ହାଇକୋର୍ଟଙ୍କ ଆଦେଶ ଅନୁପାଳନ ହୋଇ ନଥିବା ନେଇ ମୁଖ୍ୟ ଶାସନ ସଚିବଙ୍କୁ ତାଗିଦ କରିବା ସହ ଏକ ମାସ ମଧ୍ୟରେ ଆଦେଶର ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂର୍ବରୁ ଆଦେଶ କାର୍ଯ୍ୟକାରୀ ନହେଲେ ଏହାକୁ ଏକ ଉଦ୍ଦେଶ୍ୟମୂଳକ ନ୍ୟାୟିକ ଅବମାନନା ରୂପେ ଧରାଯିବ ବୋଲି ହାଇକୋର୍ଟ କହିଛନ୍ତି।

# ମାସ୍କାସାରୁ ଜଙ୍ଗଲରେ ମାଓବାଦୀ-ସୁରକ୍ଷା କର୍ମୀ ଗୁଳି ବିନିମୟ

## ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓସାମଗ୍ରୀ ଜବତ

ବାଲିଗୁଡ଼ା, ୬।୧୨(ସମିସ): କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅନ୍ତର୍ଗତ ମାସ୍କାସାରୁ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯବାନଙ୍କୁ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଘଟଣାସ୍ଥଳରୁ ବନ୍ଧୁକ ସହ ରାସନ ଓ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି। ସୂଚନାନୁଯାୟୀ, ମାସ୍କାସାରୁ ଜଙ୍ଗଲରେ ଏସ୍ଓଜି ଓ ସିଆର୍ପିଏଫ୍ ଯବାନଙ୍କ ପକ୍ଷରୁ କମ୍ବିଂ ଅପରେସନ୍ ଚାଲିଥିଲା। ଏହି ସମୟରେ ମାଓବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। ମାତ୍ର ସୁରକ୍ଷା କର୍ମୀମାନେ ଏହାର କଡ଼ା ଜବାବ ଦେଇଥିଲେ। ଶେଷରେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେସନ କରାଯାଇ ମାଓ ଶିବିର ଠାବ କରାଯିବା ସହ ସେଠାରୁ ବନ୍ଧୁକ ସହ ବହୁ ଅସ୍ତ୍ରଶସ୍ତ୍ର ଓ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଥିଲା। ଯବାନଙ୍କ ପକ୍ଷରୁ କମ୍ବିଂ ଜୋର୍ଦାର ସହ ସର୍ଚ୍ଚ ଅପରେସନ ଜାରି ରହିଛି।

# କାଦୁଅ ଜମିରେ ନିସ୍ତେଜ ପଡ଼ିଛି ମାଖନା

ତେଲକୋଇ, ୬।୧୨ (ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଦନ୍ତାହାତୀ ଆକ୍ରମଣରେ ଗୁରୁତର ହୋଇଥିବା ମାଖନା ହାତୀର ସ୍ୱାସ୍ଥ୍ୟାବସ୍ଥା ଦ୍ରୁତ ଗତିରେ ବିଗିଡ଼ିବାରେ ଲାଗିଛି। ତା' ଅବସ୍ଥା ଅତି ସଙ୍କଟାପନ୍ନ ଥିବା ବେଳେ ଏକ ବିଲ ମଝିରେ

**ଦନ୍ତା ଆକ୍ରମଣରେ ଗୁରୁତର ହୋଇଥିଲା**

ସେ ନିସ୍ତେଜ ଅବସ୍ଥାରେ ପଡ଼ି ରହିଛି। ବନ ବିଭାଗ ତାକୁ ଜଗି ରହିଥିଲେ ହେଁ ଉପଯୁକ୍ତ ଚିକିତ୍ସା ଅଭାବରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି।

୩ ମାସ ତଳେ ଦନ୍ତା ହାତୀଙ୍କ ଆକ୍ରମଣରେ ଏହି ମାଖନାଟି ଆହତ ହୋଇଥିଲା। ତା' ବାମ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହେବା ସହ ଶରୀରର ବିଭିନ୍ନ ସ୍ଥାନରେ ଦାନ୍ତ ପଶି କ୍ଷତ ସୃଷ୍ଟି ହୋଇଥିଲା। ବନ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଦଳ ତା' ଚିକିତ୍ସା ଆରମ୍ଭ କରିଥିଲେ। ତାକୁ ନିଶ୍ଚେତକ ଦେଇ କ୍ଷତ ସ୍ଥାନରେ ଜମି ରହିଥିବା ପୂଜା ବାହାର କରିବା ସହ ଉକ୍ତ ସ୍ଥାନକୁ ଡ୍ରେସିଂ କରିଥିଲେ। ମଝିମଝିରେ ଆବଶ୍ୟକ ଆଣ୍ଟିବାୟୋଟିକ୍ ଦିଆଯାଉଥିଲା ବୋଲି ବନ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଥିଲା। ସେତେବେଳେ ମାଖନାର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଥିବା କୁହାଯାଉଥିଲା। କିନ୍ତୁ ଦୁଇ ଦିନ ହେବ, ହାତୀର ଗତିବିଧି ଧିମା ରହିଛି। କନ୍ତଲେଇ ଗ୍ରାମ ଦାଡ଼ିଆସାହି ନିକଟ ବାଙ୍କ ମୁଣ୍ଡା ଜମି ମାଳରେ ଥିବା ଏକ କାଦୁଅ ଜମିରେ ହାତୀଟି ପଶିଯାଇଛଥିବା ବେଳେ ସେଠାରୁ ଆଉ ବାହାରିପାରୁନି। ସେଠାରେ ନିସ୍ତେଜ ଅବସ୍ଥାରେ ପଡ଼ିରହିଛି। ହାତୀଟି ଅତି ଦୁର୍ବଳ ହୋଇଯାଇଥିବା ଦେଖାଯାଇଛି।

## ବିଜେପିରେ ପ୍ରୟାସକାନ୍ତି ଓ ପ୍ରଣିତକାନ୍ତି ମିଶିବା ପ୍ରସଙ୍ଗ

# ଇଡି କେସ୍ରୁ ବଞ୍ଚିବାକୁ ବିଜେପିରେ ଯୋଗଦାନ: ବ୍ୟୋମକେଶ



ଭୁବନେଶ୍ୱର, ୬।୧୨(ସମିସ): ବିଜେପିରେ ପ୍ରୟାସକାନ୍ତି ସାମଲ ଓ ପ୍ରଣିତକାନ୍ତି ସାମଲ ମିଶିବା ପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଚାନ୍ଦବାଲିର ବିଜେଡି ବିଧାୟକ ବ୍ୟୋମକେଶ ରାୟ। ସେ କହିଛନ୍ତି ଯେ ବିଜେଡି ହେଉଛି ଦେଶର ସବୁଠାରୁ ବଡ଼ ଆଞ୍ଚଳିକ ଦଳ। ବିଜେଡି ଶାସନ ବେଳେ ଦଳ ପ୍ରୟାସକାନ୍ତିଙ୍କୁ ଭଣ୍ଡାରିପୋଖରୀ ଦାୟିତ୍ୱ ଦେଇଥିଲା। ପ୍ରୟାସକାନ୍ତି ବିଜେଡି ପାଇଁ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ଏବେ ବିଜେପିରେ ମିଶି ସେ ସ୍ୱାର୍ଥବାଦୀ କାମ କରିଛନ୍ତି। ବରପଦା କଲେଜର ଇଡି ମାମଲାରୁ ବଞ୍ଚିବାକୁ ସେ ବିଜେପିରେ ମିଶିଛନ୍ତି। ବରପଦା କଲେଜକୁ ନେଇ ବିଜେପି ସହ ଡିଲ୍ ହୋଇଛି। ବିଜେପି ବରପଦା କଲେଜ ଘଟଣାକୁ ସବୁବେଳେ ବିରୋଧ କରୁଥିଲା, କିନ୍ତୁ ଆଜି କାହିଁକି ପ୍ରୟାସକାନ୍ତି ସାମଲଙ୍କୁ ମିଶାଇଲା ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି। ବରପଦା ଇଞ୍ଜିନିୟରିଂ କଲେଜ ମାମଲା ପାଇଁ ୨୦୨୪ ସାଧାରଣ ନିର୍ବାଚନରେ ପ୍ରଫୁଲ୍ଲ ସାମଲ ହାରିଥିଲେ। ଭଦ୍ରକବାସୀ ଭଲ ଭାବେ ଜାଣି ଗଲେଣି ଭଦ୍ରକ ଜିଲ୍ଲା ପାଇଁ ବିଜେପି କିଛି କରିପାରିବନି। କେବଳ କଥା କହି ଲୋକଙ୍କୁ ବିଜେପି ଭୁଆଁ ବୁଲାଉଛି। ଭଦ୍ରକବାସୀ ବିଜେପିକୁ ନାପସନ୍ଦ କରୁଛନ୍ତି। ଆଗାମୀ ଦିନରେ ବିଜେପି ସମଦଶା ଭୋଗିବ ବୋଲି ବ୍ୟୋମକେଶ କହିଛନ୍ତି।

# ଜାନୁଆରୀ ୨୦ରେ ଓଏସ୍ଏସ୍ଟିଇଟି ପରୀକ୍ଷା

 କଟକ, ୬।୧୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଏସଏସଟିଇଟି)-୨୦୨୫ ପରୀକ୍ଷା ଆସନ୍ତା ଜାନୁଆରୀ ୨୦ତାରିଖରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା

**ଅନଲାଇନ୍ ପଞ୍ଜୀକରଣ ଆରମ୍ଭ**

ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର୍-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜିଠାରୁ ୨୪ଘଣ୍ଟିଆ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇ ଡିସେମ୍ବର ୧୭ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଲିଙ୍କ୍ ବୋର୍ଡ ୱେବସାଇଟ୍ରେ ଉପଲବ୍ଧ କରାଯାଇଛି। ସେହିଭଳି ଆସନ୍ତା ୨୦୨୬ ଜାନୁଆରୀ ୧୦ରୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଅନ୍ଲାଇନ୍ ପଞ୍ଜୀକରଣ ସମୟରେ ଆବେଦନକାରୀ ପ୍ରଦାନ କରୁଥିବା ନିଜର ବ୍ୟକ୍ତିଗତ ତଥ୍ୟ ତଥା ଠିକଣା, ଜାତି ଆଦିକୁ ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯାଇପାରିବ ନାହିଁ।


**AFFIDAVIT**
By virtue of an affidavit sworn before The Executive Magistrate, Khordha, NO- 3199, dated 02-12-2025 I, **GURUBARI DEI**, W/o Harihara Sahoo Permanent resident of At/Po- Thanapalli, Via-Baghamari, Ps- Begunia, Dist-Khordha, State- Odisha, PIN-752061, declare that I have changed my name from **GUREI DEI** (Old name) to **GURUBARI DEI** (New name), Henceforth, I shall be known as **GURUBARI DEI** for all purposes.
Sd-( GURUBARI DEI )

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.05.12.2025,I, Nidhu Kheti, R/o- Village- Sarangapali, P.O. Bankighirdi, P.S. Binka, Dist. Subarnapur, Odisha, hereby declare that my name has been wrongly recorded as Shiva Dahari Mahakur in my Aadhaar Card. My correct name is NIDHU KHETI. Henceforth, I shall be known as **NIDHU KHETI** for all official purposes.

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.05.12.2025, I, Ananta Banachhor, R/o Village Sarangapali, P.O. Bankighirdi, P.S. Binka, Dist. Subarnapur, Odisha, hereby declare that my name has been wrongly recorded as Prem Vishnu Sagar in my Aadhaar Card. My correct name is ANANTA BANACHHOR. Henceforth, I shall be known as **ANANTA BANACHHOR** for all purposes.

**VEHICLE FOR SALE**
HYUNDAI I20, Model - 2022, Registration No-OD-02-BW-9059, in as is where is condition,Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689, within 7 days

**AFFIDAVIT**
By virtue of an affidavit sworn before Zahir Mohommad, Notary Dhenkanal, dtd.06.12.2025, I, Ravindra Jaishwar, resident of Aumoreera Bhawan, House No. 227, 1st Floor, Ward No. 21, Station Bazar, PO–Dhenkanal R.S., PS–Town, Dist.–Dhenkanal have changed my name from Ravindrakumar Rajendraprasad Jaishwar to Ravindra Jaishwar. Henceforth, I shall be known as **RAVINDRA JAISHWAR** for all purposes.

**AFFIDAVIT**
By virtue of an affidavit In The Court Of Executive Magistrate, Komna, dtd.04.12.2025, I, Sri Dhanurjya Rana, S/o- Manbodh Rana, resident of Village Nuagaon, P.O. Nuagaon, P.S. Komna, Dist. Nuapada, Odisha, hereby declare that I have changed my daughter's name from Gayatri Rana to Jasmin Rana. Henceforth, she shall be known as **JASMIN RANA** for all purposes.
Sd/- Sri Dhanurjya Rana

**AFFIDAVIT**
By virtue of an affidavit before the Notary Public, Titilagarh, on dated-06/12/2025. I, **Sialdei Sikha** (new name), formerly called as **Jialadei Shikha** (old name), W/o-Madhubana Shikha, permanent resident of AT- Chikili, PO-Madiguda, PS- Kegaon, Dist-Kalahandi, (Odisha), PIN- 766036 now residing at the same place declare that I have changed my name from **Jialadei Shikha** to **Sialdei Sikha**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Sialdei Sikha** (new name) for all future purposes.
Sialdei Sikha

**AFFIDAVIT**
By virtue of an affidavit before The Notary Public, Titilagarh, on dated- 06/12/2025. I, **Laxman Sahu** (Applicant name) S/o-Debendra Sahu, permanent resident of At- Sargiguda (Ram Mandir Road), PO/PS-Titilagarh, Dist- Balangir, (Odisha), PIN- 767033 declare that I have changed my minor daughter's name from **Monalisa Sahu** (old name) To **Payal Sahu** (new name). Henceforth, she shall be known as **Payal Sahu** (new name) for all purposes.
Laxman Sahu

**AFFIDAVIT**
I, Rekha Devi Sahu, W/o-Nanda Kishore Sahu, resident of At/po-Gadagovindapur, Ps-K.Nuagam, Dist-Ganjam, PIN-761011, Odisha declared by this affidavit No-A/1626, dtd-29/12/2023 that now onwards I shall be known as **REKHA SAHU** for all future purposes.

**VEHICLE FOR SALE**
MARUTI SUPER CARRY, Model - 2023, Registration No-OD-02-CF-3923, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days

**AFFIDAVIT**
By virtue of an affidavit (CF No. 02, dtd- 05/12/2025) sworn before the Executive Magistrate, Padampur. I, Narayan Banchhor, S/o Rajkumar Banchhor, permanent & current resident of AT/Po Paikmal, PS- Paikmal, Dist- Bargarh, PIN- 768039, Odisha declare that I have changed my name from Narayan Banchhor to Narayana Banchhor. Henceforth, I shall be known as **Narayana Banchhor** (new name) for all purposes.

**AFFIDAVIT**
I YOUSHNARANI BISOI, W/o- SURESH CHANDRA BISOI, resident of At/Po- Chitra, Ps- Kotpad, Dist.-Koraput - 764056, Odisha declare by this Affidavit No.2772, Dated-05/12/2025, that now onwards I shall be known as **JYOSNA RANI BISOI** for all future purpose.

**OFFICE OF THE NOTIFIED AREA COUNCIL, DHARMAGARH, DIST-KALAHANDI, PIN-766015**
C-1682 'e'-Procurement NOTICE
Bid Identification No. DHM / 03 / 2025-26
The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other documents can be seen on the Govt. Website i.e. **https://tendersodisha.gov.in**
1. Number of Civil works: **05 (Five) numbers**
2. Estimated Costs: **2.21 Lakh to 11.58 Lakh**
3. Period of completion: As per NIT
4. Date and time of availability of the bid documents in the portal: **From 3.00 P.M. of 04.12.2025 to 05.00 P.M. of 17.12.2025**
5. Last Date/ Time for receipt of bids in the portal: **05.00 PM of 17.12.2025**
6. Bids will be opened on: **11.00 AM of Dt. 19.12.2025**
7. Name and address of the officer inviting bid: **Executive Officer, Dharmagarh NAC**

Sd/- Executive Officer
Dharmagarh NAC
OIPR-13163/11/0019/2526

B-783
E-mail ID: eerbngpur@yahoo.com
Tel & Fax -06858-222833 (O)
GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR
**e-Procurement Notice**
Bid Identification No. S.E (R&B)-23/2025-26/NGP
No. 6618/Date 29.11.2025
Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

| | | |
|---|---|---|
| 1. | Name of the Work | : Civil Construction Work as mentioned in DTCN |
| 2. | No. of Work | : 01 No. |
| 3. | Estimated Cost | : Rs. 60.90 Lakhs |
| 4. | Period of completion | : 3 Calendar of Months |
| 5. | Date & Time of Bidding | : From 11.00 hours of 09.12.2025. Upto 16.00 hours of 23.12.2025. |
| 6. | Last date & time for receipt of bids in portal | : 16.00 hours of 23.12.2025. |
| 7. | Bids received online shall be opened on | : 11.00 hours of 24.12.2025. |
| 8. | Name and address of the officer inviting Bid | : Superintending Engineer, Nabarangpur(R&B)Division, Nabarangpur |

Further details can be seen from the www.tendersodisha.gov.in
Superintending Engineer
Nabarangpur (R&B) Division
OIPR-34143/11/0016/2526

**କେନ୍ଦ୍ରାପଡା ପୌରପରିଷଦ, କେନ୍ଦ୍ରାପଡା**
୫ମ ବାର୍ଷିକ ଉତ୍ସବ-୨୦୨୫" ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।
ନିବେଦନ
୧. ସହରର ସ୍ୱଚ୍ଛତା ଓ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡ଼ି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡ଼ି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।
୨. ରାସ୍ତା ଅବରୋଧ କରି ଇଟା, ଗୋଡି , ମାଟି କିମ୍ବା ବାଲି ରଖନ୍ତୁ ନାହିଁ।
୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ ) ଗିନା , ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।
୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଯ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି , ସୁପର ଭାଇଜର , ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।
୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ ।ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି , ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।
ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି — ନିର୍ବାହୀ ଅଧିକାରୀ
ଆକବରୀ ଖାତୁନ — ଉପାଧ୍ୟକ୍ଷା
ଶ୍ରୀମତୀ ସରିତା ସାହୁ — ଅଧ୍ୟକ୍ଷା

CAD-2586
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 23467 /ଭୁ.ଉ.କ.,ଭୁବନେଶ୍ୱର ତା 28.11.2025 ରିଖ
KNM-1571/93
**ସୂଚନା**
ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ **MIG** ପ୍ଲଟ୍ ନଂ-**K-7-556** କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୧୪୪/ଏ.ଏଲ୍, ତା-୦୯.୦୮.୨୦୦୦ ରିଖ ଅନୁଯାୟୀତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ନିତ୍ୟାନନ୍ଦ ସ୍ୱାଇଁ, ପିତା–ସ୍ୱର୍ଗତ ଡମ୍ବରୁଧର ସ୍ୱାଇଁ, ଗ୍ରାମ-ଶେକଦା, ପୋଷ୍ଟ-କସର୍ଦା, ଥାନା–ନିଆଳି, ଜିଲ୍ଲା–କଟକ, ଓଡିଶାଙ୍କ** ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।
ଆବଣ୍ଟନଗ୍ରାହୀ ନିତ୍ୟାନନ୍ଦ ସ୍ୱାଇଁ ଗତ ତା-୦୩.୦୪.୨୦୨୦ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (**Death certificate Registration No. D-2020:21-00699-00304** dated 30.04.2020.
**Legal heir certificate Misc.Case No. E-LHC/2020/31431 dated 26.10.2020** ଅନୁଯାୟୀ ନିତ୍ୟାନନ୍ଦ ସ୍ୱାଇଁଙ୍କର ଉତ୍ତରାଧିକାରୀ (୧) ଅଜୟ କୁମାର ସ୍ୱାଇଁ (ପୁତ୍ର), (୨) ଧନଞ୍ଜୟ ସ୍ୱାଇଁ (ପୁତ୍ର) ଓ ମନୋରଞ୍ଜନସ୍ୱାଇଁ (ପୁତ୍ର) ଅଟନ୍ତି ।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ୍ର ମାଲିକାନା ସତ୍ୱ ସେମାନଙ୍କନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଏଣୁ ଉକ୍ତ ପ୍ଲଟ୍ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀସୂତ୍ରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।
ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0411/2526

OFFICE OF THE SECRETARY
**BAPUJEE SPECIAL SCHOOL, BARGARH**
(Regd. No. S.B.L.-2978-141 of 1991-92)
At/Po/Dist.: Bargarh-768028 (Odisha)
Email: phsbg@gmail.com, Contact No.: 94380-08599
**WANTED**
Advertisement No. 2194, Dated. 06.12.2025
Applications are invited from desirable candidates for temporary recruitment on contractual basis for vacant posts of Teaching & Non-Teaching posts of this School under Grant-in-Aid fold of SSEPD, Department, Govt. of Odisha. The detailed advertisement can be seen on the website of Bargarh district i.e. **www.bargarh.odisha.gov.in**. No application will be considered after due date.
The prescribed application form along with all relevant documents scanned into a Single PDF file must be sent by email only to the Secretary, Bapujee Special School to the **e-mail id: phsbg@gmail.com** on or before **5.30 P.M. of Dt. 22.12.2025**. Application received through any other means shall not be accepted.
Age will be relaxed as per ORV Act. The posts are temporary. Salary will be paid as per **Govt. in SSEPD Deptt., Govt. of Odisha vide Resolution No. 6408/SSEPD/Dt. 03.09.2016** after approval of Govt. Date & Time of Interview will be communicated by post/E-mail to the candidates.
**Contact Enquiry: 94397-54131 / 76810-43445**
Sd/- Secretary
Bapujee Special School, Bargarh

OFFICE OF THE MUNICIPAL COUNCIL: JEYPORE
Phone No. : 06854-231098, e-Mail: ulbjeypore@gmail.com
Letter No. 5093 Date 05.12.2025
Advertisement for Expression of Interest (EOD) for selection of Self-help groups for O&M of SUH under Jeypore Municipality
Jeypore Municipality invites Expression of Interest (EoI) in the prescribed format (Annexure-I & II) in sealed cover from the intending SHGS/ALFs for O&M of SUH.

| Sl NO | Particulars | Details |
|---|---|---|
| 1 | availability of the EOI document and the term and conditions | Download from www.jeyporemunicipality.in |
| 2 | EOI availability on website, Starting date, and time | 06.12.2025, 10.00 AM |
| 3 | Last date and time of submission of EOI | 20.12.2025, 05.00 PM |
| 4 | Start date and time of opening EOI and venue | At the chamber of the executive officer of Jeypore municipality |

➢ The authority reserves the right to reject any or all the EOIs without assigning any/reason thereof.
➢ Any change, correction/corrigendum in respect of the above shall be placed on the website.
Executive Officer,
Jeypore Municipality
OIPR-13079/11/0074/2526 C-1704

**ZILLA SWASTHYA SAMITI, SUNDARGARH**
OFFICE OF THE CDM & PHO CUM DMD,SUNDARGARH DPMU,NHM
E-mail : hrd.nhmsundargarh@gmail.com E-570
Notice No.4452/DPMU/NHM/2025, Date 04.12.2025
**NOTICE – CONTRACTUAL APPOINTMENT**
In pursuant to the advertisement no 185/NHM/Sundargarh Dated 10/01/2025, the final database and compliance of objections received from the candidates with reference to the notice no 3721/DPMU/NHM/2025 Dated - 18/10/2025 & 4009/DPMU/NHM/2025 Dated 01/11/2025 for different posts under NHM are uploaded in the district website www.sundargarh.odisha.gov.in for information of the candidates.
The schedule of further process of recruitment is also uploaded for information of the shortlisted candidates. The shortlisted candidates are required to attend the Written Test/Computer Test/Viva-Voce Test as admissible for different post as per the schedule date, time and venue without fail. No personal correspondence will be made in this regard. Any changes in the schedule of process will be communicated in due time.
CDM & PHO cum DMD
Sundargarh
OIPR-10100/11/0035/2526

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

C-1584
**ପୌର ପରିଷଦ, ଖୋରଧା**
ଦୈନିକ ଓଡ଼ିଆ ଖବର କାଗଜ "ସକାଳ"ର ପ୍ରତିଟି ଖବର ଖୋରଧା ତଥା ଓଡ଼ିଶାର ଜନସାଧାରଣଙ୍କ ନିକଟରେ ବେଶ୍ ପ୍ରିୟଭାଜନ ହୋଇପାରିଛି । ୫ମ ବାର୍ଷିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଖୋରଧା ପୌର ପରିଷଦ ଓ ଜନସାଧାରଣଙ୍କ ତରଫରୁ ଏହାର ଉତ୍ତରୋତ୍ତର ଉନ୍ନତି ଓ ଦୀର୍ଘ ସଫଳତା କାମନା କରୁଅଛି ।
ରିଜ୍ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା
OIPR-13082/11/0047/2526

'ସକାଳ' ଖବରକାଗଜର
୫ମ ସ୍ୱନକ୍ଷତ୍ର ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛୁ
**ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ.**
ମୁଖ୍ୟ କାର୍ଯ୍ୟାଳୟ, ଆସିକା, ଗଞ୍ଜାମ, ଓଡିଶା
ଶ୍ରୀ କାର୍ତ୍ତିକେଶ୍ୱର ପରିଡା — ସଭାପତି
ଶ୍ରୀମତୀ ମାମି ପଣ୍ଡା — ଉପ-ସଭାପତି
ଶ୍ରୀ ନୃସିଂହ ପ୍ରସାଦ ପଣ୍ଡା — ସଂପାଦକ
ଶ୍ରୀ ଅଲେଖନାଥ ପ୍ରଧାନ — ଭାରାପ୍ରାପ୍ତ ସଂପାଦକ
ପରିଚାଳନା ପରିଷଦ ସଦସ୍ୟ ବୃନ୍ଦ :
ଶ୍ରୀ ସୂର୍ଯ୍ୟନାରାୟଣ ପ୍ରଧାନ, ଶ୍ରୀ ମନୋଜ କୁମାର ପ୍ରଧାନ, ଶ୍ରୀ ନାର୍ସୁ ନାୟକ, ଶ୍ରୀ ରବିନ୍ଦ୍ର କୁମାର ସାମଲ, ଶ୍ରୀ ଭଗବାନ ବେହେରା, ଶ୍ରୀ କେ, ସନ୍ତୋଷ କୁମାର ପାତ୍ର, ଶ୍ରୀ ଅଶ୍ୱିନି କୁମାର ବିଷୋୟୀ, ଶ୍ରୀ ତାରିଣୀ ଚରଣ ଦାଶ, ଶ୍ରୀମତୀ ନିରୂପମା ନାୟକ, ଶ୍ରୀ ଇଂ ସଚିଦାନନ୍ଦ ରାଉତ, ଶ୍ରୀ କେ. ଚିତ୍ରସେନ ରେଡ୍ଡି, ଶ୍ରୀମତୀ ସୁଜତା ଉପାଧ୍ୟାୟ, ଶ୍ରୀମତୀ ରିଙ୍କି ପୋଲାଇ

୫ମ ସୂନକ୍ଷତ୍ର
ସକାଳ THE SAKALA
www.sakalaepaper.com
ପଶ୍ଚିମାଞ୍ଚଳ

## ଦାଦନ ଦୁଃଖ | ସ୍ତ୍ରୀର ମଲା ମୁହଁ ଦେଖି ପାରିଲାନି ସ୍ୱାମୀ

କୁଚିଣ୍ଡା, ୬।୧୨(ସମିସ)



ନିଜ ଅଞ୍ଚଳରେ ଲୋକ କାମଧନ୍ଦା ନପାଇ ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଯାଉଥିବା ପ୍ରତିଦିନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଛି। ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ ବେଳେବେଳେ ଶବ ହୋଇ ଫେରୁଥିବା ଦେଖାଯାଉଛି। ଦାଦନ ଖଟିବାକୁ ଯାଇଥିବା ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଲରିଆପାଲି ପଞ୍ଚାୟତ ନୁଆଁଡିହି ଗ୍ରାମର ଶ୍ରମିକ ସୁରେନ ଜୟପୁରିଆ(୪୦), ସ୍ତ୍ରୀ ଅଞ୍ଜଳୀ ଜୟପୁରିଆ(୩୫)ଙ୍କ ମୃତ୍ୟୁ ପରେ ବି ମଲା ମୁହଁ ଦେଖି ପାରି ନ ଥିଲେ। ଗତ ୩ ମାସ ଆଗରୁ ସେ ଦାଦନ ଶ୍ରମିକ ଭାବେ ଗୁଜୁରାଟର ସୁରଟ ସହରକୁ ଯାଇଥିଲେ। ଇତି ମଧ୍ୟରେ ଶଯ୍ୟାଶାୟୀ ଥିବା ଅଞ୍ଜଳୀଙ୍କ ମୃତ୍ୟୁ ହୋଇଯାଇଥିଲେ ବି ସେ ନିଜ ସ୍ତ୍ରୀଙ୍କ ଶବ ସତ୍କାର କରି ନ ପାରି ଏହାର ୨ ଦିନ ପରେ ଘରକୁ ଫେରିଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ସମ୍ପର୍କୀୟ ମିଶି ଶବ ସତ୍କାର କରିଥିଲେ। ମା'ଙ୍କୁ ହରାଇ ବର୍ତ୍ତମାନ ରାନୀ(୧୭), ରାଜା(୧୫), ଜଗନ୍ନାଥ(୧୪), ସନ୍ତୋସିନୀ(୫)ଏବଂ ସୁଲୋଚନୀ(୩)କୁ ମିଶାଇ ୫ ଜଣ ନାବାଳକ ଦୁଃଖରେ ଭାଙ୍ଗି ପଡ଼ି ବର୍ତ୍ତମାନ ଠିକ ଭାବେ ସ୍କୁଲ ମଧ୍ୟ ଯାଉ ନାହାଁନ୍ତି। ସ୍ତ୍ରୀ ଚାଲିଯିବା ପରେ ବର୍ତ୍ତମାନ ଘରେ ରହି ୫ ଛୁଆଙ୍କ ଲାଳନ ପାଳନ କରିବେ କି କାମଧନ୍ଦା ପାଇଁ ଘରୁ ବାହାରିବେ ଚିନ୍ତାରେ ରହିଛନ୍ତି ସୁରେନ। ଯେଉଁ ଘରେ ରହୁଛନ୍ତି ତାହା ବି ଭାଙ୍ଗିରୁଜି ଯାଇଛି। ସରକାରୀ ସହାୟତା ଭାବେ ପରିବାରକୁ ୩୫ କେଜି ଚାଉଳ ବ୍ୟତିତ ଆଉ କିଛି ମିଳୁନାହିଁ। ଏପରିସ୍ଥଳେ ଗରିବ ପରିବାରକୁ ଯଥା ସମ୍ଭବ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗାଁର ଗୌନ୍ତିଆ ସୁରେନ୍ଦ୍ର ପଟେଲ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅନ୍ୟପଟେ ସମାଜସେବୀ ତଥା ସମ୍ବଲପୁର ଜିଲ୍ଲା ଆଇନସେବା ପ୍ରାଧିକରଣର ସ୍ୱେଚ୍ଛାସେବୀ ସୁହାନି ବାଗେ ଏବଂ

### ସ୍ଥିତି ଅନୁଧ୍ୟାନ କଲେ ଡିଏଲ୍ଏସ୍ଏ

ଜୟ ନାରାୟଣ ଛୁରା ପୀଡ଼ିତ ପରିବାରକୁ ଭେଟି ପରିସ୍ଥିତି ଅନୁଧ୍ୟାନ କରି ଫେରିଥିବା ଜଣାପଡ଼ିଛି। ଗରିବ ପରିବାରକୁ ଆବାସ ଯୋଜନାରେ ସାମିଲ କରିବା ସହ ନାବାଳକଙ୍କ ପଠା ପଢ଼ାରେ ଯେମିତି ଡୋରି ବାନ୍ଧି ନ ହୁଏ ସେ ନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଟାଉନ୍‌ହଲ୍ ଚାରିପଟେ ପାଚେରି ନିର୍ମାଣକୁ ବିରୋଧ

**ସମ୍ବଲପୁର, ୬।୧୨ (ସମିସ):** ସ୍ଥାନୀୟ ଐତିହାସିକ ଭିକ୍ଟୋରିଆ ହଲ, ଯାହାକି ବର୍ତ୍ତମାନ ଟାଉନ୍ ହଲ୍‌ର ଚାରିପଟେ ପାଚେରି ନିର୍ମାଣକୁ ବିରୋଧ କରି ଆଜି ସମ୍ବଲପୁରର ସକ୍ରିୟ ସାମ୍ବାଦିକମାନେ ଜିଲ୍ଲାପାଳଙ୍କ ସହିତ ସାକ୍ଷାତ କରିଥିଲେ। ଏହାର ସଜ୍ଞାନ ନେଇ ଜିଲ୍ଲାପାଳ ତତ୍କାଳ ସମ୍ବନ୍ଧ ଅଧିକାରୀଙ୍କ ଠାରୁ ଏ ବିଷୟରେ ପଚାରି ବୁଝିଥିଲେ। ବର୍ତ୍ତମାନ ସେଠାକାର ଫଟୋ ଓ ଭିଡ଼ିଓ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମଧ୍ୟ ସ୍ଥାନୀୟ କିଛି ବରିଷ୍ଠ କଳାକାର ଏ ବିଷୟରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଘଟଣାସ୍ଥଳରେ ପହଞ୍ଚି ନିର୍ମାଣାଧୀନ ପାଚେରୀ ପରିସରକୁ ସୀମିତ ରଖିବା ପାଇଁ ଜିଲ୍ଲାପାଳ କହିଥିଲେ। ଏହା ସତ୍ତ୍ୱେ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ମାଣ କାର୍ଯ୍ୟ ହେଉନାହିଁ ବୋଲି ସାମ୍ବାଦିକମାନେ ଆଜି ଅଭିଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ କି ମହାନଗର ନିଗମ ରୂପେ ସରକାରୀ ପରିଚୟ ମିଳିପାରିଥିବା ସତ୍ତ୍ୱେ ସମ୍ବଲପୁର ସହର ଭିତରେ ଜନସାଧାରଣଙ୍କ ପାଇଁ ଏକ ଖୋଲାପଡ଼ିଆ ଟିଏ ରହିନାହିଁ। ଯେଉଁଠାରେ କି ସ୍ୱଳ୍ପ ବଜେଟରେ ଲୋକେ କାର୍ଯ୍ୟକ୍ରମ କରିପାରିବେ। ଏହାର ପରିଣାମ ହେଉଛି କି ସମ୍ବଲପୁରବାସୀଙ୍କୁ ଚାହିଁଲେ ଛୋଟବଡ଼ କୌଣସି କାର୍ଯ୍ୟକ୍ରମ ପାଇଁ ଅଇଁଠାପାଲି ସ୍ଥିତ ବୀର୍ସା ପଡ଼ିଆ ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ଜିଲ୍ଲା ପ୍ରଶାସନ ଟାଉନ ହଲ ପାଚେରୀ ନିର୍ମାଣ ନ କରିବାକୁ ଦାବି ହୋଇଛି।



## କାଣ୍ଡ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**କୁଚିଣ୍ଡା, ୬ ।୧୨(ସମିସ):** ବାମରା ବ୍ଲକ ଗଡ଼ପୋଷ ଠାରେ କାଣ୍ଡ ଭୁଶୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗଡ଼ପୋଷନିବାସୀ ସତିଶ ମିଶ୍ର ନୂତନ ଘର ନିର୍ମାଣ ପାଇଁ ପୁରୁଣା ଘରକୁ ଭାଙ୍ଗିବା ପାଇଁ କେତେକ ଶ୍ରମିକଙ୍କୁ ନିୟୋଜିତ କରିଥିଲେ। ଶନିବାର କାଣ୍ଡ ଭଙ୍ଗା କାମ ଚାଲିଥିବା ବେଳେ ଏକ ବଡ଼ କାଣ୍ଡ ଭାଙ୍ଗି ପଡ଼ିଯିବାରୁ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଶ୍ରମିକ କିନାବଗା ପଞ୍ଚାୟତ କୋଲବାହାଲ ଗ୍ରାମର ବୁଧୁରାମ୍ କୁଜୁର (୬୫) ବୋଲି ଜଣାପଡ଼ିଛି।ସୂଚନା ପାଇ ଗୋବିନ୍ଦପୁର ଥାନା ଇନ୍ସପେକ୍ଟର ଆଶିଷ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଗୋବିନ୍ଦପୁର ଡାକ୍ତରଖାନା କୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।ପୁଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ରାଜେନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

## ଟିଏଫ୍ କଲେଜ୍‌ରେ ନୂତନ ଶିକ୍ଷାନୀତିକୁ ନେଇ ସେମିନାର

**କୁଚିଣ୍ଡା, ୬ ।୧୨(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବାମରା ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟରେ ନୂତନ ଶିକ୍ଷାନୀତି ୨୦୨୦କୁ ନେଇ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇଂରାଜି ଅଧ୍ୟାପିକା ଅନିତା ହୋରୋ ଉପସ୍ଥିତ ରହି ନୂତନ ଶିକ୍ଷା ନୀତି ୨୦୨୦କୁ ନେଇ ଆଲୋଚନା କରିବା ସହ ଉଦ୍ଦେଶ୍ୟ, ଶିକ୍ଷାପ୍ରଣାଳୀ, କୌଶଳ ଉନ୍ନୟନ ବିଷୟରେ ବୁଝାଇଥିଲେ। ଅଧ୍ୟାପକ ଶ୍ୟାମ ସୁନ୍ଦର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଇମ୍‌ରେଲ୍ସିଆ ବାର୍ଲା, ସବିତା ନାଏକ, ସଞ୍ଜୀବ ବେହେରା, ଦୀପକ ମେହେର ଓ ରବିଶ ଶୁକ୍ଲାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସନ୍ତୋଷ ନାୟକ ଧନ୍ୟବାଦପ୍ରଦାନ କରିଥିଲେ।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

**ସମ୍ବଲପୁର, ୬।୧୨ (ସମିସ) :** ବାବା ସାହେବ ଆମ୍ବେଦକରଙ୍କ ୬ ୯ତମ ମହାପରିନିର୍ବାଣ ଦିବସ ଅବସରରେ ଡକ୍ଟର ବିଆର ଆମ୍ବେଦକର ସୋସିଆଲ ୱେଲଫେଆର ଫେଡେରେସନ, ସମ୍ବଲପୁର ତରଫରୁ ଗରିବ ବୃଦ୍ଧ ବୃଦ୍ଧାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସହରର କରମଟୁଲି, ଧନକଉଡ଼ା, କମଲାପଡ଼ା, ବିନାଖଣ୍ଡି, ଆମ୍ବେଦକର ନଗର ଏବଂ ବାହାଲପଡ଼ାର ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ଫେଡେରେସନର ସଭାପତି ଇଂ ଦ୍ୱିତୀୟା ଗର୍ଡ଼ିଆ, କାର୍ଯ୍ୟକାରୀ ସଭାପତି ବରୁଣ ସୁନା, ସମ୍ପାଦକ କ୍ଷେତ୍ରମଣି ବିଭାର, ସହକାରୀ ସମ୍ପାଦକ ରାଜେଶ କୁମ୍ଭାର, କୋଷାଧ୍ୟକ୍ଷ ଯଦୁନାଥ ସୁନା, ସହକାରୀ କୋଷାଧ୍ୟକ୍ଷ ପଞ୍ଚମଲାଲ ତାଣ୍ଡି, ଚୂଳକାନ୍ତି ତାଜନ ପ୍ରମୁଖ ଉପସ୍ଥିତ ଥିଲେ।



ବୈଦିକ ସ୍କୁଲର ବାର୍ଷିକୋତ୍ସବ ଯୁଭାନାରେ ଅତିଥିବୃନ୍ଦ

## ୬୩ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୬।୧୨ (ସମିସ) :** ପୁଲିସ ରିଜର୍ଭ ପଡ଼ିଆରେ ଆଜି ସକାଳେ ୬୩ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥି ଏବଂ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମ୍ପାନୀ କମାଣ୍ଡର ତାପସ କୁମାର ନାୟକ ଏବଂ ପ୍ଲାଟୁନ କମାଣ୍ଡର ଦୁର୍ଗା ମାଝୀଙ୍କ ନେତୃତ୍ୱରେ ଗୃହରକ୍ଷୀଙ୍କୁ ନେଇ ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାରତର ରାଷ୍ଟ୍ରପତି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ଗୃହରକ୍ଷୀ ଏବଂ ଅଗ୍ନିଶମ ସେବା କମାଣ୍ଡାଣ୍ଟ ଜେନେରାଲଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଚଳିତବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ତନ୍ମଧ୍ୟରେ ଗୋବିନ୍ଦପୁର ଥାନାର ସଙ୍ଗୀତା ସିଂଠାକୁର, ପରେଡରେ ପ୍ରଦର୍ଶନ ପାଇଁ ଟାଉନ ଥାନାର ବିରୁପକ୍ଷ କୁନାର, ସାମଗ୍ରିକ ପ୍ରଦର୍ଶନ ପାଇଁ ଟାଉନ ଥାନାର ତାପସ ନାୟକ, ଶୃଙ୍ଖଳିତ ଆଚରଣ ପାଇଁ ସଦର ଡାକ୍ତରଖାନା ଦାୟିତ୍ୱରେ ଥିବା ମେରିଏମ ରେଟ୍ଟି, ଟ୍ରାଫିକ ନିୟନ୍ତ୍ରଣରେ ଯୋଗଦାନ ପାଇଁ ସ୍ୱେଚ୍ଛାସେବୀ ବିଣାପାଣୀ ରହିଛନ୍ତି।

## ଏବିସିଡି ଚାରିଟେବଲ ଟ୍ରଷ୍ଟର ୯ ବର୍ଷର ଯାତ୍ରା

**ସମ୍ବଲପୁର, ୬।୧୨ (ସମିସ) :** ଗତ ୨୦୧୬ ମସିହା ଡିସେମ୍ବର ୭ ତାରିଖ କେବଳ ୧୨ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଦଲଦଲିପଡ଼ାଠାରେ ପ୍ରଥମ କେନ୍ଦ୍ର ଆରମ୍ଭ କରିଥିଲା ଏବିସିଡି ଚାରିଟେବୁଲ ଟ୍ରଷ୍ଟ। ଆଜି ନିଜ ୯ ବର୍ଷର ଯାତ୍ରାରେ ପଦାର୍ପଣ କରି ୫ଟି ଶିକ୍ଷା କେନ୍ଦ୍ର ଓ ପାଖାପାଖି ୨୩୦ ଛାତ୍ରଛାତ୍ରୀଙ୍କ ଉନ୍ନତିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି। ସମ୍ବଲପୁର ଜିଲ୍ଲାର ଦଲଦଲିପଡ଼ା, ହୀରାକୁଦ, ଗୋଡଭଗା, ବରପାଲି ଓ ଖଣ୍ଡୁଆଲରେ ଚାଲୁଥିବା ଏହି ସେଣ୍ଟରଗୁଡ଼ିକରେ ରାଜେନ୍ଦ୍ର ସତନାମୀ, ତନ୍ମୟ ବାରିକ, ରୋସନ୍ ଗୁପ୍ତା, ଦୀପା ସତ୍ନାମୀ, ବର୍ଷା ରାଣୀ ନାୟକ, ପୂଜା ଦାସ, ପ୍ରୀତି ସତନାମୀ, ବିଶ୍ୱନାଥ ନାଗ, ଗୋପରଞ୍ଜନ କୁମ୍ଭାର, ମାସୁଦ ଆଲମ, ଦିବ୍ୟରଞ୍ଜନ କୁମ୍ଭାର ଓ ନିବେଦିତା ଘୋଷ ନିଷ୍ଠା ଏବଂ ସମାଜ ପ୍ରତି ଦୃଢ଼ ଭାବନା ସହ ନିଃଶୁଳ୍କ ଶିକ୍ଷା ଦାନରେ ଜଡିତ ଅଛନ୍ତି। ଟ୍ରଷ୍ଟ କେବଳ ପାଠ୍ୟପୁସ୍ତକମୂଳକ ଶିକ୍ଷାରେ ନୁହେଁ, ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ବିକାଶ ଉପରେ ମହତ୍ୱ ଦେଇ ସୁସଂସ୍କାର ସହିତ ଏକ ଦେଶପ୍ରେମୀ, ନୀତିଶୀଳ ଓ ଦାୟିତ୍ୱଶୀଳ ନାଗରିକ ତିଆରି କରିବାକୁ ଲକ୍ଷ୍ୟ ବାନ୍ଧିଛି।

ସମାଜକୁ ପରିଚ୍ଛନ୍ନ ଓ ପରିବେଶ ସଚେତନ କରିବା ନିମନ୍ତେ ବୃକ୍ଷରୋପଣ, ପଲିଥିନ ମୁକ୍ତ ସହର ଗଠନ, ପର୍ଯ୍ୟଟନ ସ୍ଥଳ ଓ ସହରର ପ୍ରମୁଖ ଅଞ୍ଚଳରେ ସଫେଇ କାର୍ଯ୍ୟ ମାଧ୍ୟମରେ ଟ୍ରଷ୍ଟ ନିରନ୍ତର ସଚେତନତା ଅଭିଯାନ ଚଳାଇ ଆସୁଛି। ଗାନ୍ଧିଜୀ ଜୟନ୍ତୀ, ନେହେରୁ ଜୟନ୍ତୀ, ଗଙ୍ଗାଧର ମେହେର ଜୟନ୍ତୀ ସହିତ ସମ୍ବଲପୁରୀ ଶାଢ଼ୀର ନିର୍ମାତା ରାଧାଶ୍ୟାମ ମେହେରଙ୍କ ଜୟନ୍ତୀ ପାଳନକରି ମହାନ ବ୍ୟକ୍ତିତ୍ୱମାନଙ୍କ ଆଦର୍ଶ ଓ ତାଙ୍କ ଦେଶନିର୍ମାଣ ଭୂମିକାକୁ ଛାତ୍ରଛାତ୍ରୀଙ୍କ ମାନସିକତାରେ ଉତ୍କୀର୍ଣ୍ଣ କରାଯାଉଛି। ଏହାସହିତ ନୃତ୍ୟ, ସଙ୍ଗୀତ, ସାଧାରଣ ଜ୍ଞାନ ଓ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ କ୍ଷମତାକୁ ବିକଶିତ ଓ ପ୍ରୋତ୍ସାହିତ କରାଯାଉଛି। ସମାଜରେ ଶିକ୍ଷା, ସଂସ୍କୃତି ଓ ପରିବେଶର ସଠିକ ସମନ୍ୱୟ ସହିତ ନବଧାରଣା ଓ ସକ୍ରିୟ ଭୂମିକାରେ ଏବିସିଡି ଚାରିଟେବୁଲ ଟ୍ରଷ୍ଟ ଏକ ସୁସଂଗଠିତ, ସଚେତନ ଓ ସଂସ୍କାରିତ ମାନବ ସମାଜ ସୃଷ୍ଟି ପାଇଁ ଏବେ ମଧ୍ୟ ଦୃଢ଼ ପଦକ୍ଷେପରେ ଅଗ୍ରଗାମୀ ଅଟେ।

ଏବିସିଡି ଚାରିଟେବୁଲ ଟ୍ରଷ୍ଟର ଏହି ପ୍ରୟାସକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୂୟସୀ ପ୍ରଶଂସା କରିଛନ୍ତି। ସେ ଆଶାପ୍ରକାଶ କରିଛନ୍ତି ଯେ ଏହି ସ୍ୱେଚ୍ଛାସେବୀ ସଙ୍ଗଠନ ଆଗାମୀ ଦିନରେ ଏହାର ସେବା କ୍ଷେତ୍ରକୁ ଆହୁରି ବ୍ୟାପକ କରିବାସହ ସମାଜର ପ୍ରତିଟି ସ୍ତରରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ଏବିସିଡି ଚାରିଟେବୁଲ ଟ୍ରଷ୍ଟକୁ ପ୍ରଶଂସା କରିବାସହ ଆଗାମୀ ଦିନରେ ସଫଳତା ଓ ଉନ୍ନତି କାମନା କରିଛନ୍ତି।



## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



**ସମ୍ବଲପୁର, ୬।୧୨ (ସମିସ):** ବୁର୍ଲାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଅନୁଷ୍ଠିତ ହେଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଭିସୁଟର ପ୍ରଫେସର ଦେବଦତ୍ତ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥି ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟରେବିକଶିତ ଦେଶ ଗଠନରେ ବିଜ୍ଞାନର ପ୍ରମୁଖ ଅବଦାନ ରହିଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୯ଟି ବ୍ଲକରୁ ବିଜ୍ଞାନ ଓ ଶକ୍ତି ଓ ଇକୋ କ୍ଲବ ବିଭାଗରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ୧୪ ଲେଖାଏ ୭ଟି ଥିମ୍ ପୋଷଣୀୟ କୃଷି, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁର ପରିଚାଳନା, ନୂତନ ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପରିମଳ, ଗଣିତ, ସବୁଜ ଶକ୍ତି ଉପରେ ପର୍ଯ୍ୟବେସିତ ପ୍ରକଳ୍ପ ମନୋନୀତ ସମୁଦାୟ ୧୫୩ଟି ପ୍ରକଳ୍ପ ପ୍ରଦର୍ଶିତ ହେଇଥିଲା। ବିଜ୍ଞାନ ସେମିନାରରେ ୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନୀରେ ୧୭୧ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ହୀରାକୁଦ ମୁଖ୍ୟବନ୍ଧ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶୁଭ୍ରାଂଶୁ ଦ୍ୱିବେଦୀ ମୁଖ୍ୟ ଅତିଥି ଏବଂ ହିଣ୍ଡାଲକୋ ହୀରାକୁଦର ଅଧିକାରୀ ଜିତେଶ ରଥ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରଫେସର ରାମନରେଶ ମହାଲିଙ୍ଗ, ପରିବେଶ ବିଜ୍ଞାନୀ ଡ. ସଞ୍ଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ୭ଟି ଥିମ୍‌କୁ ନେଇ ପ୍ରକଳ୍ପରେ ପ୍ରଥମ ସ୍ଥାନ ହାସଲ କରିଥିବା ୭ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ବିଚାରକ ଭାବରେ କୃଷି ବିଜ୍ଞାନୀ ଲିଙ୍ଗରାଜ ଦୀପ, ସୂର୍ଯ୍ୟ ନାରାୟଣ ଦାଶ, ପ୍ରିୟବ୍ରତ ଗୋଛାୟତ, ଶୁଭଶ୍ରୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ କରନ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ମାର୍ଗଦର୍ଶନ ଦର୍ଶନ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥି ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ଶିକ୍ଷକ ଶିକ୍ଷୟିତ୍ରୀ ଅସୀମ ପ୍ରଧାନ, ସଂଧ୍ୟାରାଣୀ ପୃଷ୍ଟି, ରାଖି ମହାପାତ୍ର, ଗୌରୀଦାସ ପ୍ରଧାନ, ରାମକୃଷ୍ଣ ରଥ, ସ୍ୱାଗତିକା ପଣ୍ଡା ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ।

## ପୂର୍ବତଟ ରେଳପଥର ଅତିରିକ୍ତ କୋଚ୍ ସଂଯୋଗ ଏବଂ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

**ସମ୍ବଲପୁର, ୬।୧୨ (ସମିସ) :** ବର୍ଦ୍ଧିତ ଚାହିଦା ଏବଂ ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ମୁମ୍ବାଇ, ନୂଆଦିଲ୍ଲୀ, ବେଙ୍ଗାଲୁରୁ ଏବଂ ହାଓଡ଼ା ଅଞ୍ଚଳ ଅଭିମୁଖେ କିଛି ନିୟମିତ ଟ୍ରେନ୍‌ରେ ଅତିରିକ୍ତ କୋଚ୍ ସଂଯୋଗ ଏବଂ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି। ପୂର୍ବତଟ ରେଳପଥ ଦ୍ୱାରା ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକ ମଧ୍ୟରେ ଟ୍ରେନ ନମ୍ବର ୦୮୪୦୧ ଭୁବନେଶ୍ୱର ଲୋକମାନ୍ୟ ତିଲକ ଟର୍ମିନସ୍ ସ୍ୱତନ୍ତ୍ର ୭ ଡିସେମ୍ବର ୨୦୨୫ ରେ ଭୁବନେଶ୍ୱରରୁ ଛାଡିବ। ଟ୍ରେନ ନମ୍ବର ୦୮୪୦୨ ଲୋକମାନ୍ୟ ତିଲକ ଟର୍ମିନସ୍ ସମ୍ବଲପୁର ସ୍ୱତନ୍ତ୍ର ୯ ଡିସେମ୍ବର ୨୦୨୫ ରେ ଲୋକମାନ୍ୟ ତିଲକ ଟର୍ମିନସ୍ ରୁ ଛାଡିବ। ଟ୍ରେନ ନମ୍ବର ୦୮୪୦୩ ପୁରୀ ଦିଲ୍ଲୀ ସ୍ୱତନ୍ତ୍ର ୮ ଡିସେମ୍ବର ୨୦୨୫ ରେ ପୁରୀରୁ ଛାଡିବ। ଟ୍ରେନ ନମ୍ବର ୦୮୪୦୪ ଦିଲ୍ଲୀ ଭୁବନେଶ୍ୱର ସ୍ୱତନ୍ତ୍ର ୯ ଡିସେମ୍ବର ୨୦୨୫ ରେ ଆନନ୍ଦ ବିହାର ଟର୍ମିନଲ୍ ରୁ ଛାଡିବ। ଟ୍ରେନ ନମ୍ବର ୦୮୫୦୧ ବିଶାଖାପାଟଣା ଏସ୍ଏମଭିବି ବେଙ୍ଗାଲୁରୁ ସ୍ୱତନ୍ତ୍ର ୮ ଡିସେମ୍ବର ୨୦୨୫ରେ ବିଶାଖାପାଟଣାରୁ ଛାଡିବ। ଟ୍ରେନ ନମ୍ବର ୦୮୫୦୨ ଏସ୍ଏମଭିବି ବେଙ୍ଗାଲୁରୁ ବିଶାଖାପାଟଣା ସ୍ୱତନ୍ତ୍ର ୯ ଡିସେମ୍ବର ୨୦୨୫ ରେ ଏସ୍ଏମଭିବି ବେଙ୍ଗାଲୁରୁରୁ ଛାଡିବ।

ସ୍ୱତନ୍ତ୍ର ଟ୍ରେନଗୁଡିକ ବ୍ୟତୀତ, ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିୟମିତ ଟ୍ରେନଗୁଡ଼ିକରେ ଅତିରିକ୍ତ ଏସି କୋଚ୍ ସଂଯୋଗ କରାଯାଇଛି। ଟ୍ରେନ ନଂ.୨୨୮୧୧ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ ରାଜଧାନୀ ଏକ୍ସପ୍ରେସ୍ ତାରିଖ ୭ ଡିସେମ୍ବର ୨୦୨୫ ଏବଂ ଟ୍ରେନ ନଂ. ୨୨୮୧୨ ନୂଆଦିଲ୍ଲୀ - ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ତାରିଖ ୮ ଡିସେମ୍ବର ୨୦୨୫ରେ ଗୋଟିଏ ପ୍ରଥମ ଶ୍ରେଣୀ ଏସି ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ଟ୍ରେନ୍ ନଂ. ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ତାରିଖ ୮ ଡିସେମ୍ବର ୨୦୨୫ ରେ ଏବଂ ଟ୍ରେନ୍ ନଂ. ୨୨୮୨୪ ନୂଆଦିଲ୍ଲୀ - ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ ତାରିଖ ୯ ଡିସେମ୍ବର ୨୦୨୫ ରେ ଗୋଟିଏ ତୃତୀୟ ଶ୍ରେଣୀ ଏସି କୋଚ୍ ସଂଯୋଗ କରାଯିବ। ଟ୍ରେନ୍ ନଂ. ୧୨୮୮୨ ପୁରୀ-ଶାଲିମାର, ଗରିବ ରଥ ଏକ୍ସପ୍ରେସ ତାରିଖ ୮ ଡିସେମ୍ବର ଓ ୧୦ ଡିସେମ୍ବର ୨୦୨୫ ରେ ଏବଂ ଟ୍ରେନ୍ ନଂ. ୧୨୮୮୧ ଶାଲିମାର -ପୁରୀ ଗରିବ ରଥ ଏକ୍ସପ୍ରେସ ତାରିଖ ୯ ଡିସେମ୍ବର ଏବଂ ୧୧ ଡିସେମ୍ବର ୨୦୨୫ ରେ ଗୋଟିଏ ଏସି ଇକୋନୋମିକ୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ସେହିଭଳି ଟ୍ରେନ ନମ୍ବର ୨୨୮୮୩ ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ ତାରିଖ ୧୨ ଡିସେମ୍ବର ୨୦୨୫ ଏବଂ ଟ୍ରେନ ନମ୍ବର ୨୨୮୮୪ ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ ତାରିଖ ୧୩ ଡିସେମ୍ବର ୨୦୨୫ ରେ ଗୋଟିଏ ଏସି ଇକୋନୋମିକ୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ଆଇଆର୍‌ସିଟିସି ୱେବସାଇଟ୍, ଏନ୍‌ଟିଇଏସ୍ ଆପ୍ ଏବଂ ରେଳବାଇ ଅନୁସନ୍ଧାନ ସେବା ମାଧ୍ୟମରେ ପ୍ରକୃତ ସମୟ ଉପଲବ୍ଧତା ଯାଞ୍ଚ କରିବାକୁ ପରାମର୍ଶ ଦେଇଛି।

## ସମ୍ବଲପୁରୀ ଚଳଚ୍ଚିତ୍ର 'ସୁଟ୍‌ଆଉଟ୍ ଏଟ୍ ସୋନପୁର'ର ମହୁରତ




**ସମ୍ବଲପୁର, ୬।୧୨ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ସଭାକକ୍ଷରେ ଆଜି ପୂର୍ବାହ୍ନରେ ସାଇଦତ୍ତ ଫିଲ୍ମ ପ୍ରଡକ୍ସନ ବ୍ୟାନରର ପ୍ରଥମ ଅବଦାନ ସମ୍ବଲପୁରୀ ସିନେମା 'ସୁଟ୍ ଆଉଟ୍ ଏଟ୍ ସୋନପୁର'ର ଶୁଭ ମହୁରତ୍ ଅନୁଷ୍ଠିତ ହୋଇଯାଇଛି। ଚଳଚ୍ଚିତ୍ରର ପ୍ରଯୋଜକ ଡଃ ପ୍ରଭାସ ରଞ୍ଜନ ବାବୁ ଏହା ଜରିଆରେ ସିନେମା ଜଗତରେ ପାଦ ଥାପିଛନ୍ତି। ଯୁବ ତଥା ପ୍ରତିଷ୍ଠିତ ନିର୍ଦ୍ଦେଶକ ଡି ଚନ୍ଦନକୁମାର୍‌ଙ୍କ ନିର୍ଦ୍ଦେଶନାରେ ଏହି ସିନେମାରେ ନାୟକ ଭୂମିକା ତୁଲେଇବେ ଅଭିନେତା ରାକେଶ ଦେଓ, ଖଳନାୟକ ଭୂମିକାରେ ଅଭିନୟ କରିବେ ପ୍ରମୋଦ ମିଶ୍ର ତଥା ହାସ୍ୟ ଅଭିନେତା ଯୋଗେଶ ଯୋଯୋ। ଗୋଷ୍ଠୀ ସଂଘର୍ଷ ଉପରେ ଆଧାରିତ କାହାଣୀର ସଂଳାପ ଲେଖିଛନ୍ତି ବରିଷ୍ଠ ଲେଖକ ଯତୀନ୍ଦ୍ର ପ୍ରଧାନ। ସମସ୍ତ କଳାକାରଙ୍କ ଉପସ୍ଥିତିରେ ଆଜି ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବନେତ୍ରୀ ଶୁଭଶ୍ରୀ ମିଶ୍ର ଯୋଗଦେଇ ନାମଫଳକ ଉନ୍ମୋଚନ କରିଥିଲେ। ଖୁବ୍ ଶୀଘ୍ର ଏହାର ସୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଦେବସ୍ମିତା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଏବଂ କାଳିଆ ପ୍ରଧାନ ପରିଚାଳନା କରିଥିଲେ।

## ପ୍ରଥମ ଉତ୍କର୍ଷ ସ୍ମୃତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ | ଜଗନ୍ନାଥ କଲୋନୀ କ୍ରିକେଟ୍ କ୍ଲବ୍ ଚାମ୍ପିଅନ

ସମ୍ବଲପୁର, ୬।୧୨ (ସମିସ)




ପ୍ରଥମ ଉତ୍କର୍ଷ ସ୍ମୃତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରାଜକୁମାର ପାଣ୍ଡେ (ଛୋଟୁ ପାଣ୍ଡେ) ଏବଂ ଅଜୟ କୁମାର ସିଂହଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି। ଏହା ଯୁବ ପ୍ରତିଭାଶାଳୀ କ୍ରିକେଟର ଉତ୍କର୍ଷ ସିଂହଙ୍କ ସ୍ମୃତିରେ କରାଯାଇଥିଲା, ଯାହାର କିଛିମାସ ପୂର୍ବରୁ ସମ୍ବଲପୁର ରେଲୱେ କ୍ରିକେଟ୍ ଷ୍ଟାଡିଅମରେ କ୍ରିକେଟ୍ ଖେଳୁଥିବାବେଳେ ଦେହାନ୍ତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ରେଲୱେ କ୍ରିକେଟ୍ ଏକାଡେମୀ, ସମ୍ବଲପୁରଙ୍କ ସହଯୋଗରେ ନଭେମ୍ବର ୨୯ ତାରିଖରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ରେଲୱେ ଷ୍ଟାଡିଅମରେ ଆୟୋଜିତ ହୋଇଥିଲା। ଏଥିରେ ସମ୍ବଲପୁରର ୮ଟି ଦଳ ରେଲୱେ କ୍ରିକେଟ୍ ଏକାଡେମୀ, ଗୋଲ୍ଡେନ୍ ଇଗଲ୍ କ୍ରିକେଟ୍ କ୍ଲବ୍, କମିଶନର୍ କଲୋନୀ କ୍ରିକେଟ୍ କ୍ଲବ୍ (ଫୋର୍-ସି), ରାଇଜିଂ ଷ୍ଟାର କ୍ରିକେଟ୍ କ୍ଲବ୍, ବ୍ଲୁ-ଡାଇମଣ୍ଡ କ୍ରିକେଟ୍ କ୍ଲବ୍, ସ୍ପୋର୍ଟିଂ ୟୁନିଅନ୍, ଜଗନ୍ନାଥ କଲୋନୀ କ୍ରିକେଟ୍ କ୍ଲବ୍ ଓ ମହାବୀର କ୍ରିକେଟ୍ କ୍ଲବ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ଜଗନ୍ନାଥ କଲୋନୀ କ୍ରିକେଟ୍ କ୍ଲବ୍ ଏବଂ ରେଲୱେ କ୍ରିକେଟ୍ ଏକାଡେମୀ ମଧ୍ୟରେ ହୋଇଥିଲା। ଜଗନ୍ନାଥ କଲୋନୀ କ୍ରିକେଟ୍ କ୍ଲବ ରେଲୱେ କ୍ରିକେଟ୍ ଏକାଡେମୀକୁ ପରାଜିତ କରି ପ୍ରଥମ ଉତ୍କର୍ଷ ସ୍ମୃତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ବିଜେତା ହୋଇଛି। ବିଜେତା ଦଳକୁ ଟ୍ରଫି ସହିତ ୨୦ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫିସହ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ପ୍ଲେୟର୍ ଅଫ୍ ଦ ମ୍ୟାଚ୍, ପ୍ଲେୟର୍ ଅଫ୍ ଦ ସିରିଜ୍, ବେଷ୍ଟ ଉଇକେଟ୍ କିପର୍, ବେଷ୍ଟ ଫିଲ୍ଡର୍, ପ୍ଲେୟର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଏବଂ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁଧୀର ବହିଦାର ଯୋଗ ଦେଇଥିଲେ। ଏହାସହ ରବି ମିଶ୍ର, ମୁନ୍ନା ତିୱାରୀ, ଜାଜୁ ତିୱାରୀ, ଜନାର୍ଦ୍ଦନ ପାଣ୍ଡେ, ଉତ୍କର୍ଷଙ୍କ ପିତା ଏବଂ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

# ପେଟ୍ରୋଲ ଟ୍ୟାଙ୍କର ଚାପାରେ ମହିଳା ମୃତ

**● ଭଟଲିରେ ଢିଲା ଟ୍ରାଫିକ ବ୍ୟବସ୍ଥା**

ଭଟଲି,୬।୧୨(ସମିସ): ଭଟଲି ବ୍ଲକ୍ ନିକଟସ୍ଥ ହିନ୍ଦୁସ୍ଥାନ ପେଟ୍ରୋଲିୟମ ସାମନାରେ ପେଟ୍ରୋଲ ଟ୍ୟାଙ୍କର ଚାପାରେ ଶନିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବରଗଡ଼ ଜିଲ୍ଲା ଭଟଲିର ଇନ୍ଦିରା କଲୋନୀରେ ରହୁଥିବା ସନ୍ତୋଷିନୀ ବୁଡେକ (୫୫) ପ୍ରତିଦିନ ଭଳି ନିଜ କାମ ସାରି ଘରକୁ ଫେରୁଥିଲେ। ସନ୍ଧ୍ୟାରେ ବ୍ଲକ୍ କାର୍ଯ୍ୟାଳୟ ନିକଟସ୍ଥ ହିନ୍ଦୁସ୍ଥାନ ପେଟ୍ରୋଲିୟମ ପେଟ୍ରୋଲ ପମ୍ପ ଭିତରକୁ ଏକ ପେଟ୍ରୋଲ ଟ୍ୟାଙ୍କର ଯାଉଥିବା ସମୟରେ ସନ୍ତୋଷିନୀକୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡିଯାଇଥିଲେ ଏବଂ ଟ୍ୟାଙ୍କରର ଆଗଚକରେ ଚାପି ହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଭଟଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି। ଭଟଲି ଠୁ ପୁଲିସ ଷ୍ଟେସନ ସ୍ଥାନାନ୍ତର ହେବା ପରେ ପୁଲିସ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଅବହେଳା ହେଉଥିବା ଅଭିଯୋଗ ହେଉଛି। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଢିଲା ହୋଇ ଯାଇଛି। ଦିନ ସାରା ଟ୍ରାଫିକ ସମସ୍ୟା ଦେଖା ଦେଉଛି। ପୁଲିସର ନିଷ୍କ୍ରିୟତାକୁ ନେଇ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିବା ଦେଖାଦେଇଛି। ଆଜି ଦୁର୍ଘଟଣାରେ ଜଣେ ନିରୀହ ମହିଳାଙ୍କ ଜୀବନ ଚାଲିଗଲା। ଭିଡ ଛକ ଗୁଡିକରେ ସ୍ପିଡ୍ ବ୍ରେକର ଦେବା ସହ ଟ୍ରାଫିକ ବ୍ୟବସ୍ଥା କଡା କଡି କରିବାକୁ ସାଧାରଣରେ ଦାବି ହେଉଛି।

# ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଏଡ୍‌ସ ଦିବସ

ବରଗଡ,୬।୧୨(ସମିସ): ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଏଡସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ ଡ.ପୁଷ୍ପାଞ୍ଜଳି ପ୍ରଧାନ। ଯୁବ ରେଡକ୍ରସର କାଉନସିଲର ଅଧ୍ୟାପକ ତୁଷାରକାନ୍ତି ତ୍ରିପାଠୀ ସଭାର ଉଦ୍ଦେଶ୍ୟ ଜ୍ଞାପନ ଓ ଏଡସ ଦିବସର ମୁଖ୍ୟ ବିଷୟ ଉପରେ ଆଲୋଚନା କରିଥିଲେ। ଛାତ୍ରୀ ଅନୁପମା ସେନାପତି ଓ ଜ୍ୟୋତିର୍ମୟୀ ମିଶ୍ର ପିପିଟି ଉପସ୍ଥାପନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ପୋଷ୍ଟର, ରଙ୍ଗୋଲି ଓ ତର୍କ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ବିନୋଦିନୀ ବରିହା। ସମସ୍ତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଚୁଳମୁକ୍ତା ପ୍ରଧାନ ଆୟୋଜନ ଓ ପରିଚାଳନା କରିଥିଲେ।




# ବରଗଡ଼ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ

## ଆତ୍ମନିର୍ଭର ଓ ବିକଶିତ ଭାରତ ପାଇଁ ବିଜ୍ଞାନ, ଗଣିତ ଓ ପ୍ରଯୁକ୍ତି ବିଦ୍ୟା ଗୁରୁତ୍ୱପୂର୍ଣ୍ଣ

ବରଗଡ଼,୬।୧୨(ସମିସ)

ସ୍ଥାନୀୟ ରାଣାପ୍ରତାପ ସ୍କୁଲ ପଡିଆରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧକ୍ଷତା ଓ ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେରେ ଆୟୋଜିତ ମେଳାକୁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଆତ୍ମନିର୍ଭର ଓ ବିକଶିତ ଭାରତ ପାଇଁ ବିଜ୍ଞାନ ଗଣିତ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଥିବା ସେ କହିଥିଲେ। ବିଭିନ୍ନ ବ୍ଲକ୍‌ରୁ ଆସିଥିବା ବାଲ ବୈଜ୍ଞାନିକ ମାନଙ୍କ ପ୍ରକଳ୍ପ ଗୁଡିକୁ ବୁଲି ଦେଖିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ଡାଏଟ ଅଧକ୍ଷ ରଜନୀକାନ୍ତ ଦାଶ, ଏଡିଇଓ ସରୋଜ ଭୁଏ ଏଡିଇଓ ବିନୟ ସୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ ଓ ଭବାନୀ ଗଡତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଣାପ୍ରତାପ ସ୍କୁଲ ପ୍ରଧାନଶିକ୍ଷକ ସୁଦୀପ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ମେଳାର ପ୍ରଥମ ଦିବସରେ ୧୩୪ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଏହି ଅବସରରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଜର୍ଜ ଉଚ୍ଚ ବିଦ୍ୟାଳୟର ବ୍ୟାଣ୍ଡ ବାଜା ଓ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବରଗଡ଼ ଏଡିଏମ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ମେଳାରେ ସଷ୍ଟେନେବୁଲ ଏଗରିକଲଚର ଥିମ୍ ପ୍ରକଳ୍ପ ପାଇଁ ସରକାରୀ ଏସଏସଡି ହାଇସ୍କୁଲ ବିଜାଢୋଲର ଛାତ୍ର ରିତେଶ ପଟେଲ, ୱେଷ୍ଟ ମ୍ୟାନେମେଣ୍ଟ ଓ ଏଭି କେସେଇପାଲି ଭଟଲି ବ୍ଲକ୍ ଛାତ୍ର ସ୍ୱସ୍ତିକ ଗର୍ତିଆ, ସବୁଜ ଶକ୍ତି ଆଧାରିତ ପ୍ରକଳ୍ପ ଓ ଏଭି ବାନ୍ଦୁପାଲି ଶ୍ରେୟମ ଶତପଥୀ, ଇମର୍ଜିଂ ଟେକନୋଲୋଜି ପିଏମଶ୍ରୀ କେଏ ହାଇସ୍କୁଲ ଅମ୍ବାଭୋନାର ଛାତ୍ରୀ ସାନିଆ



ପ୍ରଧାନ, ଗାଣିତିକ ମଡେଲ କେଏସଡି ହାଇସ୍କୁଲ ଲଖନ୍‌ପୁର ଛାତ୍ର ପ୍ରତୀକ କାଲୋ, ହେଲ୍ଥ ଆଣ୍ଡ ହାଇଜିନ ଏସଏଆଇଇସିଏମ ଲାଦେର ପାଲି ଅତାବିରା ଦିବ୍ୟ ଶ୍ରୀ ଭୋଇ, ଜଳ ସଂରକ୍ଷଣ ପିଏଚ ଏସ ଝାରବନ୍ଧ ବ୍ଲକ୍ ଡିଲେଶ୍ୱରି ସାହା ପ୍ରମୁଖଙ୍କ ପ୍ରକଳ୍ପ ଗୁଡିକରାଜ୍ୟ ସ୍ତରକୁ ମନୋନୀତ ହୋଇଛି। ଜିଲ୍ଲା ସ୍ତରୀୟ ସିଇଏସ ୨୦୨୪ର ପ୍ରତିଯୋଗିତାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତାଲ୍ ଶ୍ରିଗୀଡା ଛାତ୍ରୀ ଖୁସି ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜର୍ଜ ହାଇସ୍କୁଲ ଛାତ୍ର ସାଇ ଚନ୍ଦନ ସାହୁ ଦ୍ୱିତୀୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆମ୍ବାଭୋନା ବୋଧକ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ଥିଲେ। ବିଚାରକ ଭାବେ ବିରେନ୍ଦ୍ର ଦାଶ, ଅନୁପମା ଚାନ୍ଦ, ଲିପ୍ସା ମିଶ୍ର, ନମିତା ବିଶି, ଡ.ଗିରିଶ ପ୍ରଧାନ, ଶାନ୍ତନୁ ସାହୁ ଡ.ଚିନ୍ମୟ ଦେହେରୀ, ଡ.ନିରଞ୍ଜନ ପଣ୍ଡା ଆର୍‌ଜେ ଆଶିଷ ମହାନ୍ତି, ଡ.ଜୟନ୍ତ ସାହୁ, ବିଶ୍ୱଜିତ୍ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**● ନବପ୍ରଭାତ ବିଦ୍ୟାୟତନରେ ଶିକ୍ଷାଗତ ମେଳା**

ପଦ୍ମପୁର: ନବପ୍ରଭାତ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଶିକ୍ଷାଗତ ମେଳା ଅନୁଷ୍ଠିତ ହୋଇଯାଇଛି। ନିରଞ୍ଜନ ମହାପାତ୍ର, ରବିଶଙ୍କର ପଧାନ ଏବଂ ଦେବାଶିଷ ନାୟକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ନବପ୍ରଭାତର ୩ଟି ଶାଖା ଯଥା ନବପ୍ରଭାତ ବିଦ୍ୟାୟତନ, ନବପ୍ରଭାତ ଗୁରୁକୁଳ, ସ୍ୱର୍ଯ୍ୟୋତି କନ୍ୟା ଗୁରୁକୁଳର ଛାତ୍ରଛାତ୍ରୀ ୧୭୮ ଟି ପ୍ରକଳ୍ପ ସହ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ବିଚାରପତି ଭାବେ ଘେଁସ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ହରେକୃଷ୍ଣ ସାହୁ, ଜମଲା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁ, ପୂର୍ବତନ ଏବିଇଓ ଶିବପ୍ରସାଦ ଯୋଶୀ, ଇଚ୍ଛାପାଳି ବିଦ୍ୟାଳୟର ପ୍ରଧାନଶିକ୍ଷକ ଲାବଣ୍ୟ ପଧାନ, ଝିଟିକି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମୁନିଖୋଳର ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଏବଂ ଘେଁସ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ରିଙ୍କୁ ହାତୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଦୟାନନ୍ଦ ଶର୍ମା ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ନବପ୍ରଭାତ ବିଦ୍ୟାୟତନର ମାର୍ଗଦର୍ଶକ ତେଜରାଜ ସାହୁ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ମହୀପାଳ ସ୍ୱାଇଁ, ଡ.ସୁବାଷ ନାୟକ, ପ୍ରେମାନନ୍ଦ ବାରିକ, ନବପ୍ରଭାତ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟର ସଭାପତି ଆଚାର୍ଯ୍ୟ ଭଗବାନ ଦେବ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ‘କ’ ବିଭାଗର ବିଜେତା ତନବି ମିଶ୍ର, ଅଙ୍କିତ ମେହେର ଏବଂ ଆରୋହୀ ମେହେର; ‘ଖ’ ବିଭାଗର ପୂଜନ ପ୍ରଭା ଦଳେଇ, ଆରାୟନ ସାହୁ ଏବଂ ଅନିକେତ ବେହେରା; ‘ଗ’ ବିଭାଗର ବିଜେତା ଶ୍ରେୟା ବିଶ୍ୱାଳ, ଗୀତିକା ଭୁଏ, ପୂଜା ବିଶ୍ୱାଳ, ଆଞ୍ଚଳ ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଜସ୍ମିନ ପଧାନ, ରିୟା ମେହେର, ପ୍ରିତମ ପୋଡର; ‘ଘ’ ବିଭାଗର ବିଜେତା ଶ୍ରୀମୟୀ ନାୟକ, ସିମରନ କର୍ମୀ, ବେଦାଂଶୀ ଶତପଥୀ, ଦେବାଂଶ ଯୋଶୀ, ରାହୁଲ ସ୍ୱାଇଁ ଏବଂ କ୍ଷୀରସିନ୍ଧୁ ନାଗ ହୋଇଥିଲେ। କାର୍ଯ୍ୟକ୍ରମରେ ସୁଧାରାଣୀ ଦୋରା ଏବଂ ସ୍ମୃତିଶିଖା ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ଦେବାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଦିବ୍ୟାଙ୍ଗ ଯୁବକଙ୍କ ମଣିଷ ପଣିଆ

**● ୨୫ କିମି ଯାଇ କଲେ ରକ୍ତଦାନ**

ପାଇକମାଳ,୬।୧୨(ସମିସ): ପାଇକମାଳ ବ୍ଲକ୍ ଛିନ୍ଦେଇଖେଳା ଗାଁର ସୁରେନ୍ଦ୍ର ଭୋଇ ଜଣେ ଦିବ୍ୟାଙ୍ଗ ଯୁବକ ନିଜ ଗାଁଠାରୁ ୨୫ କିମି ନୂଆପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଜଣେ ରୋଗୀଙ୍କୁ ରକ୍ତଦାନ କରି ପ୍ରଶଂସାର ପାତ୍ର ହୋଇଛନ୍ତି। ଜଣେ ରୋଗୀଙ୍କ ପାଇଁ ଏ ପଜିଟିଭ ରକ୍ତ ଆବଶ୍ୟକ ଥିବା ବେଳେ ରୋଗୀଙ୍କ ସମ୍ପର୍କୀୟ ଠାରୁ ଫୋନ କଲ୍ ପାଇ ସେ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ରକ୍ତଦାନ କରିଥିଲେ। ଜଣେ ଦିବ୍ୟାଙ୍ଗ ଯୁବକ ହେଲେ ବି ମାନବ ସେବା ପାଇଁ ସେ ହାରି ନ ଯାଇ ଆଗେଇ ଆସିଥିଲେ। ସୁରେନ୍ଦ୍ର ଡ.ଜୟଚନ୍ଦ୍ର ଜୀବନରେଖା ରକ୍ତ ସହାୟତା ସଂଘର ଜଣେ ସକ୍ରିୟ ସଦସ୍ୟ ଅଟନ୍ତି।

# ଆଧୁନିକ ମଣିଷର ଜୀବନର ମାର୍ମିକ ପରିପ୍ରକାଶ ହେଉଛି ମିଥ୍

ବରଗଡ଼,୬।୧୨(ସମିସ): ମିଥ୍ ହେଉଛି ଆଧୁନିକ ଓଡ଼ିଆ କବିତାର ଏକ ଅପୂର୍ବ କଳାକୌଶଳ; ଆଧୁନିକ ସାହିତ୍ୟର ଏକ ବହୁ ଆଲୋଚିତ ପ୍ରସଙ୍ଗ। ଏହା ଏପରି ଆଧୁନିକ କାବ୍ୟଧାରା ଯାହାର ବିଷୟବସ୍ତୁ ଭାରତୀୟ, ମାତ୍ର କଳାମାଧୁର୍ଯ୍ୟ ହେଉଛି ପାଶ୍ଚାତ୍ୟ। ଆଧୁନିକ ମଣିଷର ଜୀବନବୋଧର ଏକ ମାର୍ମିକ ପରିପ୍ରକାଶ ମିଥ୍ ବୋଲି ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ‘ଆଧୁନିକ ଓଡ଼ିଆ କବିତାରେ ମିଥ୍’ ଶୀର୍ଷକ ଏହି ସମ୍ମାନରେ ଓଡ଼ିଆ ବିଭାଗ ମୁଖ୍ୟ ଡ.ଶେଷନ ବିଶି ସଭାପତିତ୍ୱ କରିଥିଲେ। ଆଲୋଚନାଚକ୍ରର ମୁଖ୍ୟ ଅତିଥି ମହାବିଦ୍ୟାଳୟର ଅଧକ୍ଷ ଡ.ନକୁଳ ସେଠ୍, ବିଷୟ ବିଶେଷଜ୍ଞ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦାର ପ୍ରାକ୍ତନ ପ୍ରଫେସର ବଭ୍ରୁବାହନ ମହାପାତ୍ର ଏବଂ ବରେଣ୍ୟ ବକ୍ତା ଡ.ଉମେଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୱେଷାର ସମ୍ପାଦକ ଉତ୍ତମ ସାହୁ ପ୍ରାରମ୍ଭିକ ସୂଚନା ଦେବା ପରେ ଅଧ୍ୟାପକ ଯୋଗେନ୍ଦ୍ର ମେହେର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ ସହିତ ସମ୍ମାନର ସାର ସଂକ୍ଷେପ ବକ୍ତବ୍ୟ ଦେଇ ସଭାପତି ଡ.ବିଶି ଆଧୁନିକ ଓଡ଼ିଆ କବିତାରେ ମିଥ୍ ଚେତନା ସ୍ୱରୂପ ଉନ୍ମୋଚନ କରିଥିଲେ। ଆଲୋଚନାଚକ୍ରରେ ସ୍ନାତକୋତ୍ତର ଛାତ୍ରୀ ପଦ୍ମାଳୟା ଭୋଇ ‘ପ୍ରେମ ଓ ବିଦ୍ରୋହର କବି ରାଜେନ୍ଦ୍ର କିଶୋର ପଣ୍ଡା’, ପ୍ରତିଭା ପଣ୍ଡା ‘ଆଧୁନିକ ଓଡ଼ିଆ କବିତାରେ ମିଥ୍‌ର ଝଙ୍କାର’, ଚୁମକି ସାହୁ ‘ସୀତାକାନ୍ତ ମହାପାତ୍ରଙ୍କ କବିତାରେ ମିଥ୍‌ର ପ୍ରତିଧ୍ୱନି’ ଏବଂ ଡିଲେଶ୍ୱରୀ ଭୋଇ ‘ଶ୍ରୀରାଧାରେ ମହାର୍ଘ ପ୍ରେମର ଅନୁଭୂତି ’ ଶୀର୍ଷକ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ବିଷୟ ବିଶେଷଜ୍ଞ ପ୍ରଫେସର ମହାପାତ୍ର ଆଧୁନିକ ଓଡ଼ିଆ କବିତାରେ ମିଥ୍ ଚେତନାର ଯଥାର୍ଥ ପ୍ରୟୋଗ, ଆବଶ୍ୟକତା ଓ ମାନବ ଜୀବନର ତହିଁରେ ବାସ୍ତବ ପ୍ରତିଫଳନ ଉପରେ ବକ୍ତବ୍ୟ ରଖିଠିତଲେ। ବରେଣ୍ୟ ବକ୍ତା ଡ.ଉମେଶ ମହାପାତ୍ର ଓଡ଼ିଆ ଓ ଇଂରାଜୀ କବିତାରେ ବ୍ୟବହୃତ ମିଥ୍‌ର ତୁଳନାତ୍ମକ ବିଶ୍ଳେଷଣ କରିଥିଲେ। ଆଲୋଚନାଚକ୍ରରେ ଓଡ଼ିଆ ବିଭାଗର ଅଧ୍ୟାପକ ଡ.ଅନନ୍ତ ମେହେର, ଶାନ୍ତନୁ ସୁନା, ଡ.ସ୍ମିତା ପାଣିଗ୍ରାହୀ, ଡ.ସୁନୀତା ବେହେରା, ଛନ୍ଦାରାଣୀ ବେସନ, ହିନ୍ଦୀ ଅଧ୍ୟାପିକା ଡ.ବନୁଜା ମେହେର, ଇତିହାସ ଅଧ୍ୟାପିକା ଝରଣା ବିଶ୍ୱାଳ ପ୍ରମୁଖ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନେ ଅଂଶଗ୍ରହଣ କରିଥିଲେ। ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଏବଂ ପଞ୍ଚାୟତ ମହାବିଦ୍ୟାଳୟର ଓଡ଼ିଆ ଓ ଇଂରାଜୀ ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପ୍ରାରମ୍ଭିକ ଓ ଅନ୍ତିମ ସଙ୍ଗୀତ ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ଗାନ କରିଥିଲେ। ଆଲୋଚନାଚକ୍ରର ସଂଯୋଜନା ସ୍ନାତକୋତ୍ତର ଛାତ୍ର ଉତ୍ତମ ସାହୁ ଓ ଛାତ୍ରୀ କସ୍ତୁରୀ ସାହୁ କରିଥିବା ବେଳେ ଅଧ୍ୟାପକ ଶାନ୍ତନୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।




# ଗାଇସିଲେଟରେ ପ୍ରସ୍ତାବିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ନେଇ ଅସନ୍ତୋଷ

ଗାଇସିଲେଟ,୬।୧୨(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ୟୁଥ୍ କ୍ଲବ୍ ନେତୃତ୍ୱରେ ଶନିବାର କ୍ଲବ୍ ଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ କମିଟି, ବରିଷ୍ଠ ନାଗରିକ ସଂଘ, ବଣିକ ସଂଘ, ଓକିଲ ସଂଘ, ସମସ୍ତ ସାମାଜିକ ସଂଘ, ସ୍ପୋର୍ଟସ ସଂଗଠନର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଗାଇସିଲେଟରେ ପ୍ରସ୍ତାବିତ ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ଆବଣ୍ଟନ ହୋଇଥିବା ୧୦ ଏକର ଜମିକୁ ଅଯୋଗ୍ୟ କରାଯାଇଥିବା ବିଷୟରେ ଆଲୋଚନା କରାଯାଇଥିଲା। ଏହା ନ ହେଲେ ଗାଇସିଲେଟ ପାଇଁ ଏକ ବଡକ୍ଷତି ହବ ବୋଲି ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ଆସନ୍ତା ସୋମବାର ସମସ୍ତ ସଂଗଠନ ତରଫରୁ ତହସିଲଦାରଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଦାବି କାର୍ଯ୍ୟକାରୀ ନ ହେଲେ ଗାଇସିଲେଟ ଅଞ୍ଚଳର ଉନ୍ନତି ପାଇଁ ସମସ୍ତ ସଂଗଠନ ଏକ ହୋଇ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଥିବା ୟୁଥ୍ କ୍ଲବ୍ ସଭାପତି ରଞ୍ଜନ ପଣ୍ଡା ପ୍ରକାଶ କରିଛନ୍ତି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ କ୍ରୀଡ଼ା



ପଦ୍ମପୁର,୬।୧୨(ସମିସ): ପଦ୍ମପୁର ଉପଖଣ୍ଡ ଦୀପ୍ତିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ କ୍ରୀଡା ଏବଂ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଖେଳ ପରିଚାଳକ ଭାବେ ପିଇଟି ଶ୍ରୀବତ୍ସରାଜ ପୁରୋହିତ ଏବଂ କେଶବ ପଧାନ ବାର୍ଷିକ କ୍ରୀଡାର ପରିଚାଳନା କରିଥିଲେ। ୧୭ଟି ଖେଳରେ ଭାଗନେଇ ଛାତ୍ରଛାତ୍ରୀ ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। ଶେଷରେ ଛାତ୍ର ବିଭାଗରୁ ଦଶମ ଶ୍ରେଣୀର ସୁଧିର ଗୁରୁ ଏବଂ ଛାତ୍ରୀ ବିଭାଗରୁ ନବମ ଶ୍ରେଣୀର ପ୍ରିୟଙ୍କା ପଟ୍ଟନାୟକଙ୍କୁ ଚାମ୍ପିଅନ ଭାବେ ଘୋଷଣା କରାଗଲା। ଦ୍ୱିତୀୟ ପର୍ଯ୍ୟାୟରେ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟାଲ ପଞ୍ଚାୟତର ସରପଞ୍ଚ ମିଥିଳା ସାହୁ ଏବଂ ଅନ୍ୟାନ୍ୟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହିପାଳ ସ୍ୱାଇଁ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରିନ୍‌ସିପାଲ୍ ନବିନ ଦାସ, ମେଲଛାମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅପର୍ଣ୍ଣା ସେଠ୍, ବିରଜାମ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରତାପ ସାହୁ, ପଞ୍ଚସଖା ଶିକ୍ଷାସେତୁ ସଭାପତି ବିକାଶ ନାଏକ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଶେଫାଳି ପାତ୍ରଙ୍କ ଦ୍ୱାରା ଆୟୋଜିତ ଛାତ୍ରଛାତ୍ରୀଙ୍କର ରାମ୍ପ ଶୋ’ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତରଣୀସେନ ଭୁଏ ମଞ୍ଚ ପରିଚାଳନା କରିଥିଲା ବେଳେ ଆଶିଷ ବିଶି, ଖଗେଶ୍ୱର ସାହୁ, ମୋନାଲିସା ମେହେର, ରାମପ୍ରସାଦ ସାବତ, ସୁଶାନ୍ତ ଗଡତିଆ, ଜ୍ଞାନରଞ୍ଜନ ପରିଡା, ଦୀପକ ଦେହୁରୀ, ପବିତ୍ର କଲେତ ପ୍ରମୁଖ ସହଯୋଗ କରିଥିଲେ।

ଅତାବିରା: ଅତାବିରା ବ୍ଲକ୍ ପାହାଡ଼ ଶ୍ରୀଗିଡ଼ା ଆଞ୍ଚଳିକ ମହାବିଦ୍ୟାଳୟର ୨୭ ତମ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବକୁ ମହାବିଦ୍ୟାଳୟର ଅଧକ୍ଷ ରାମକୃଷ୍ଣ ସାହୁ ଉଦ୍‌ଘାଟନ କରିଥିବା ବେଳେ ଖେଳ ଶିକ୍ଷକ ଅଶ୍ୱିନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। କଲେଜ ଅଧକ୍ଷ ରାମକୃଷ୍ଣ ସାହୁ ସଭାରେ ଅଧକ୍ଷତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କମଗାଁ ମହାବିଦ୍ୟାଳୟର ଅଧକ୍ଷ ପ୍ରେମାନନ୍ଦ ପଟେଲ ମୁଖ୍ୟ ଅତିଥି, ଲଖମରା ମହାବିଦ୍ୟାଳୟର ଅଧକ୍ଷ ବିଜୟ ମିଶ୍ର ସମ୍ମାନିତ ଅତିଥି, ଶକୁନ୍ତଳା ବିଦ୍ୟାଧର ସ୍ନାତକ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ.ରତିକାନ୍ତ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଆତୃଷ ପ୍ରଧାନ ସଭାକୁ ସଂଯୋଜନା କରିଥିଲେ। ଶ୍ରେଷ୍ଠ କ୍ରୀଡାବିତ ଭାବେ ବାଳକ ବିଭାଗରୁ ନିମାଇଁ ସୁନା ଓ ବାଳିକା ବିଭାଗରୁ ସୁମିତ୍ରା ସୁରେନ ପୁରସ୍କୃତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏ ବର୍ଷ ରାଜ୍ୟ ହକି ପାଇଁ ଚୟନ ହୋଇଥିବା ଅଙ୍କିତା ମରେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ ରୋହିତ ଗଡତିଆ ଧନ୍ୟବାଦ ପ୍ରଦାନ କରିଥିଲେ।

ଗାଇସିଲେଟ: ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଦୁଇଦିନ ବ୍ୟାପୀ ୪୨ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ଦ୍ୱାରା ପତାକା ଉତ୍ତୋଳନ ହୋଇ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଥିଲା। ଛାତ୍ର ମାନଙ୍କର ୩୦୦୦ ମିଟର ଦୌଡ ପ୍ରତିଯୋଗିତା ଓ ଛାତ୍ରୀ ମାନଙ୍କର ମିଉଜିକ ଚେୟାର ବେଶ୍ ଆକର୍ଷଣୀୟ ହୋଇଥିଲା। ମହାବିଦ୍ୟାଳୟର ଖେଳ ଶିକ୍ଷକ ହେମନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗିରିଧାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ଶିକ୍ଷକ ପବିତ୍ର ମୋହନ ଭୋଇ, ତାଳପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ଶିକ୍ଷକ ହୃଷୀକେଶ ଗିରି, ଗାଇସିଲେଟ ହାଇସ୍କୁଲର ଖେଳ ଶିକ୍ଷକ ଉଦ୍ଧବ ତନସନା, ଜଗନ୍ନାଥ ହାଇସ୍କୁଲର ଖେଳ ଶିକ୍ଷକ ଅଶେଷ ଦାଶ ସମସ୍ତ ଇଭେଣ୍ଟ ଗୁଡିକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର କ୍ରୀଡ଼ା କମିଟିର ସୁଦୀପ୍ତ ଦାଶ, ନାରାୟଣ ମିଶ୍ର, ଅରୁଣ ମୁନା, ସଞ୍ଜିତା ମିଶ୍ର ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ। ଅଣଶିକ୍ଷକ କର୍ମଚାରୀ ବୈରାଗି ସାହୁ, ଡୋଳାମଣି ବରିହା, କ୍ଷୀରୋଦ୍ର ପୁରୋହିତ, ସୁରଭି ସାହୁ, ବିଶ୍ୱାମିତ୍ର ପଧାନ, ଦୟାସାଗର ଭୋଇ, କୁମୋଦିନୀ ବରିହା, ସୁଶୀଳା ସାହୁ, ପୁଷ୍ପାଞ୍ଜଳି ମିଶ୍ର ମଧ୍ୟ ସହଯୋଗ କରିଥିଲେ।

ଉଦ୍‌ଯାପନୀ ସଭାରେ ସ୍ଥାନୀୟ ତହସିଲଦାର ନେନସି ଖାଲକୋ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧକ୍ଷ, ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା ଓ ସ୍ଥାନୀୟ ତହସିଲଦାର କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରିଥିଲେ। +୨ ବର୍ଗର ଛାତ୍ର ଆକାଶ ବିଶି ଓ ଛାତ୍ରୀ ସୁସ୍ମିତା ଭୋଇ ଏବଂ +୩ ବର୍ଗର ଛାତ୍ର ଆକାଶ ବରିହା ଓ ଛାତ୍ରୀ ମନୋରମା ଗହିର ଚାମ୍ପିଅନ ଘୋଷିତ ହୋଇଥିଲେ। ଶେଷରେ ପ୍ରାଧ୍ୟାପକ ସୁଦୀପ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ଇନ୍ସପେକ୍ଟରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ସୋହେଲା,୬।୧୨(ସମିସ): ସୋହେଲା ଥାନାରେ କାର୍ଯ୍ୟରତ ବରିଷ୍ଠ ମହିଳା ସବଇନ୍ସପେକ୍ଟର ଅନିମା ଏକ୍କାଙ୍କୁ ଇନ୍ସପେକ୍ଟର ଭାବେ ପଦୋନ୍ନତି ମିଳିବା ପରେ ତାଙ୍କର ସମ୍ବଲପୁର ଜିଲ୍ଲାକୁ ବଦଳି ହୋଇଛି। ଏହି ଅବସରରେ ଗତକାଲି ସନ୍ଧ୍ୟାରେ ଅନିମାଙ୍କୁ ସହକର୍ମୀଙ୍କ ଦ୍ୱାରା ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆଇଆଇସି ହରିଶଙ୍କର ଭୋଇଙ୍କ ତତ୍ତ୍ୱାବଧାନରେ ଥାନା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନିମାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଏବଂ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ରେମଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ‘ଶିଶୁ ମେଳା’

ଥୁଆପାଲି,୬।୧୨(ସମିସ): ଭେଡେନ ବ୍ଲକ୍ ରେମଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ‘ଶିଶୁ ମେଳା’ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶିବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଯଶୋବନ୍ତ ସେଠ୍ ଯୋଗ ଦେଇଥିଲେ। ସଭାପତି ଭିକାରି ଚରଣ ଖମାରୀ, ସମ୍ପାଦକ କିଶୋର ପାଇକ, ତାରାଚାନ୍ଦ ସାଥୁଆ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦକ କିଶୋର ପାଇକ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବାଟିକାର କୁନିକୁନି ଭାଇ ଭଉଣୀ ତଥା ସେମାନଙ୍କର ଅଭିଭାବିକା ନିଜ ନିଜର ଦୋକାନ ସଜାଇବା ସହ ପ୍ରାଥମିକ ବିଭାଗର ଭାଇଭଉଣୀ କିଣାବିକା କରି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଶିଶୁ ମେଳାରେ ଗାର୍ଡେନ ଫ୍ଲାୱାର, କିରାନା, ପନିପରିବା, ମିଠା ମକା, ରୁମାଲ, ଷ୍ଟେସନାରୀ, ଫଳମୂଳ, ଆରିସା, ମଡା, କାକରା ପିଠା, ରସ ବରା, ବାଉଁଶ ତିଆରି ସାମଗ୍ରୀ ପ୍ରଭୃତି ଦୋକାନ ସ୍ଥାନ ପାଇଥିଲା। ଶିଶୁ ବାଟିକା ପ୍ରମୁଖ ଆଚାର୍ଯ୍ୟା ସୁଜାତା ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁଜୀ ଗୁରୁମା, କର୍ମଚାରୀ ସହଯୋଗ କରିଥିଲେ।



**ଗୃହରେ ଚିତ୍ରକୋଣ୍ଡା ବିଧାୟକଙ୍କ ଉଦ୍‌ବେଗ**

# ସ୍ୱାଭିମାନ ଅଞ୍ଚଳରେ ଗଛଛାଇ, କୁଡ଼ିଆ ଘରେ ପଢୁଛନ୍ତି ପିଲା

ଭୁବନେଶ୍ୱର,୬।୧୨(ସମିସ): ରାଜ୍ୟ ସରକାର ମିନି ଅଙ୍ଗନବାଡ଼ିରୁ ଅଙ୍ଗନବାଡ଼ି, ସକ୍ଷମ ଅଙ୍ଗନବାଡ଼ି, ଶିଶୁ ବାଟିକା କଥା କହୁଛନ୍ତି। ମାତ୍ର ସ୍ୱାଭିମାନ ଅଞ୍ଚଳରେ ପିଲାମାନେ ଗଛ ଛାଇ, କୁଡ଼ିଆ ଘରେ ପାଠ ପଢୁଛନ୍ତି। ସ୍ୱାଭିମାନ ଅଞ୍ଚଳ ଚିତ୍ରକୋଣ୍ଡାରେ ୧୮୦ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ୬୧ଟିରେ ନିଜସ୍ୱ ଗୃହ ନାହିଁ। ଶନିବାର ଶୂନ୍ୟକାଳରେ ଏନେଇ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ କ୍ଷୋଭ ପ୍ରକାଶ କରିଛନ୍ତି।

ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ପ୍ରଶ୍ନକାଳରେ ସଦସ୍ୟ ଶ୍ରୀ ଖିଲ ଅତିରିକ୍ତ ପ୍ରଶ୍ନ ମାଧ୍ୟମରେ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଅଙ୍ଗନବାଡ଼ି ଘର ନିର୍ମାଣ କେବେ ସମ୍ପୂର୍ଣ୍ଣ ହେବ ବୋଲି ପଚାରିଥିଲେ। ମୂଳ ପ୍ରଶ୍ନକର୍ତ୍ତା ଭାବେ ସଦସ୍ୟ ରମେଶ ଚନ୍ଦ୍ର ବେହେରା ରାଜ୍ୟରେ କେତୋଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ,୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେତୋଟି ନୂଆ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଏବଂ ଅସମ୍ପୂର୍ଣ୍ଣ ଘର ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ପ୍ରଦାନ କରିବେ କି ବୋଲି ପ୍ରଶ୍ନ କରିଥିଲେ।

ଏହାର ଉତ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ରାଜ୍ୟରେ ୨୦୧୫୦ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ। ଯଦି

- ୧୮୦ ଅଙ୍ଗନବାଡ଼ି କେନ୍ଦ୍ରରୁ ୬୧ଟିର ନିଜସ୍ୱ ଘର ନାହିଁ
- ପିଏମ୍-ଜନମନରେ ୯୦ଟିକୁ ମିଳିଛି ଅନୁମୋଦନ: ମନ୍ତ୍ରୀ
- ବିଧାୟକ ଜାଗା ଚିହ୍ନଟ କଲେ ହେବ ଗୃହ ନିର୍ମାଣ
- ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଘର

କୌଣସି ଅଞ୍ଚଳରେ ଅଙ୍ଗନବାଡି ଘର ନିର୍ମାଣାଧୀନ ଅବସ୍ଥାରେ ରହିଛି ଏବଂ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଅର୍ଥର ଆବଶ୍ୟକତା ହେଉଛି, ସେନେଇ ନିର୍ଦ୍ଦିଷ୍ଟ ତଥ୍ୟ ଦେଲେ ବିଭାଗ ଅର୍ଥ ପ୍ରଦାନ କରିବ। ୨୦୨୫-୨୬ରେ ୧୦୨୦୦ ଅଙ୍ଗନବାଡି ଘର ନିର୍ମାଣ ପାଇଁ ଆର୍ଥିକ ବ୍ୟବସ୍ଥା କରାଯାଉଥିବା ସେ ସୂଚନା ପ୍ରଦାନ କରିଥିଲେ। ସେହିପରି ଅତିରିକ୍ତ ପ୍ରଶ୍ନକର୍ତ୍ତାଙ୍କ ଉତ୍ତରରେ ଶ୍ରୀମତୀ ପରିଡ଼ା କହିଥିଲେ ଯେ ରାଜ୍ୟରେ ପିଭିଜିଟି ଅଞ୍ଚଳରେ ପିଏମ୍-ଜନମନ ଯୋଜନା ଅଧୀନରେ ୧୩ଟି ଜିଲ୍ଲା ପାଇଁ ୯୦ଟି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ର ପାଇଁ ୧୨ ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ତେଣୁ ବିଧାୟକ ଯେତେ ଶୀଘ୍ର ପ୍ରସ୍ତାବ ଏବଂ ଗୃହ ନିର୍ମାଣ ପାଇଁ ଜାଗା ଦେବେ, ସେତେ ଶୀଘ୍ର ଅଙ୍ଗନବାଡି ଗୃହ ନିର୍ମାଣ ହେବ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ।

ସଦସ୍ୟ ପ୍ରଦୀପ ସାହୁ ତାଙ୍କ ନିର୍ବାଚନମଣ୍ଡଳୀରେ ପୂର୍ବରୁ ୫ ଲକ୍ଷ ଟଙ୍କା ଏବଂ ୭ ଲକ୍ଷ ଟଙ୍କା ଅନୁଦାନପ୍ରାପ୍ତ କେତେକ ଅଙ୍ଗନବାଡି କେନ୍ଦ୍ର ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିବା ଦର୍ଶାଇଥିଲେ। ଏଥିପାଇଁ ଅନୁଦାନ ବ୍ୟବସ୍ଥା ସମ୍ପର୍କରେ ଶ୍ରୀ ସାହୁ ପ୍ରଶ୍ନ କରିଥିଲେ। ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୦୯-୧୦ରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଉଥିଲା। ପରେ ୨୦୧୬-୧୭ରେ ଏହାକୁ ୭ ଲକ୍ଷ ଏବଂ ୨୦୨୨-୨୩ରେ ଏହାକୁ ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା। ଏବେ ଆମେ ଅଙ୍ଗନବାଡି ଗୃହ ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ବ୍ୟବସ୍ଥା ହୋଇଛି। ଆଗକୁ ଏହି ଅନୁଦାନ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ବିଭାଗ ନିକଟରେ ପ୍ରସ୍ତାବ ରହିଛି। ତେବେ ଯେଉଁଠାରେ ଅର୍ଥାଭାବ କାରଣରୁ ଅଙ୍ଗନବାଡି ଗୃହ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ, ସେଠାରେ ବିଧାୟକମାନେ ସିଡିପିଓମାନଙ୍କୁ ଅବଗତ କରାଇଲେ ବିଭାଗ ଆର୍ଥିକ ଅନୁଦାନ ଯୋଗାଇ ଦେବ। ସେହିପରି ୨୦୨୪-୨୫ରେ ୫୦୫୬ଟି ଅଙ୍ଗନବାଡିକୁ ସକ୍ଷମ ଅଙ୍ଗନବାଡିକୁ ପରିବର୍ତ୍ତିତ କରାଯାଉଥିବା ବେଳେ ପ୍ରତ୍ୟେକ ସକ୍ଷମ ଅଙ୍ଗନବାଡିର ଭିତ୍ତିଭୂମି ଉନ୍ନୟନ ପାଇଁ ଅତିରିକ୍ତ ୮୪ ହଜାର ଟଙ୍କା ଯୋଗାଇ ଦିଆଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନିଯୁକ୍ତ ହେବେ ଓଡ଼ିଆ ଶିକ୍ଷକ

ଭୁବନେଶ୍ୱର, ୬।୧୨(ସମିସ): ରାଜ୍ୟର ସମସ୍ତ ୩୧୪ ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ନିଯୁକ୍ତ ହେବେ ଓଡ଼ିଆ ଶିକ୍ଷକ। ପ୍ରତି ଓଏଭିରେ ଜଣେ ଲେଖାଏଁ ଓଡ଼ିଆ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ନିଯୁକ୍ତି ପାଇଁ ନୂତନ ପଦ ସୃଷ୍ଟି ହୋଇଛି। ପୂର୍ବରୁ ଥିବା ଲାଇବ୍ରେରିଆନ୍ ପଦକୁ ଉଚ୍ଛେଦ କରି ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କରାଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟ

- ୩୧୪ ଲାଇବ୍ରେରିଆନ୍ ପଦକୁ ଉଚ୍ଛେଦ କଲା ଗଣଶିକ୍ଷା ବିଭାଗ
- ଗ୍ରନ୍ଥାଗାରିକ ଚାକିରି ନ ଦେଲେ, ପାଠ୍ୟକ୍ରମ ବନ୍ଦ କରନ୍ତୁ ସରକାର: ଆଶାୟୀ

ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରମୁଖ ମହାଲେଖାକାର (ଏଜି)ଙ୍କୁ ଅବଗତ କରାଯାଇଛି।

ଲାଇବ୍ରେରିଆନ୍ ପଦ ଉଚ୍ଛେଦ କରିବା ପରେ ଆଶାୟୀମାନେ ଅସନ୍ତୋଷ ଝାଡିଛନ୍ତି। ଓଡ଼ିଶା ଲାଇବ୍ରେରୀ ମୁଭମେଣ୍ଟ (ଓଏଲ୍‌ଏମ୍) ଆବାହକ ସୁନୀଲ କୁମାର ମିଶ୍ର କହିଛନ୍ତି ଯେ ସରକାରଙ୍କୁ ଦେଢ଼ ବର୍ଷ ବିତିଥିଲେ ମଧ୍ୟ ନୂତନ ନିଯୁକ୍ତି ପାଇଁ ଆଶାନୁରୂପ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ନୂତନ ପଦ ସୃଷ୍ଟି କରିବା ପରିବର୍ତ୍ତେ ପୁରୁଣା ପଦକୁ ଉଚ୍ଛେଦ କରିବାରେ ସରକାର ଅଧିକ ମନୋନିବେଶ କରୁଛନ୍ତି। ଓଏଭିର ୩୧୪ ଗ୍ରନ୍ଥାଗାରିକ ପଦ ବିଲୁପ୍ତ କରାଯିବାରୁ ଦୀର୍ଘ ବର୍ଷ ଧରି ଗ୍ରନ୍ଥାଗାରିକ ଆଶାୟୀମାନେ ନିରାଶ ହୋଇଛନ୍ତି। ବାରମ୍ବାର ଆନ୍ଦୋଳନ ଓ ଦାବି ସତ୍ତ୍ୱେ ସେମାନଙ୍କୁ ନିଯୁକ୍ତି ନ ଦେଇ ସମ୍ପୂର୍ଣ୍ଣ ପଦକୁ ଉଚ୍ଛେଦ କରିବା ନିଷ୍ପତ୍ତି ସେମାନଙ୍କୁ ବ୍ୟଥିତ କରିଛି। ଗ୍ରନ୍ଥାଗାରିକ ପଦ ରହିବା ସହ ନୂତନ ଭାବେ ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କରାଯାଇ ପାରିଥାନ୍ତା। ହେଲେ ସରକାର ସେପରି ନ କରି ସିବିଏସ୍‌ଇ ନିୟମକୁ ଉଲଂଘନ କରୁଛନ୍ତି। ଅପରପକ୍ଷରେ ସେ ଆହୁରି କହିଛନ୍ତି ଯେ ଯଦି ସରକାରଙ୍କ ଗ୍ରନ୍ଥାଗାରିକ ପଦ ପୂରଣ କରିବାର ଆନ୍ତରିକତା ନାହିଁ, ତେବେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ "ଗ୍ରନ୍ଥାଗାର ବିଜ୍ଞାନ' ବିଷୟକୁ ଉଠାଇ ଦିଅନ୍ତୁ। ଅନ୍ୟଥା ଲାଇବ୍ରେରୀ ସାଇନ୍ସ ପଢୁଥିବା ମେଧାବୀଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ଓ ଏଥିପାଇଁ ସରକାର ହିଁ ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

**■ କଂଗ୍ରେସ ବିଧାୟକ ଦଳ ନେତାଙ୍କ କ୍ଷୋଭ**

# ପେସା ଆଇନ ଲାଗୁରେ ଟାଳଟୁଳ ନୀତି

ଭୁବନେଶ୍ୱର,୬।୧୨(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ପ୍ରଥମ ବିଧାନସଭା ଅଧିବେଶନରେ ରାଜ୍ୟରେ ପେସା ଆଇନ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ସରକାର। ମାତ୍ର ଏଯାଏଁ ପେସା ଆଇନ ଲାଗୁ ହୋଇପାରିଲା ନାହିଁ। ରାଜ୍ୟରେ ମୁଖ୍ୟମନ୍ତ୍ରୀ, ଆଦିବାସୀ ବିଭାହର ମନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟରୁ ଆସୁଛନ୍ତି। ମାତ୍ର ପେସା ଆଇନ ଲାଗୁ କରିବାକୁ ସରକାର କଣ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଆଜି ଶୂନ୍ୟକାଳରେ ପ୍ରଶ୍ନ ଉତ୍ଥାପନ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ପେସା ଆଇନ ଲାଗୁ ନହେଲେ ସାରା ଓଡ଼ିଶାରେ ଆଦିବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ ଚେତାବନୀରେ କହିଛନ୍ତି।

**ତୁରନ୍ତ ଲାଗୁ ନହେଲେ ସାରା ଓଡ଼ିଶାରେ ଆନ୍ଦୋଳନକୁ ଓହ୍ଲାଇବେ ଆଦିବାସୀ**

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗକୁ ଉତ୍ଥାପନ କରି ଶ୍ରୀ କାଡାମ କହିଲେ ଯେ ରାଜ୍ୟରେ ଆଦିବାସୀମାନେ ଜଙ୍ଗଲ, ଜମି ଓ ପାଣି ଉପରୁ ନିଜର ଅଧିକାର ହରାଇ ବସିଛନ୍ତି। ଏକାଧିକ ବହୁରାଷ୍ଟ୍ରୀୟ କମ୍ପାନୀ ଆଦିବାସୀ ଆଦିବାସୀ ଅଞ୍ଚଳରେ ଶିଳ୍ପ ସ୍ଥାପନ କରୁଛନ୍ତି। ବିରୋଧୀ ଥିବାବେଳେ ବିଜେପି, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏନେଇ ବ୍ୟାପକ ସ୍ୱର ଉତ୍ତୋଳନ କରୁଥିଲେ। ମାତ୍ର ସରକାରକୁ ଆସିବା ପରେ ସେମାନଙ୍କ ସ୍ୱର ଧିମେଇ ଯିବାର କାରଣ କଣ ବୋଲି ଶ୍ରୀ କାଡାମ ପ୍ରଶ୍ନ କରିଥିଲେ। ସରକାର ନିଜକୁ ଲୋକଙ୍କ ସରକାର କହିଛନ୍ତି। ତାହେଲେ ଆଦିବାସୀ କଣ ରାଜ୍ୟର ଲୋକ ନୁହନ୍ତି। ବିଜେପି ଯୋଦନା ଆଦିବାସୀଙ୍କୁ ଶୋଷଣ ନୁହଁତ ବୋଲି ଏବେ ସାଧାରଣରେ ଆଶଙ୍କା ବଢ଼ିଲାଣି। ତୁରନ୍ତ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ। ଆଦିବାସୀ ବର୍ତ୍ତମାନ ସୁପ୍ତ ଅବସ୍ଥାରେ ଅଛନ୍ତି। ସେମାନେ ଜାଗ୍ରତ ହେଲ କେହି ସମ୍ଭାଳିପାରିବେନି ବୋଲି ଶ୍ରୀ କାଡାମ କହିଥିଲେ।

**ଏଏନ୍‌ଏମ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ସରକାରଙ୍କ ଉପରେ ବର୍ଷିଲା ବିଜେଡି**

# ୧୮ ମାସରେ ୧୮ରୁ ଊର୍ଦ୍ଧ୍ୱ ପରୀକ୍ଷା ବାତିଲ

ଭୁବନେଶ୍ୱର,୬।୧୨(ସମିସ): ଏଏନଏମ ପ୍ରଶ୍ନପତ୍ର ପ୍ରଘଟ ଓ ଶେଷ ମୁହୂର୍ତ୍ତରେ ଏହି ପରୀକ୍ଷା ବାତିଲ ହେବାକୁ ନେଇ ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ତ୍ରୁଟିଶୂନ୍ୟ ପରୀକ୍ଷା କରାଇବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଛନ୍ତି।

ଶ୍ରୀ ସାହୁ କହିଥିଲେ ଯେ ରାଜ୍ୟରେ ବିଜେପି କ୍ଷମତାସୀନ ହେବାର ୧୮ ମାସରେ ଅଠରରୁ ଊର୍ଦ୍ଧ୍ୱ ପରୀକ୍ଷା ବାତିଲ ହୋଇଛି, ଯାହା ରାଜ୍ୟ ସରକାରଙ୍କ ବିଫଳତା ଓ ଅପାରଗତାକୁ ପଦାରେ ପକାଉଛି । ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ରାଜ୍ୟ ବିଜେପି ସରକାର ଏକ ନୂତନ କୀର୍ତ୍ତିମାନ ସ୍ଥାପିତ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟ ସରକାରଙ୍କ ଏହି ୧୮ ମାସ କେବଳ ପ୍ରଚାର




ସର୍ବସ୍ୱ ହୋଇଛି। ରାଜ୍ୟର ଯୁବବର୍ଗ ଚାକିରିଟିଏ ହାସଲ କରିବା ଲକ୍ଷ୍ୟରେ ଅକ୍ଳାନ୍ତ ପରିଶ୍ରମ କରି ପରୀକ୍ଷା ହଲରେ ପହଁଚିଲା ବେଳକୁ ପରୀକ୍ଷା ବାତିଲ ହୋଇଯାଉଛି। ମାତ୍ର ସରକାର ନିଜ ପ୍ରଚାର ଏବଂ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ ଅଛନ୍ତି। ପରୀକ୍ଷା ବିଭ୍ରାଟକୁ ରୋକିବା ପାଇଁ ସରକାର ଗୋଟିଏ ଆଇନ ଆଣିଥିଲେ । ଏହି ଆଇନ କେଉଁଠି ଅଛି, ତାର ସ୍ଥିତି କଣ କେହି

- ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ
- ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ ସରକାର ଆଣିଥିବା ଆଇନ ଶୀତଳ ଭଣ୍ଡାରରେ

ଜାଣି ନାହାନ୍ତି । ବାରମ୍ବାର ପରୀକ୍ଷା ବାତିଲ ହେବା ଦ୍ୱାରା ରାଜ୍ୟର ଯୁବବର୍ଗ ଏ ସରକାରକୁ ଆଗାମୀ ଦିନରେ ଉଚିତ ଜବାବ ଦେବେ। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ବିଜେପିର ବରିଷ୍ଠ ନେତା ମାନେ ଓଡ଼ିଶାକୁ ୟୁପି ମଡେଲ କରିବାକୁ ଚାହୁଁଛନ୍ତି। ମାତ୍ର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଓଡ଼ିଶା ଏବେ ବିହାରକୁ ଟପିବାକୁ ବସିଲାଣି । ବିଜେପି ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିବ ବୋଲି କହିଥିଲା । ଓଡ଼ିଶା କେଉଁଥିରେ ଏକ ନମ୍ବର ସ୍ଥାନ ହାସଲ କରୁ କି ନକରୁ, ବିଜେପି ସରକାରଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରଘଟ କ୍ଷେତ୍ରରେ ନିଶ୍ଚିତ ଭାବେ ଏକ ନମ୍ବର ସ୍ଥାନ ହାସଲ କରିବ । ରାଜ୍ୟର ଯୁବ ଛାତ୍ର ବର୍ଗଙ୍କୁ ବାରମ୍ବାର ହତାଶ କରୁଥିବା ଏହି ସରକାରଙ୍କୁ ରାଜ୍ୟର ଯୁବ ବର୍ଗ ବରଦାସ୍ତ କରିବେ ନାହିଁ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟର ଯୁବ ବର୍ଗଙ୍କ ସ୍ୱର ହେବ ଓ ଅତି ଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିମାନ ଭଡ଼ା...

ସରକାର ଧାର୍ଯ୍ୟ କରିଥିବା ନୂଆ ଭଡ଼ା ଅନୁଯାୟୀ, ଏବେ ୫୦୦ କିମି ପର୍ଯ୍ୟନ୍ତ ଯାତ୍ରା ଲାଗି ସର୍ବାଧିକ ୭୫୦୦ ଟଙ୍କା, ୫୦୦ରୁ ୧୦୦୦ କିମି ପାଇଁ ୧୨୦୦୦ ଟଙ୍କା, ୧୦୦୦-୧୫୦୦ କିମି ପର୍ଯ୍ୟନ୍ତ ୧୫୦୦୦ ଟଙ୍କା ଏବଂ ୧୫୦୦ କିମିରୁ ଅଧିକ ଯାତ୍ରା ପାଇଁ ସର୍ବାଧିକ ୧୮ ହଜାର ଟଙ୍କା ଭଡ଼ା ରଖାଯାଇଛି। ତେବେ ଏଥିରେ 'ବିଜ୍‌ନେସ କ୍ଲାସ' ଏବଂ 'ଉଡ଼ାନ' ବିମାନ ସାମିଲ ନାହିଁ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିବ। ଟିକଟ ମୂଲ୍ୟରେ ଅନିୟମିତତା ରୋକିବା, ବଜାର ମୂଲ୍ୟରେ ସ୍ଥିରତା ଏବଂ ସଙ୍କଟରେ ଫସିଥିବା ଯାତ୍ରୀଙ୍କୁ ଶୋଷଣରୁ ମୁକ୍ତିଦେବା ଲାଗି ଏହି ପଦକ୍ଷେପ ନିଆଯାଇଛି। ଏହି ନୂଆ ଭଡ଼ା ଅନ୍‌ଲାଇନ ଏବଂ ଅଫ୍‌ଲାଇନ ଉଭୟ ପ୍ଲାଟଫର୍ମ ପାଇଁ ଧାର୍ଯ୍ୟ ହୋଇଛି। ନିୟମ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାର ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଇଣ୍ଡିଗୋ ଭାରତରେ ଦିନକୁ ପ୍ରାୟ ୨୨୦୦ ବିମାନ ଉଡ଼ାଣ କରିଥାଏ। ତେବେ ଗତ ୫ ଦିନ ହେଲା ଦିନକୁ ପ୍ରାୟ ହଜାରେ ବିମାନ ବାତିଲ କରିଦିଆଯାଉଛି। ଏଥିଯୋଗୁଁ ବିମାନ ଟିକଟ ମୂଲ୍ୟ ୧୦ ଗୁଣ ବୃଦ୍ଧି ପାଇଛି। ଆଜି ଦିଲ୍ଲୀରୁ ବେଙ୍ଗାଲୁରୁର ସବୁଠାରୁ ଶସ୍ତା ବିମାନର ଭଡ଼ା ୪୦ ହଜାର ଟଙ୍କାରୁ ଅଧିକ ଥିଲା। ଆଉ କିଛି କମ୍ପାନୀ ଏଥିପାଇଁ ୮୦ ହଜାର ଟଙ୍କା ନେଉଥିଲେ। ସେହିପରି ଦିଲ୍ଲୀ-ମୁମ୍ବାଇ ବିମାନର ସର୍ବନିମ୍ନ ଭଡ଼ା ୩୬, ୧୦୭ ଟଙ୍କା ରହିଥିବାବେଳେ ସର୍ବାଧିକ ୫୬ ହଜାର ଟଙ୍କା ରହିଛି। ଏହା ବ୍ୟତୀତ ଦିଲ୍ଲୀ-ଚେନ୍ନାଇ ବିମାନ ଭଡ଼ା ୬୨ ହଜାର ଟଙ୍କାରୁ ୮୨ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ପାଇଲଟ ଏବଂ କ୍ରୁ ସଦସ୍ୟଙ୍କ ଅଭାବ ଜନିତ ସମସ୍ୟାରେ ପୀଡ଼ିତ ଇଣ୍ଡିଗୋ ମାର୍କେଟ ସେୟାର ଭାରତରେ ୬୪.୨ ପ୍ରତିଶତ ରହିଛି। ସେହିପରି ଏୟାର ଇଣ୍ଡିଆର ୧୩.୬ ପ୍ରତିଶତ, ଏୟାର ଇଣ୍ଡିଆ ଏକ୍ସପ୍ରେସର ୬.୩ ପ୍ରତିଶତ, ଆକାଶ ଏୟାରର ୫ ପ୍ରତିଶତ, ସ୍ପାଇସଜେଟ୍‌ର ୨ ପ୍ରତିଶତ ରହିଛି।

### କାହିଁକି ସଙ୍କଟ...

ପଦାରେ ପଡ଼ି ଯାଇଥିଲା। ଇଣ୍ଡିଗୋ ପାଇଲଟଙ୍କ ସଂଖ୍ୟା ମଧ୍ୟ ବଢ଼ାଇ ନ ଥିଲା। ସରକାର ନିୟମ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ପ୍ରତି ସେତେ ଧ୍ୟାନ ଦେଇ ନ ଥିଲେ। ଫଳରେ ଅବ୍ୟବସ୍ଥା ସୃଷ୍ଟି ହୋଇଥିଲା। ଏଥିପାଇଁ ଯାତ୍ରୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା।

ବିମାନ ସୁରକ୍ଷା ପାଇଁ ଅଣାଯାଇଥିବା ଏହି ନିୟମ ପ୍ରଥମେ ୨୦୨୪ ଜୁନ୍‌ରେ ଲାଗୁ ହେବାର ଥିଲା। କିନ୍ତୁ ସେତେବେଳେ ଇଣ୍ଡିଗୋ ଏବଂ ଅନ୍ୟ ଏୟାରଲାଇନ୍ସଙ୍କ ବିରୋଧ ଯୋଗୁଁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ନୂଆ ନିୟମ ପାଇଁ ଅଧିକ କ୍ରୁ ସଦସ୍ୟଙ୍କ ଆବଶ୍ୟକତା ପଡ଼ିବ ବୋଲି କୁହାଯାଇଥିଲା। ତେଣୁ ଏହାକୁ ପର୍ଯ୍ୟାୟକ୍ରମେ ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଡିଜିସିଏ ଚଳିତ ବର୍ଷ ଜୁଲାଇ ୧ରୁ ନଭେମ୍ବର ୧ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହି ନିୟମ ଲାଗୁ କରିଥିଲା। ବିନା କୌଣସି ସମସ୍ୟାରେ ଇଣ୍ଡିଗୋ ପ୍ରଥମ ପର୍ଯ୍ୟାୟ ନିୟମ ଲାଗୁ କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଗଭୀର ପ୍ରଭାବିତ ହୋଇଥିଲା। 'ରେଡ୍ ଆଇ' ଉଡ଼ାଣରେ କ୍ରୁ ବ୍ୟବହାର ସ୍ତର ମଧ୍ୟ ହ୍ରାସ କରାଯାଇଥିଲା। ଗତ ୧ ତାରିଖରେ ନୂଆ ନିୟମ ଲାଗୁ ହୋଇଥିଲା। ଏହିଠାରୁ ହିଁ ଆରମ୍ଭ ହୋଇଥିଲା ସମସ୍ୟା। ୨ ତାରିଖରେ ଯୋଜନାର ଅଭାବ ସାରା ନେଟୱର୍କ ଉପରେ ପଡ଼ିଥିଲା। କର୍ମଚାରୀ ଅଭାବରୁ ଅନେକ ଉଡ଼ାଣ ବାତିଲ କରିଦିଆଯାଇଥିଲା। ୩-୪ ତାରିଖରେ ସମସ୍ୟା ବଡ଼ ସଙ୍କଟରେ ପରିଣତ ହୋଇଥିଲା। ପ୍ରମୁଖ ମେଟ୍ରୋ ସହରଗୁଡ଼ିକରେ ବିମାନ ଉଡ଼ାଣ ବାତିଲ କରିଦିଆଯାଇଥିଲା। ଯାତ୍ରୀଙ୍କୁ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ୫-୬ ତାରିଖରେ କେନ୍ଦ୍ର ସରକାର ନିୟମ ପାଳନରୁ ଇଣ୍ଡିଗୋକୁ ସାମୟିକ ଆଶ୍ୱସ୍ତି ଦେଇଥିଲେ। ଏହି ସହିତ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଟିକଟ ମୂଲ୍ୟ ଅହେତୁକ ବୃଦ୍ଧି ପାଉଥିବାରୁ କେନ୍ଦ୍ର ଏଥିରେ ଲଗାମ ଲଗାଇବା ପାଇଁ ଦର ଧାର୍ଯ୍ୟ କରିଛି।

### ପଞ୍ଚମ ଦିନରେ...

ଫେରୁଥିବା ଦେଖାଯାଉଛି। ଯୋଜନାବଦ୍ଧ ଭାବେ ଇଣ୍ଡିଗୋ ଏଭଳି କରୁଥିବା ଅଭିଯୋଗ ହେଉଛି। ୫ ମାସ ତଳେ ନୂଆ ନିୟମ ଲାଗୁ ନେଇ ସୂଚନା ଦିଆଯାଇଥିବାବେଳେ ଇଣ୍ଡିଗୋ କାହିଁକି କର୍ମଚାରୀଙ୍କ ସଂଖ୍ୟା ବଢ଼ାଇଲା ନାହିଁ ବୋଲି ଏବେ ପ୍ରଶ୍ନ ଉଠୁଛି। ନୂଆ ନିୟମକୁ ନେଇ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଭାରତୀୟ ବଜାରରେ ସିଂହଭାଗ ରଖିଥିବା ଏହି କମ୍ପାନୀ ଜାଣିଶୁଣି ଯାତ୍ରୀଙ୍କୁ ହଇରାଣ କରୁଥିବା କୁହାଯାଉଛି। ଏହି କମ୍ପାନୀର ମନମୁଖି କାର୍ଯ୍ୟକଳାପ ପାଇଁ ୧୦ ହଜାରରୁ ଅଧିକ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ୪ ଦିନରେ ୨ ହଜାରରୁ ଅଧିକ ବିମାନ ବାତିଲ କରିଦିଆଯାଇଥିବାବେଳେ ଦିନକୁ ୫୦୦ରୁ ଅଧିକ ଉଡ଼ାଣ ବିଳମ୍ବିତ ରହିଛି। ଏହି ମହାବିଭ୍ରାଟକୁ ନେଇ କେନ୍ଦ୍ର ସରକାର ଇଣ୍ଡିଗୋର ସିଇଓ ପିଟର ଏଲବର୍ସଙ୍କୁ ପଦରୁ ହଟାଇବା ପାଇଁ ଯୋଜନା କରୁଥିବା ସୂଚନା ମିଳୁଛି।

ଦୀର୍ଘ ମାସ ହେଲା ନୂଆ ନିୟମ ଲାଗୁ କରିବା ପାଇଁ ସୂଚନା ଦିଆଯାଇଥିଲେ ବି ଇଣ୍ଡିଗୋ କାହିଁକି ଏହାକୁ ପାଳନ କରିବାରେ ବିଫଳ ହେଲା ତାହା ଜାଣିବାକୁ ବି ଯାଞ୍ଚ ଜାରି ରହିଛି। ଅନ୍ୟ ବିମାନ କମ୍ପାନୀଗୁଡ଼ିକ ଠିକ୍‌ରେ ପରିଚାଳନା କରୁଥିବା ଇଣ୍ଡିଗୋ ଏଭଳି ବିଭ୍ରାଟ ପଛରେ କିଛି ନିହିତ ସ୍ୱାର୍ଥ ରହିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଇଣ୍ଡିଗୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ପ୍ରସ୍ତୁତି କରୁଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଶନିବାର ସନ୍ଧ୍ୟାରେ ଇଣ୍ଡିଗୋ ଅଧିକାରୀଙ୍କୁ ସମନ କରିଛି। ଭାରତୀୟ ବଜାରେ ଦୁଇ ତୃତୀୟାଂଶ ମାର୍କେଟ ସେୟାର ଥିବା ଏହି କମ୍ପାନୀ ଉପରେ ବିପୁଳ ଜୋରିମାନା ଲଗାଇବାକୁ ମଧ୍ୟ ବିଚାର କରାଯାଉଛି।

ଅନ୍ୟପକ୍ଷରେ ଯାତ୍ରୀଙ୍କ ସମସ୍ୟା କମ୍ ହେବାର ନା ଧରୁନି। ବିମାନବନ୍ଦରରେ ଯାତ୍ରୀଙ୍କ ଗହଳି ଲାଗି ରହିଛି। ଏଠାରେ ଚାପା ବିଶୃଙ୍ଖଳା ସୃଷ୍ଟି ହୋଇଛି। ଅନେକ ବିମାନବନ୍ଦରରେ ଯାତ୍ରୀ ହଙ୍ଗାମା କରିଛନ୍ତି। ବିମାନକୁ ଅପେକ୍ଷା କରି ରହିଥିବା ଲୋକେ ତଳେ ଶୋଇ ରାତି କାଟୁଛନ୍ତି। ବିମାନ ବାତିଲ ହୋଇଥିବାରୁ ବେଙ୍ଗାଲୁରୁ, କୋଲକାତା ବିମାନବନ୍ଦରରେ ଯାତ୍ରୀ କାନ୍ଦୁଥିବା ଦେଖାଯାଇଛି। ଅନ୍ୟ ଜଣେ ଯାତ୍ରୀଙ୍କ ସହ ଆସିଥିବା ବିଲେଇ ମଧ୍ୟ ଅପେକ୍ଷା କରି କରି ବିରକ୍ତି ହୋଇଯାଇଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ସେହିପରି ଲକ୍ଷ୍ନୌ ବିମାନବନ୍ଦରରେ ଧାଡ଼ିରେ ଛିଡ଼ା ହେବାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ବିବାଦ ହୋଇଛି। ଅହମଦାବାଦ ବିମାନବନ୍ଦରରେ ସକାଳ ୬ଟା ସୁଦ୍ଧା ୧୯ଟି ବିମାନ ବାତିଲ ହୋଇଥିବାରୁ ଲୋକେ ଧାଡ଼ିରେ ଛିଡ଼ା ହୋଇ ଚିଡ଼ଚିଡ଼ା ହୋଇଥିବା ଦେଖାଯାଉଛି। ବିକଳ୍ପ ବିମାନ ମିଳୁ ନ ଥିବାରୁ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

### ବାରମ୍ବାର ପରୀକ୍ଷା...

ଅଦାଲତ ବାତିଲ କରିଦେଇଛନ୍ତି। ତେଣୁ ରାଜ୍ୟରେ ଏପରି ବାରମ୍ବାର ପରୀକ୍ଷା ବିଭ୍ରାଟ ଓ ଅନିୟମିତତାକୁ ନେଇ ନବୀନ ଗଭୀର କ୍ଷୋଭ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି ଯେ ପିଲାଙ୍କ ସ୍ୱପ୍ନ କେତେ ଆଉ ଭାଙ୍ଗିବ, କେତେ ଆଉ ପିଲାଙ୍କ ଭବିଷ୍ୟତ ସହ ଖେଳାଯିବ? ପରୀକ୍ଷା ପରେ ପରୀକ୍ଷା ବାତିଲ ହେବା, ସ୍ଥଗିତ ହେବା ବିଜେପି ସରକାରର ଅପାରଗତାକୁ ଦର୍ଶାଉଛି। ୧୮ ମାସର ସରକାରରେ ପାଖାପାଖି ୧୮ ଟି ନିଯୁକ୍ତି ପରୀକ୍ଷା ବାତିଲ ହେଲାଣି। ଏଥିରୁ ସରକାର କ'ଣ ଦର୍ଶାଇବାକୁ ଚାହୁଁଛନ୍ତି। ରାଜ୍ୟର ପିଲାମାନଙ୍କ ଆଶା ଓ ସ୍ୱପ୍ନ କ'ଣ ଏପରି ଧୂଳିସାତ୍ ହେଉଥିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ତେଣୁ ସରକାର ଏଥିପ୍ରତି ସଜାଗ ହୁଅନ୍ତୁ, ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ପରୀକ୍ଷା ଯେପରି ନିୟମିତ ଏବଂ ସ୍ୱଚ୍ଛତାର ସହ ହେବ, ତାହା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଆହ୍ୱାନ ଦେଇଛନ୍ତି।

### ଓଡ଼ିଶା ହେବ...

ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଯୋଗଦେଇ ନବୀକରଣୀୟ ଶକ୍ତିରେ ଓଡ଼ିଶାର ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ରାଜ୍ୟ ପାଇଁ ଦେଢ଼ଲକ୍ଷ ସୂର୍ଯ୍ୟଘର ଅନୁମୋଦନ ଘୋଷଣା କରିଥିଲେ। ଏହାଦ୍ୱାରା ରାଜ୍ୟର ୭/୮ ଲକ୍ଷ ଲୋକ ଉପକୃତ ହେବେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୨୦୧୪ରେ ୨.୮ ଗିଗାୱାଟରୁ ବର୍ତ୍ତମାନ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି। ଓଡ଼ିଶାକୁ ଅକ୍ଷୟ ଶକ୍ତିର ହବ୍ ପାଇଁ ଖସଡ଼ା ପ୍ରସ୍ତୁତ ହୋଇଛି। ସୋଲାର୍ ପ୍ୟାନେଲ ଲଗାଇ ଶକ୍ତି ଉତ୍ପାଦନ କିଭଳି ହେବ, ତାହା ଯୋଜନା କରାଯାଇଛି। ଗ୍ରୀନ୍-ଏନର୍ଜି ଉତ୍ପାଦନରେ ତାମିଲନାଡୁ ଓ ଗୁଜୁରାଟ ପରେ ତୃତୀୟ ସ୍ଥାନରେ ରହିବ ଓଡ଼ିଶା। ଏଠାରେ ବିସ୍ତୀର୍ଣ୍ଣ ବେଳାଭୂମି ଥିବାରୁ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ହୋଇପାରିବ। ଗୋପାଳପୁର ଓ ପାରାଦୀପ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନର ହବ୍ ହେବ ବୋଲି କହିଥିଲେ।

ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି କହିଥିଲେ, ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି, ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ। ଏହା ହିଁ ଜିଇଏଲ୍‌ଏସ୍‌ର ଉଦ୍ଦେଶ୍ୟ।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେଯେ ୨୦୩୦ସୁଦ୍ଧା ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ। ଏହି ଅବସରରେ ଦିଲ୍ଲୀର ଶକ୍ତି ମନ୍ତ୍ରୀ ଆଶିଷ ସୁଦ, ରାଜସ୍ଥାନର ଶକ୍ତିମନ୍ତ୍ରୀ ହୀରାଲାଲ ନାଗର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଅରେ ନୋଏଲ, ଆଇଆଇଟି କାନପୁରର ସେଣ୍ଟର ଫର ଏନର୍ଜି ରେଗୁଲେସନ୍ ଆଣ୍ଡ ଏନର୍ଜି ଆନାଲିଟିକ୍ସ ଲ୍ୟାବର ମୁଖ୍ୟ ପ୍ରଫେସର ଅନୁପ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ।

### ବିସ୍ଫୋରକ ରୂପ ନେବ...

ଆଡୁ ସରକାର ଏହାକୁ ଠିକ୍ ନ କରନ୍ତି, ହଜାରହଜାର ସ୍ଥାନରେ ଚାଷୀ ରାସ୍ତାକୁ ଓହ୍ଲାଇବ। କୃଷକ ନେତୃମଣ୍ଡଳୀ ହାତରେ ଏହି ଅରାଜକତାର କୌଣସି ନିୟନ୍ତ୍ରଣ ରହିବ ନାହିଁ। ସେତେବେଳେ ଚାଷୀ ଆଉ କାହାକୁ ନେତା ବୋଲି ମାନିବେ ନାହିଁ ବୋଲି ସେ ଚେତାଇ ଦେଇଛନ୍ତି। ସମିତିର ପ୍ରବକ୍ତା ସରୋଜ ମହାନ୍ତି କହିଛନ୍ତି ଯେ ଆଜି ଯେଉଁ ସ୍ଥିତି ଉପୁନ୍ନ ହୋଇଛି ସେଥିପାଇଁ ସରକାର ଦାୟୀ। ରାଜନୈତିକ ଇଚ୍ଛାଶକ୍ତି ବିହୀନ ନୂଆ ସରକାର ମଣ୍ଡି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ବଦଳରେ ବ୍ୟବସ୍ଥିତ ଭାବେ ଉଜାଡ଼ି ଦେବାକୁ ବସିଛନ୍ତି। ସରକାର ଇନପୁଟ୍ ସବସିଡି ସିନା ଦେଲେ; କିନ୍ତୁ ଦୋଷତ୍ରୁଟିରେ ପରିବର୍ତ୍ତନ ଆଣିଲେ ନାହିଁ। ଓଲଟା ପ୍ରଥମଥର ଲାଗି ମିଲ୍ ମାଲିକଙ୍କ ସାମ୍ନାରେ ଆତ୍ମସମର୍ପଣ କଲେ।

ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ, ବରଗଡ଼ ଜୟ କିଷାନ ଆନ୍ଦୋଳନର ସଭାପତି ସୁଶୀଲ, ସମ୍ପାଦକ ହର ବଣିଆ, ଝାରସୁଗୁଡ଼ା ଜିଲ୍ଲା କୃଷକ ସଙ୍ଗଠନର ଦିଲ୍ଲୀପ ବଡ଼େଇ, ସମ୍ବଲପୁର ଜିଲ୍ଲା କୃଷକ ସଙ୍ଗଠନର ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଉପରେ ବର୍ଷିଥିଲେ।

ଉଲ୍ଲେଖଯୋଗ୍ୟ, ସରକାରୀ ଭାବେ ସମ୍ବଲପୁର ଜିଲ୍ଲାରେ ୪୯,୩୦୦ ଟୋକନ ଆସିଥିବା କୁହାଯାଉଛି। ହେଲେ ପ୍ରାୟ ୧୯ ହଜାର ଚାଷୀଙ୍କ ଟୋକନ ବାକି ଅଛି। ବରଗଡ଼ ଜିଲ୍ଲାରେ ଗତବର୍ଷ ୧,୫୫,୬୧୭ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଏଥର ୧,୬୩,୭୨୮ ପଞ୍ଜିକରଣ ହୋଇଛି। ୭୩,୦୦୦ ଟୋକନ ଆସିଛି। ୯୧ହଜାର ବାକି ଅଛି। ଅନେକାଂଶରେ ସିଙ୍ଗଲ ଟୋକନ୍ ଆସିଛି। ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟର ଟୋକନ ଆସିନାହିଁ। କଳାହାଣ୍ଡି ଜିଲ୍ଲାରେ ଗତବର୍ଷ ୧,୨୬,୦୦୦ ଟୋକନ୍ ଆସିଥିବା ବେଳେ ଚଳିତବର୍ଷ ୮୮ ହଜାର ଟୋକନ ଜେନେରେଟ୍ କରାଯାଇଛି ବୋଲି କୁହାଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ଚାଷୀ ପାଇ ନ ଥିବା ଅଭିଯୋଗ ହେଉଛି।

### ନିଜକୁ ଜାଳିଦେଲେ...

ପରିବାରଲୋକଙ୍କ କହିବା କଥା, ଗତକାଲି ସେ ରାତି ୯ଟା ପର୍ଯ୍ୟନ୍ତ ଘରେ ପଢୁଥିଲେ। ପରେ ଖାଇପିଇ ଶୋଇବାକୁ ଯାଇଥିଲେ। ତାଙ୍କ ଚାଲିଚଳଣରେ କୌଣସି ଅସ୍ୱାଭାବିକତା ନଥିଲା। ତେବେ ରାତି ପ୍ରାୟ ୨ଟା ବେଳେ ହଠାତ୍ ନାବାଳିକାଜଣଙ୍କ ଚିତ୍କାର କରିଥିଲେ। ପରିବାରଲୋକ ତାଙ୍କ ଶୋଇବା ଘରକୁ ଯାଇ ଦେଖିବା ବେଳକୁ ସେ ହୁତୁହୁତୁ ହୋଇ ଜଳୁଥିଲେ। ପରିବାରଲୋକେ ନିଆଁକୁ ଲିଭାଇବା ସହ ତାକୁ ଚିକିତ୍ସା ପାଇଁ ରାଉରକେଲା ଆଇଜିଏଚ୍‌ରେ ଭର୍ତ୍ତି କରାଇଥିଲେ। ତେବେ ତାକୁ ଜଳେଇ ମାରିଦେବେ ବୋଲି ଜଣେ କିଏ ତାଙ୍କ ଝିଅକୁ ଫୋନରେ ଧମକ ଦେଇଥିଲେ ବୋଲି ପରିବାରଲୋକେ ଅଭିଯୋଗ କରିଛନ୍ତି। ରାଜଗାଙ୍ଗପୁର ଥାନା ପୁଲିସ ଏହି ଘଟଣା ପରେ ଜଣେ ବସ୍ ଖଲାସିକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି।

### ଖସୁଛି ପାରଦ...

ଝାରସୁଗୁଡ଼ାରେ ୮.୬, ଚିପିଲିମାରେ ୯.୫, ଫୁଲବାଣୀରେ ୮.୫ ଓ ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଶୀତ ସହ ରାଜ୍ୟର କିଛି ସ୍ଥାନରେ କ୍ରମାଗତ ଭାବେ କୁହୁଡ଼ି ମଧ୍ୟ ଲାଗି ରହିଛି। ଏହି ସ୍ଥିତି ଆହୁରି ଦୁଇ ଦିନ ଜାରି ରହିବାକୁ ପାଣିପାଗ କେନ୍ଦ୍ର କହିଛି। ଏହି କ୍ରମରେ ରବିବାର ରାତିରୁ ସୋମବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଆଦିରେ ଘନ କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

### ଆରମ୍ଭ ହେବ...

ଏବଂ ଓଡ଼ିଶା ଜୁଡିସିଆଲ୍ ସର୍ଭିସ ରୁଲ୍ସ-୨୦୦୭ ରେ ସାମୟିକ ସଂଶୋଧନ କରାଯାଇଛି। ଏହି ପରିବର୍ତ୍ତନଗୁଡ଼ିକ ମଧ୍ୟରେ ନିଯୁକ୍ତି ବର୍ଷ ପ୍ରଚଳନ, ସଂଶୋଧିତ ଜିଲ୍ଲା ଜଜ୍ ନିଯୁକ୍ତିରେ ଅନୁପାତ, ସିଭିଲ୍ ଜଜ୍ (ବରିଷ୍ଠ ବିଭାଗ) ପାଇଁ ପଦନ୍ନୋତି ଏବଂ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ) ପଦ ପାଇଁ ତିନି ବର୍ଷ ଅଭ୍ୟାସ ସହିତ ସିଧାସଳଖ ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ଏଥିସହିତ ପାଠ୍ୟକ୍ରମ, ପରୀକ୍ଷା, ତାଲିମ ଏବଂ ବରିଷ୍ଠତା ପ୍ରକ୍ରିୟାକୁ ମଧ୍ୟ ସୁଗମ କରାଯାଇଛି। ସେହିପରି ଉଚ୍ଚଶିକ୍ଷା ବିଭାଗରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟକ୍ଷ ଶିକ୍ଷକ ନିଯୁକ୍ତି ସମୟରେ ଏକ ପ୍ରକାରର ସଂରକ୍ଷଣ ପଦ୍ଧତିକୁ ଅନୁସରଣ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏଥିରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଏକକ ଭାବରେ ବିଚାର କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ବର୍ତ୍ତମାନ ଚାଲୁଥିବା ବିଭାଗଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ପରିବର୍ତ୍ତନ କରିବ। ଏହି ପ୍ରସ୍ତାବ ଫଳ ସ୍ୱରୂପ ଏସ୍‌ସି, ଏସ୍‌ଟି, ଏସ୍‌ଇବିସି ଓ ଅନ୍ୟାନ୍ୟ ଯୋଗ୍ୟ ବର୍ଗମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇବ ବୋଲି ସରକାର ଆଶା ରଖିଛନ୍ତି।

ସେହିପରି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ବର୍ଦ୍ଧିତ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ବିଦ୍ୟମାନ ଓଡ଼ିଶା ମତ୍ସ୍ୟ ସେବା (ଓଏଫ୍‌ଏସ୍) କ୍ୟାଡର୍‌ର ପୁନର୍ଗଠନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବ ସମସ୍ତ ବରିଷ୍ଠ ସ୍ତରରେ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ପଦ ସଂଖ୍ୟା ବୃଦ୍ଧି କରିଛି। ସେହିପରି ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି-୨୦୨୫କୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି।

# ଆଇଏଫ୍ଏଫ୍ଆଇ ଫ୍ୟାଶନ୍ ଶୋ'ରେ ଦୀପ୍ତିରେଖା



ଗୋଆରେ ଆୟୋଜିତ ୫୬ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ)ରେ ପ୍ରଖ୍ୟାତ ଓଡ଼ିଆ କଣ୍ଠଶିଳ୍ପୀ ଏବଂ ଅଭିନେତ୍ରୀ ଦୀପ୍ତିରେଖା ପାଢ଼ୀ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସ୍ୱତନ୍ତ୍ର ଅତିଥି ଭାବରେ ନିମନ୍ତ୍ରିତ ହୋଇ ସେ ଆଇଏଫ୍ଏଫ୍ଆଇର ପ୍ରଥମ ରେଡ୍ କାର୍ପେଟ୍ ଫ୍ୟାଶନ୍ ଶୋ 'ହ୍ୟାଣ୍ଡଲୁମ୍ ଶାଢ଼ି ଇନ୍ ମୋସନ୍: ୭୦ଏମ୍ଏମ୍ ଅନ ରନ୍ୱେ' ପାଇଁ ଶୋ' ଷ୍ଟପର୍ ଭାବରେ ଦର୍ଶକଙ୍କୁ ଚମକାଇ ଥିଲେ। ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟର ହସ୍ତତନ୍ତ ବିକାଶ କମିଶନରଙ୍କ ଦ୍ୱାରା ଉପସ୍ଥାପିତ ଏବଂ ଶିଖା କାରିଗରୀ ଦ୍ୱାରା ସଂଯୋଜିତ ଏହି ପ୍ରଦର୍ଶନୀ ଏକ ପ୍ରତୀକାତ୍ମକ ପଦାର୍ପଣରେ ଭାରତର ହସ୍ତତନ୍ତ ଐତିହ୍ୟକୁ ପାଳନ କରିଥିଲା। ଦୀପ୍ତିରେଖା ଓଡ଼ିଶାର ବାଲିଯାତ୍ରା ମହୋତ୍ସବ ଦ୍ୱାରା ଅନୁପ୍ରାଣିତ ଏକ ଚମତ୍କାର ହସ୍ତତନ୍ତ ଶାଢ଼ି ପିନ୍ଧି ରନୱେରେ ଚାଲିଥିଲେ, ଯେଉଁଥିରେ ବୋଇତ ବନ୍ଦାଣ, ପ୍ରାଚୀନ ସାମୁଦ୍ରିକ ଐତିହ୍ୟ ଏବଂ ବାଣିଜ୍ୟ ଯାତ୍ରାର ଆତ୍ମାକୁ ଚିତ୍ରଣ କରାଯାଇଥିଲା। ଦୀପ୍ତିରେଖାଙ୍କ ଏହି ଉପସ୍ଥିତି କେବଳ ସୌନ୍ଦର୍ଯ୍ୟ ଏବଂ ଗାରିମା ପ୍ରତିଷ୍ଠା କରିନଥିଲା, ବରଂ ୮୧ଟି ଦେଶର ବିଶ୍ୱ ପ୍ରତିନିଧି, ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଏବଂ ଏନ୍ଏଫ୍ଡିସି ଏମ୍ଡି ପ୍ରକାଶ ମାଗଦୁମଙ୍କ ସମେତ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସମ୍ମୁଖରେ ଓଡ଼ିଶାର ସାଂସ୍କୃତିକ ଗୌରବକୁ ନେଇ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଶୋ'କୁ ଆନ୍ତର୍ଜାତୀୟ ଫ୍ୟାଶନ୍ ନିର୍ଦ୍ଦେଶକ ଆଲେସିଆ ରାଉତ ନିର୍ଦ୍ଦେଶନା କରିଥିଲେ।



# ଚର୍ଚ୍ଚାରେ ରଶ୍ମିକା-ବିଜୟଙ୍କ ବାହାଘର

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ବିଶେଷକରି ବିଜୟ ଦେବରକୋଣ୍ଡାଙ୍କ ସହିତ ତାଙ୍କ ବାହାଘର ଉପରେ ସମସ୍ତଙ୍କ ନଜର ରହିଛି। ଏହାରି ଭିତରେ ଦୁହିଁଙ୍କ ବାହାଘର ୨୦୨୬ ମସିହା ଫେବୃଆରୀରେ ହେବା ଅନୁମାନ କରାଯାଉଛି। ହେଲେ ଏବେ ଏହାକୁ ନେଇ ମୁହଁ ଖୋଲିଛନ୍ତି ରଶ୍ମିକା। ବିଜୟଙ୍କ ସହିତ ତାଙ୍କ ବାହାଘର ଉପରେ କ'ଣ କହିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରାଯାଇଥିଲା। ତେବେ ସେ ବିବାହ କରିବା କିମ୍ବା ଏହାକୁ ଖଣ୍ଡନ କରିବା ଉପରେ କିଛି କହିଲେ ନାହିଁ। ଏହି କଥା ଉପରେ ଆଲୋଚନା କରିବାର ସମୟ ଆସିଲେ, କହିବେ ବୋଲି ରଶ୍ମିକା କହିଛନ୍ତି। ଏହାବାଦ୍ ସେ ତାଙ୍କ ପ୍ରଶଂସକଙ୍କ ଓ ମିଡିଆ ସାମ୍ନାରେ କିଛି ବି କହିବା ପୂର୍ବରୁ ସମୟ ନେବା ଚାହିଁଛନ୍ତି। ତାଙ୍କର ଏହି ପ୍ରତିକ୍ରିୟା ପରେ ଦୁହିଁଙ୍କ ବିବାହକୁ ନେଇ ଆହୁରି ଅଧିକ ଚର୍ଚ୍ଚା ହେଉଛି। ସେହିପରି ଦାବି କରାଯାଉଛି ଯେ, ଦୁହେଁ ଫେବୃଆରୀ ମାସରେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ସେମାନଙ୍କ ବାହାଘର ଉଦୟପୁରରେ ହେବ। ଅନ୍ୟପଟେ ଅକ୍ଟୋବରରେ ଦୁହିଁଙ୍କ ନିର୍ବନ୍ଧ ମଧ୍ୟ ଚର୍ଚ୍ଚାରେ ଥିଲା। ଅବଶ୍ୟ ଦୁହିଁଙ୍କ ମଧ୍ୟରୁ କେହି ଜଣେ ବି ଏହି କଥାକୁ ସ୍ୱୀକାର କିମ୍ବା ଖଣ୍ଡନ କରି ନାହାନ୍ତି।



# ଅଭିନୟ ଓ ନିର୍ଦ୍ଦେଶନାର ନୂଆ ଚେହେରା ଶିବାଂଶ

ଓଡ଼ିଆ ସିନେମା ଜଗତରେ ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ଏକ ନୂଆ ଚେହେରା ଶିବାଂଶ। ଗୁରୁ ଅଜିତ ଦାସଙ୍କ ନାଟ୍ୟାନୁଷ୍ଠାନରୁ ସେ ନାଟକରେ ଅଭିନୟ କରିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଶିବାଂଶ 'ଟୁପୁର୍ ଟାପୁର୍', 'ନେଇଯାରେ ମେଘ ମୋତେ', 'ଜୀବନ ସାଥି' ଆଦି ଧାରାବାହିକରେ ଚମତ୍କାର ଅଭିନୟ କରିଛନ୍ତି। ୨୦ ରୁ ଅଧିକ ମ୍ୟୁଜିକ୍ ଭିଡିଓ ଏବଂ 'ମୁଖାଗ୍ନି' ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଛନ୍ତି। ବର୍ତ୍ତମାନ ସେ ପାଦ ଦେଇଛନ୍ତି ନିର୍ଦ୍ଦେଶନା କ୍ଷେତ୍ରରେ। ସେ ମୁମ୍ବାଇରୁ ସହ ନିର୍ଦ୍ଦେଶନାରେ କ୍ୟାରିୟର ଆରମ୍ଭ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା 'ସାମର୍ଥ୍ୟ'ରେ 'ରିତୁପ୍ରିୟା ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ଏଆଇ ଟେକ୍ନୋଲୋଜି ଆଧାରିତ ସିନେମା 'ଆରମ୍ଭ' ଶ୍ରେଷ୍ଠ କାହାଣୀର ସ୍ଥାନ ଅଧିକାର କରିଥିଲା। ସେହିପରି ଜାତୀୟସ୍ତରର କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାରେ ମଧ୍ୟ ତାଙ୍କ ଅଭିନୀତ, କାହାଣୀ ଓ ନିର୍ଦ୍ଦେଶନାରେ ନିର୍ମିତ 'ଓଟୁ କଲାସ୍' ପ୍ରଶଂସିତ ହୋଇ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲା। ଆଗାମୀ ଦିନରେ ସେ ଏକ ଭିନ୍ନ ଧରଣର ସିନେମାରେ ନିର୍ଦ୍ଦେଶନା ଦେବା ସହିତ ଅଭିନୟ କରିବାକୁ ଯାଉଛନ୍ତି। ଏହା ଦର୍ଶକଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■




# 'ଛକିଶୂନ' ସିନେମାରେ କ୍ରିଷ୍ଟା

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଛକିଶୂନ'। ମାନସ ପଢ଼ିଆରୀଙ୍କ ନିର୍ଦ୍ଦେଶିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅନୁଭବ ମହାନ୍ତି ନଜର ଆସିବେ। ଆମର ମ୍ୟୁଜିକ୍ ଏବଂ ଟୁ ନାଇନ୍ ଫିଲ୍ମସ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ନବୀନ ଭଣ୍ଡାରୀ ଏବଂ ଜାଗୃତି ଏ.ମହାନ୍ତି। ତେବେ ଏବେ ଏହି ସିନେମାରେ ଏକ ବିଶେଷ ଭୂମିକାରେ କମେଡ଼ି କୁଇନ୍ କ୍ରିଷ୍ଟା ପ୍ରିୟଦର୍ଶନୀ ରାଉତଙ୍କୁ ଦେଖିବାକୁ ମିଳିବ। ଏହି କଥା ମାନସ ତାଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜଣାଇଛନ୍ତି। ନିଜ ସହ ସେ କ୍ରିଷ୍ଟାଙ୍କ ଫଟୋ ସେୟାର୍ କରିଥିବା ଦେଖିବାକୁ ମିଳିଛି। ତେବେ ବିଭିନ୍ନ ପ୍ରକାର କମେଡି ମାଧ୍ୟମରେ ଲୋକଙ୍କୁ ହସେଇ ହସେଇ ବେଦମ କରୁଥିବା କ୍ରିଷ୍ଟା ଏହି ସିନେମାରେ କିଭଳି ନଜର ଆସିବେ, ତାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ■

# ପରଦା ପଛର କାହାଣୀ

## ବାଘ ସହ ଅମିତାଭଙ୍କ ଲଢ଼େଇ

ବଲିଉଡ୍ ମହାନାୟକ ଅମିତାଭ୍ ବଚ୍ଚନ ଭାରତୀୟ ସିନେମା ଜଗତରେ ବ୍ଲାକ୍ ଆଣ୍ଡ ହ୍ୱାଇଟ୍‌ରୁ ନେଇ ଭିଏଫ୍ଏକ୍ସ, ସିଜିଆଇ ସମୟ ଦେଖିଛନ୍ତି। ଫିଲ୍ମ ଦୁନିଆରେ ଏବେ ଏଆଇର ପ୍ରବେଶକୁ ମଧ୍ୟ ଦେଖୁଛନ୍ତି। ଏକଦା ସମୟ ଥିଲା, ଯେଉଁଠି ସବୁ ଜିନିଷକୁ ବିନା ଏଡିଟିଂରେ ସତସତିକା କରିବାକୁ ପଡୁଥିଲା। ଷ୍ଟଣ୍ଟ ହେଉ ଅବା ଫାଇଟ୍ ସିନ୍ ଅନେକ ଦୃଶ୍ୟ ଅମିତାଭ ବଚ୍ଚନ ବାସ୍ତବରେ ସୁଟ୍ କରିଛନ୍ତି। ଏହାରି ମଧ୍ୟରେ ଶରୀରରେ କେବେ ଗଭୀର ଆଘାତ ଲାଗିଛି ତ ପୁଣି କେତେବେଳେ ମରଣ ମୁହଁରୁ ବଞ୍ଚିଛନ୍ତି। ଏମିତି ଏକ ଦୃଶ୍ୟ ଅମିତାଭ ବଚ୍ଚନଙ୍କ ଫିଲ୍ମ 'ଖୁନ୍ ପସିନା'ରେ ଥିଲା। ଏହି ଫିଲ୍ମରେ ବାଘ ସହିତ ଅମିତାଭ ଲଢ଼େଇ କରୁଥିବାର ଏକ ଦୃଶ୍ୟ ଥିଲା। ଅମିତାଭ ବଚ୍ଚନ ଏକ ସାକ୍ଷାତକାରରେ ନିଜେ ଏକଥା କହିଛନ୍ତି। ତାଙ୍କୁ ଏଥିପାଇଁ ସେଟ୍‌ରେ ଏକ ସ୍ୱତନ୍ତ୍ର ଜ୍ୟାକେଟ୍ ପ୍ରଦାନ କରାଯାଇଥିଲା। କିନ୍ତୁ ସେ ଜାଣି ନ ଥିଲେ, ଫିଲ୍ମମେକର୍ ସତସତିକା ବାଘ ସହ ଲଢ଼େଇ ପାଇଁ କହିବେ। କଥାଟି ଟିକିଏ ଅଦ୍ଭୁଆ ଲାଗୁଥିଲେ ମଧ୍ୟ ଘଟଣାଟି ସତ। ତେବେ ସେ ବିନା ଷ୍ଟଣ୍ଟମ୍ୟାନ୍, ବିନା ଭିଏଫ୍ଏକ୍ସରେ ବାଘ ସହିତ ଫାଇଟ୍ କରିଥିଲେ। ଏହା ତାଙ୍କ ପାଇଁ ଖୁବ୍ ଆହ୍ୱାନପୂର୍ଣ୍ଣ ଅନୁଭୂତି ଥିଲା, ଯାହାକୁ ସେ କେବେହେଲେ ଭୁଲି ନାହାନ୍ତି। ଏହି ଫିଲ୍ମ ବ୍ୟତୀତ ତାଙ୍କର ଆଉ ଏକ ଫିଲ୍ମ ରହିଛି, ଯେଉଁଥିରେ ସେ ସତସତିକା ବାଘ ସହ ଲଢ଼ିଥିଲେ। ଏହି ଫିଲ୍ମଟି ଥିଲା 'ମିଷ୍ଟର ନଟବରଲାଲ୍'। ଅମିତାଭ ବଚ୍ଚନ ନିଜ ଫିଲ୍ମ କ୍ୟାରିୟରରେ ଜୀବନକୁ ବାଜି ଲଗାଇ ଅନେକ ଦୁଃସାହସିକ କାର୍ଯ୍ୟ କରିଛନ୍ତି। ■



# 'ଭାଗ୍ୟରେଖା'ରେ ନୂଆ ମୋଡ଼



ଜୀ ସାର୍ଥକରେ ପ୍ରସାରିତ ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା' ଏବେ ୫୦୦ ଅଧ୍ୟାୟ ଅତିକ୍ରମ କରି ସାରିଛି। ଆଗକୁ ଏହି ଧାରାବାହିକର କାହାଣୀରେ ଆସିବ ରୋମାଞ୍ଚକର ମୋଡ଼। ସୌଭାଗ୍ୟ ଓ କାଜଲଙ୍କ ନିର୍ବନ୍ଧ ଦିନ ସୌଭାଗ୍ୟ ସ୍ମୃତିକୁ ଭୁଲ ବୁଝି ବହୁତ କିଛି କହି ଦେଇଛନ୍ତି, ଯାହାର ଫଳ ସ୍ୱରୂପ ସ୍ମୃତି ଘର ଛାଡ଼ି ଚାଲି ଯିବାର ନିଷ୍ପତ୍ତି ନେଇଛନ୍ତି। ସ୍ମୃତି ଘରୁ ବାହାରକୁ ଯିବା ପରେ, ଅମିତ ତାଙ୍କୁ ଅପହରଣ କରି ଏକ ମନ୍ଦିରରେ ବିବାହ କରିବାକୁ ବାଧ୍ୟ କରେ। ହେଲେ ଠିକ୍ ସମୟରେ ସୌଭାଗ୍ୟ ପହଞ୍ଚି ସ୍ମୃତିଙ୍କୁ ଉଦ୍ଧାର କରନ୍ତି ଓ ସେହି ସ୍ଥାନରୁ ଖସିଯିବା ସମୟରେ, ଦୁହେଁ ରାତିସାରା ଅନ୍ୟ ଏକ ମନ୍ଦିରରେ ଲୁଚି ରହନ୍ତି। ଭୋର ସମୟରେ ଗାଁ ଲୋକମାନେ ସେମାନଙ୍କୁ ପାଇଥାନ୍ତି ଏବଂ ସେମାନେ ଘରୁ ଲୁଚି ପଳାଇଯାଇଥିବା ଭାବି ମନ୍ଦିରର ସମ୍ମାନ ଓ ପବିତ୍ରତା ରକ୍ଷା ପାଇଁ ସେମାନଙ୍କୁ ସେହି ମନ୍ଦିରରେ ବିବାହ କରିବାକୁ ବାଧ୍ୟ କରନ୍ତି। ଗାଁ ଲୋକ ଧମକ ଦିଅନ୍ତି କି ଯଦି ସେମାନେ ଏବେ ବାହା ନ ହୁଅନ୍ତି, ତେବେ ସେମାନଙ୍କୁ ହତ୍ୟା କରାଯିବ। କୌଣସି ବିକଳ୍ପ ନ ପାଇ, ସେମାନେ ବାଧ୍ୟ ହୋଇ ବିବାହ କରନ୍ତି। ହେଲେ ସୁପରଷ୍ଟାର ସୌଭାଗ୍ୟ ଏବଂ ସରଳ ଗ୍ରାମୀଣ ଝିଅ ସ୍ମୃତି ଘରକୁ ଫେରିବେ ତ? ସୌଭାଗ୍ୟ କ'ଣ ସ୍ମୃତିକୁ ସ୍ତ୍ରୀ ରୂପେ ଗ୍ରହଣ କରିବେ? ସେମାନଙ୍କ ପରିବାର ସମାଜର ସାମ୍ନା କରିପାରିବେ ତ? ଏମିତି ଅନେକ ପ୍ରଶ୍ନର ଉତ୍ତର ଧାରାବାହିକର ଆଗାମୀ ଅଧ୍ୟାୟରେ ଜଣାପଡ଼ିବ। ■

# ସାକ୍ଷାତକାର



କଥାରେ ଅଛି 'କପାଳ ଲିଖନ କେ କରିବ ଆନ'। ଭାଗ୍ୟରେ ଯାହା ଲେଖାଥାଏ, ତାହାକୁ କେହି ବଦଳାଇ ପାରନ୍ତିନି। ଠିକ୍ ସେହିପରି ପୁରୀ ଜିଲ୍ଲା, ଚାରିଛକ ଜୁଣୁପୁରର ବର୍ଷା ପାତ୍ରଙ୍କୁ ଭାଗ୍ୟ ଅଭିନେତ୍ରୀ ସଜାଇ ଦେଇଛି। ଏକ ରିଆଲିଟି ଶୋ'ରେ ଶ୍ରୀକାନ୍ତ ଗୌତମଙ୍କ ସହ ଭେଟ ହେବା ପରେ ସେ ତାଙ୍କୁ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ଦେଇଥିଲେ। ସେବେଠୁ ବର୍ଷା ପଛକୁ ଫେରି ଚାହିଁ ନାହାନ୍ତି। ଅନେକ ଧାରାବାହିକ, ୱେବ୍ ସିରିଜ୍ ଏବଂ ଓଡ଼ିଆ ସିନେମାରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଛନ୍ତି। ଏବେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ସେ ମାଧବୀ ଚରିତ୍ରରେ ଅଭିନୟ କରୁଛନ୍ତି। ଖଳନାୟିକା ଚରିତ୍ର କରିବାକୁ ସେ କେତେ ସଂଘର୍ଷ କରୁଛନ୍ତି ଜାଣିବା ତାଙ୍କ ମୁହଁରୁ।

**ଅଭିନୟଯାତ୍ରା କେବେଠୁ ଆରମ୍ଭ ହେଲା ?**

● ଅଭିନେତ୍ରୀ ହେବି କି ଏ ଲାଇନ୍‌କୁ ଆସିବି ବୋଲି ଚିନ୍ତା କରିନଥିଲି। ଏକ ରିଆଲିଟି ଶୋ'କୁ ଯାଇଥାଏ। ସେଠାରେ ପ୍ରଶ୍ନର ଉତ୍ତର ଦେଲେ ଉପହାର ମିଳୁଥିଲା। ସେଠି ମୋତେ ଶ୍ରୀକାନ୍ତ ଗୌତମ ଦେଖିଥିଲେ। ତାଙ୍କ ପ୍ରଡକ୍ସନ୍ ହାଉସ୍‌ରେ ମ୍ୟୁଜିକ୍ ଭିଡିଓ କରିବାକୁ ପ୍ରସ୍ତାବ ଦେଲେ। 'ପ୍ରଧାନ ଘରର ବୋହୂ', 'ତୁମେ ଯଦି ମୋର ପାଖେ ଥିବ' ଆଦି ମ୍ୟୁଜିକ୍ ଭିଡିଓ କରିଛି। କଲର୍ସ ଓଡ଼ିଆର 'ଟୁପୁରୁ ଟାପୁରୁ' ମୋର ପ୍ରଥମ ଧାରାବାହିକ। ଏଯାବତ୍ ୮ଟି ଧାରାବାହିକରେ କାମ କରିଲିଣି। 'ଏସିପି ନିକିତା', 'ସିଷ୍ଟର ଶ୍ରୀଦେବୀ', 'ଗଡ଼ବଡ଼', 'ସାବିତ୍ରୀ', 'ତାରିଣୀ ଆଖିର ତାରା', 'ସର୍ବଜିତା ଅନୁ' ଆଉ ଏବେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଖଳନାୟିକା ମାଧବୀ ଭୂମିକାରେ ଅଭିନୟ କରୁଛି। ଗଡ଼ବଡ଼ର 'ଚାରୁଲତା' ଚରିତ୍ର ମୋତେ ମାଇଲେଜ୍ ଦେଇଛି।

**ପ୍ରଥମେ କାମ ଆରମ୍ଭ ସମୟରେ କେତେ ନର୍ଭସ ଥିଲେ ?**

● ନୂଆ ନୂଆ କାମ କରିବା ସମୟରେ ଟିକେ ନର୍ଭସ ଥିଲି। ମୋର ପ୍ରଥମ ନିର୍ଦ୍ଦେଶକ ଥିଲେ ଅଜୟ ସିଂହ। ନୂଆ ପିଲାଙ୍କୁ ଯେମିତି ହାତ ଧରାଇ ବୁଝାନ୍ତି, ସେ ଠିକ୍ ସେମିତି ମୋତେ କାମ ଶିଖାଇଥିଲେ। କେବେ ମୋ ଉପରେ ବିରକ୍ତ ହୋଇ ନ ଥିଲେ। ତା'ଛଡ଼ା ମୁଁ ସିନିୟର୍ କଳାକାରଙ୍କୁ ସ୍କ୍ରିପ୍ଟ ଦେଖାଏ। କେମିତି ଅଭିନୟ କରିବି ବୁଝି କାମ କରେ। ସେହି ଶିଖିବା ମନୋବୃତ୍ତି ମୋତେ ଏଲାଇନ୍‌ରେ ତିଷ୍ଠି ରଖାଇ ପାରିଛି।

**ଖଳନାୟିକା ଭୂମିକାରେ ଅଭିନୟ କରିବାକୁ କାହିଁକି ଭାବିଲେ ?**

● ଆରମ୍ଭରୁ କମିକ୍ ଏବଂ ସକାରାତ୍ମକ ଚରିତ୍ରରେ ଅଭିନୟ କରୁଥିଲି। ତାହା ଏତେ ଦର୍ଶନୀୟ ହୋଇ ପାରିଲାନି। 'ଚାରୁଲତା' ଚରିତ୍ରରେ ଅଭିନୟ କରିବା ପରେ ମୋତେ ଖଳନାୟିକା ଚରିତ୍ର ମିଳିଥିଲା। ହୁଏତ ମୋ ଲୁକ୍ ଖଳନାୟିକା ପାଇଁ ଫିଟ୍। ଏହି ଚରିତ୍ର କରିବାକୁ ସ୍କ୍ରିପ୍ଟକୁ ପଢ଼ି ବୁଝିବାକୁ ହୁଏ। ଖଳନାୟିକାର ପ୍ରତିକ୍ରିୟା ଦେଇ ସଂଳାପ କହିବାକୁ ପଡ଼େ। ଖଳନାୟିକା ଚରିତ୍ରକୁ ଦମ୍‌ଦାର କରିବାକୁ ବିଭିନ୍ନ ଭାଷାର ଧାରାବାହିକର ଖଳନାୟିକାଙ୍କ ଅଭିନୟକୁ ଅନୁସରଣ କରେ। ମୋର ଚରିତ୍ରକୁ ବି ପ୍ରଶଂସକ ଭଲପାଇବା ଦେଉଛନ୍ତି।

**ଧାରାବାହିକରୁ ୱେବ ସିରିଜ୍ ଏବଂ ସିନେମାରେ କାମ କରିଛନ୍ତି?**

● ଧାରାବାହିକରେ କାମ କରିବା ପରେ କିଛିଟା ୱେବ ସିରିଜ୍ (ଏତେ ଭଲ ପାଏ ତତେ)ରେ କାମ କରିଛି। 'ତୁ ମୋ କମ୍‌ଜୋରି', ଫିଲ୍ମରେ କାମ କରିବାକୁ ମୋତେ ସୁଯୋଗ ମିଳିଛି। ଏହି ଫିଲ୍ମଟି ପୂରା ଫ୍ୟାମିଲି ଡ୍ରାମା। ଏଥିରେ ମୁଁ ଖଳନାୟିକା ଚରିତ୍ର କରିଥିଲି। ଚରିତ୍ରଟିକୁ ମୁଁ ଭରପୂର ଏନ୍‌ଜଏ କରିଛି।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

● ସାଜସଜ୍ଜା କରିବାକୁ ଭଲ ଲାଗେ। ସୁଟିଂରୁ ସମୟ ମିଳିଲେ ମୁଁ ମୋ ପରିବାରକୁ ସମୟ ଦିଏ।

**ଡ୍ରିମ୍ ରୋଲ୍ କ'ଣ?**

● ସକାରାତ୍ମକ, ନକାରାତ୍ମକ, କମିକ୍ ଆଦି ଚରିତ୍ରରେ କାମ କରିଛି। ମୁଁ ଚାହେଁ, ଯେଉଁ ଚରିତ୍ର ମିଳୁଛି ତାହାକୁ ମୁଁ ଭଲ କରିପାରିବି।

**କଳା ଦୁନିଆକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଏହି ଲାଇନ୍‌କୁ ନୂଆ କରି ଆସୁଥିଲେ ଗୋଟିଏ କଥା କହିବି, ପ୍ରଥମେ କାମ ଶିଖିବାକୁ ଚାହାଁନ୍ତୁ। ଘରୁ ଭାବିକି ଆସନ୍ତୁ ଏଠାକୁ କାହିଁକି ଆସୁଛନ୍ତି। ଶିଖିବାର ମନୋବୃତ୍ତି ରଖନ୍ତୁ। ଧୈର୍ଯ୍ୟ ରଖି କାମ କରିବା ଦ୍ୱାରା ଜଣେ ଭଲ କଳାକାର ହୋଇପାରିବ। ■

"ଧୈର୍ଯ୍ୟ ରଖି କାମ କଲେ ଜଣେ ଭଲ କଳାକାର ହୋଇପାରିବ"

ବର୍ଷା ପାତ୍ର, ଅଭିନେତ୍ରୀ

## ତୃତୀୟ ଦିନିକିଆ: ଜୟସ୍ୱାଲଙ୍କ ଆଗରେ ଫିକା ପଡ଼ିଲେ ଡି କକ୍

# ଟେଷ୍ଟ ପରାଜୟର ପ୍ରତିଶୋଧ ନେଲା ଭାରତ

ବିଶାଖାପାଟଣା, ୬ ।୧୨ (ଏଜେନ୍ସି):




### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା: ୨୭୦/୧୦, ୪୭.୫ ଓଭର** (ଡି କକ୍- ୧୦୬, ବଭୁମା- ୪୮, ବ୍ରେଭିସ- ୨୯, ବ୍ରିଜକେ- ୨୪, ମାର୍କରାମ- ୧, କୁଲଦୀପ୍- ୪/୪୧, ପ୍ରସିଦ୍ଧ- ୪/୬୬)।

**ଭାରତ: ୨୭୧/୧, ୩୯.୫ ଓଭର** (ଜୟସ୍ୱାଲ- ଅପରାଜିତ ୧୧୬, ରୋହିତ ଶର୍ମା- ୭୫, ବିରାଟ କୋହଲି- ଅପରାଜିତ ୬୫, କେଶବ- ୧/୪୪)।

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶନିବାର ଏଠାରେ ଅନୁଷ୍ଠିତ ଦିନିକିଆ ସିରିଜର ନିର୍ଣ୍ଣାୟକ ୩ୟ ମୁକାବିଲାରେ ଭାରତ ୯ ୱିକେଟ୍‌ରେ ସହଜରେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଭାରତ ୧୭ ରନରେ ଜିତିଥିଲା। କିନ୍ତୁ ଦ୍ୱିତୀୟ ଦିନିକିଆକୁ ଦକ୍ଷିଣ ଆଫ୍ରିକା ୪ ୱିକେଟ୍‌ରେ ବିଜୟୀ ହୋଇ ସିରିଜ ବରାବର୍ କରିଥିଲା। ଶନିବାର ବିଶାଖାପାଟଣାରେ ବିଜୟୀ ହୋଇ ଭାରତ ୨-୧ରେ ସିରିଜ ହାତେଇନେଇଛି। ଫଳରେ ଟେଷ୍ଟ ସିରିଜକୁ ୨-୦ରେ ଲଜ୍ଜାଜନକ ଭାବେ ହାରିଥିବା ଭାରତ ଏବେ ଦିନିକିଆ ସିରିଜ ଜିତି କିଛି ମାତ୍ରାରେ ଆଶ୍ୱସ୍ତି ହୋଇଛି। ଦୁଇ ଦେଶ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଏହାପରେ ଖେଳାଯିବ। କଟକର ବାରବାଟୀ ଷ୍ଟାଡିୟମରେ ସିରିଜର ପ୍ରଥମ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହେବ। ତେଣୁ ଏବେ ବାରବାଟୀ ଉପରେ ସମସ୍ତଙ୍କ ନଜର ରହିଛି।

୨୭୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୩୯.୫ ଓଭରରେ ରୋହିତ ଶର୍ମା ( ୭୩ ବଲରେ ୭୫ ରନ)ଙ୍କ ୱିକେଟ୍ ହରାଇ ଅତି ସହଜରେ ବିଜୟୀ ହୋଇଥିଲା। ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ଦମ୍‌ଦାର ଶତକ ଏବଂ ଦୁଇ ଭେଟେରାନ ଖେଳାଳି ରୋହିତ ଓ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ଭାରତୀୟ ଇନିଂସର ମୁଖ୍ୟ ଆକର୍ଷଣ ରହିଥିଲା। ଦିନିକିଆରେ ପ୍ରଥମ ଶତକ ହାସଲ କରି ଜୟସ୍ୱାଲ ୧୧୬ ରନ କରି ଅପରାଜିତ ରହିଥିଲେ। ୧୨୧ ବଲର ଏହି ପାଳିରେ ସେ ୧୨ଟି ଚୌକା ଓ ୨ଟି ଛକା ମାରିଥିଲେ। ପ୍ରଥମ ଦୁଇଟି ମ୍ୟାଚରେ ଶତକ ହାସଲ କରିଥିବା କୋହଲି ଆଜି ମଧ୍ୟ ୬ ଚୌକା ଓ ୩ ଛକା ବଳରେ ୪୫ ବଲରେ ୬୫ ରନ କରି ଅପରାଜିତ ରହିଥିଲେ। ପ୍ରଥମ ୱିକେଟ୍‌ରେ ରୋହିତ୍ ଓ ଜୟସ୍ୱାଲ ୧୫୫ ରନ ସଂଗ୍ରହ କରି ବିଜୟ ପଥ ପରିଷ୍କାର କରିଥିଲେ। ଦିନିକିଆ କ୍ରିକେଟ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୧୦ମଥର ଲାଗି ଓପନିଂ ୱିକେଟ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ିଛି। ସେହିଭଳି କୋହଲି, ରୋହିତ୍, ଶୁବମନ ଗିଲ୍, ଲୋକେଶ ରାହୁଲ ଓ ସୁରେଶ ରାଇନାଙ୍କ ପରେ ୬ଷ୍ଠ ଭାରତୀୟ ଭାବେ ଜୟସ୍ୱାଲ ଅର୍ନ୍ତଜାତୀୟ କ୍ରିକେଟ୍‌ରେ ସମସ୍ତ ଫର୍ମାଟ୍‌ରେ ଶତକ ହାସଲ କରିଛନ୍ତି।

### ୱିକେଟକିପର ଭାବେ ମିଳିତ ସର୍ବାଧିକ ଶତକ

ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଆଫ୍ରିକା ଦଳ ପ୍ରଥମ ଓଭରରେ ର୍‌ୟାନ ରିକେଲଟନ (୦)ଙ୍କ ୱିକେଟ୍ ହରାଇଥିଲା। ୱିକେଟକିପର ରାହୁଲଙ୍କ ହାତରେ କ୍ୟାଚ୍ କରାଇ ଅର୍ଶଦୀପ୍ ସିଂହ ଭାରତକୁ ଏହି ପ୍ରାରମ୍ଭିକ ସଫଳତା ଦେଇଥିଲେ। ଏହାପରେ ଅଧିନାୟକ ତେମ୍ବା ବଭୁମା ଅନ୍ୟତମ ଓପନର୍ କ୍ୱିଣ୍ଟନ ଡି କକ୍‌ଙ୍କ ସହ ମିଶି ୧୧୩ ରନର ଶତକୀୟ ଭାଗୀଦାରି ଗଢ଼ିବା ସହ ସ୍ଥିତି ସମ୍ଭାଳିଥିଲେ। ତେବେ ୪୮ ରନ କରିଥିବାବେଳେ ବଭୁମାଙ୍କୁ ଆଉଟ୍ କରି ରବୀନ୍ଦ୍ର ଜାଡେଜା ଏହି ଯୋଡ଼ି ଭାଙ୍ଗିଥିଲେ। ପରବର୍ତ୍ତୀ ବ୍ୟାଟର୍‌ମାନେ ବିଫଳ ହୋଇଥିଲେ ମଧ୍ୟ ଗୋଟିଏ ପାଶ୍ୱର୍ରେ ଡି କକ୍ ଦୃଢ଼ତାର ସହ ବ୍ୟାଟିଂ କରି ଶତକ ହାସଲ କରିଥିଲେ। ସେ ଏଠାରେ ୨୩ତମ ଦିନିକିଆ ଶତକ ହାସଲ କରି ୧୦୬ ରନରେ ଆଉଟ୍ ହୋଇଥିଲେ। ୮୯ଟି ବଲ୍ ଖେଳିଥିବା ଡି କକ୍ ୮ଟି ଚୌକା ଓ ୬ଟି ଛକା ମାରିଥିଲେ। ଦିନିକିଆରେ ୱିକେଟ୍‌କିପର ଭାବେ ସର୍ବାଧିକ ଶତକ ମାରିବାରେ ସେ ଶ୍ରୀଲଙ୍କାର କୁମାର ସାଙ୍ଗାକରା (୨୩ଟି)ଙ୍କ ସହ ଯୁଗ୍ମ ଭାବେ ଶୀର୍ଷରେ ରହିଛନ୍ତି। ଡି କକ୍ ଆଉଟ୍ ପରେ ପରବର୍ତ୍ତୀ ବ୍ୟାଟର୍ ଆଖିଦୃଶିଆ ପ୍ରଦର୍ଶନ କରି ନ ପାରିବାରୁ ଦକ୍ଷିଣ ଆଫ୍ରିକା ୪୭.୫ ଓଭରରରେ ୨୭୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେୱାଲ୍ଡ ବ୍ରେଭିସ ୨୯, ମାଥ୍ୟୁ ବ୍ରିଜକେ ୨୪, କେଶବ ଅପରାଜିତ ୨୦ ଓ ମାର୍କୋ ଜାନସେନ ୧୭ ରନ କରିଥିଲେ। ବୋଲିଂରେ ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବ ୪ଟି ଲେଖାଏ ୱିକେଟ୍ ପାଇଥିଲେ।

## ୨୦ଟି ମ୍ୟାଚ୍ ପରେ ଟସ୍ ଜିତିଲା ଭାରତ

ବିଶାଖାପାଟଣା, ୬।୧୨ (ଏଜେନ୍ସି): କ୍ରମାଗତ ୨୦ଟି ମ୍ୟାଚ୍‌ରେ ଟସ୍ ହାରିବା ପରେ ଭାରତ ଦିନିକିଆ କ୍ରିକେଟ ଫର୍ମାଟରେ ଏଠାରେ ଆଜି ଟସ୍ ଜିତିବାରେ ସମର୍ଥ ହୋଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଶେଷ ଦିନିକିଆରେ ଭାରତୀୟ ଅଧିନାୟକ ଲୋକେଶ ରାହୁଲ ଏହି ଟସ୍ ଜିତିଥିଲେ। ୨୦୨୩ ବିଶ୍ୱକପ୍ ଫାଇନାଲ ପରେ ଭାରତୀୟ ଦଳର ୩ ଜଣ ନେତୃତ୍ୱ ନେଇଥିଲେ ମଧ୍ୟ କେହି ଟସ୍ ଜିତିପାରି ନ ଥିଲେ। ଅନ୍ୟ ଦୁଇ ଦୁର୍ଭାଗ୍ୟଶାଳୀ ଅଧିନାୟକ ହେଲେ ରୋହିତ ଶର୍ମା ଓ ଶୁବମନ ଗିଲ୍। ଏଠାରେ ରାହୁଲ ବାମ ହାତରେ କଏନ୍ ପକାଇଥିଲେ।

## ୨୦,୦୦୦ ରନ୍ କ୍ଲବ୍‌ରେ ରୋହିତ

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ୨୦,୦୦୦ ଅନ୍ତର୍ଜାତୀୟ ରନ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୧୪ତମ ଓଭରରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଏହା ଫଳରେ ସେ ଭାରତର ଅନ୍ୟ କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକର (୩୪,୩୫୭), ବିରାଟ କୋହଲି (୨୭,୯୧୦) ଓ ରାହୁଲ ଦ୍ରାବିଡ୍ (୨୪,୨୦୮) ରହିଛନ୍ତି।

## କୁମ୍ବଲେଙ୍କୁ ଟପିଲେ କୁଲଦୀପ୍

ଏହି ମ୍ୟାଚ୍‌ରେ ଭାରତର କୁଲଦୀପ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଏହା ଫଳରେ ଦିନିକିଆ କ୍ରିକେଟରେ ସେ ସର୍ବାଧିକ ୧୧ଥର ଲାଗି ଦିନିକିଆ କ୍ରିକେଟରେ ୪ ୱିକେଟ ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ଅନିଲ କୁମ୍ବଲେ ଓ ଜାଭାଗଲ ଶ୍ରୀନାଥ ୧୦ଥର ଲେଖାଏଁ ଏହି ସଫଳତା ପାଇଥିଲେ।

**ଭାରତ ବିପକ୍ଷରେ ସପ୍ତମ ଶତକ:** ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓପନର କ୍ୱିଣ୍ଟନ ଡି କକ୍ ୮୦ ବଲ୍‌ରେ ୮ ଚୌକା ଓ ୬ ଛକା ସହ ଦିନିକିଆରେ ୨୩ତମ ଶତକ ହାସଲ କରିଛନ୍ତି। ଭାରତ ବିପକ୍ଷରେ ଏହା ତାଙ୍କର ୨୩ତମ ଇନିଂସରେ ୭ମ ଶତକ। ପୂର୍ବରୁ ୮୫ଟି ଇନିଂସରେ କୁମାର ସାଙ୍ଗକାରା ୭ଟି ଶତକ ପୂରଣ କରିଥିଲେ।

## ଗିଲ୍ ଫିଟ୍, ଖେଳିବେ ଟି-୨୦

ବେଙ୍ଗାଲୁରୁ, ୬।୧୨ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଫିଟ ଘୋଷିତ କରାଯାଇଛି। ଏହା ଫଳରେ ସେ କଟକରେ ମଙ୍ଗଳବାର ବା ଡିସେମ୍ବର ୯ରୁ ଆରମ୍ଭ ହେବାକୁ ଥିବା ଟି-୨୦ ସିରିଜ୍‌ରେ ଖେଳିବେ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ଏହି ଦଳର ନେତୃତ୍ୱ ସୂର୍ଯ୍ୟକୁମାର ଯାଦବ ନେଉଥିଲାବେଳେ ଗିଲ୍ ଉପଅଧିନାୟକ ରହିଛନ୍ତି। କୋଲକାତାରେ ଦକ୍ଷିଣ ଆଫ୍ରିକା ସହ ପ୍ରଥମ ଟେଷ୍ଟ ଖେଳୁଥିଲାବେଳେ ଗିଲଙ୍କ ବେକରେ ଆଘାତ ଲାଗିଥିଲା। ଫଳରେ ସେ ଟେଷ୍ଟରେ ୪ଟି ବଲ୍ ଖେଳିଥିଲେ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ। ଏବେ ସେ କଟକରେ ଦଳ ସହ ଯୋଗଦେବେ।






■ ବାରବାଟୀ ଲଢ଼େଇ

## ଭୁବନେଶ୍ୱରରେ ପାଣ୍ଡ୍ୟା; ଆଜି ଆସିବେ ଉଭୟ ଦଳ

ଭୁବନେଶ୍ୱର, ୬ ।୧୨ (ସମିସ): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ ଶନିବାର ବିଶାଖାପାଟଣାରେ ଶେଷ ହୋଇଛି। ଏବେ ଦୁଇ ଦଳ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ। ସିରିଜର ପ୍ରଥମ ମ୍ୟାଚ୍ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳାଳି ରବିବାର ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି। ଅପରାହ୍ଣ ୩ଟା ୩୦ ମିନିଟରେ ଦୁଇ ଦଳର ଖେଳାଳି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆସି ଓହ୍ଲାଇବେ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ବିମାନବନ୍ଦରରୁ ଖେଳାଳି ସିଧାସଳଖ ଟିମ୍ ହୋଟେଲକୁ ଯିବେ ବୋଲି ଜଣାପଡ଼ିଛି। ଏଥିପୂର୍ବରୁ ଦିନିକିଆ ସିରିଜରେ ଖେଳୁ ନ ଥିବା ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଶୁକ୍ରବାର ଓ ଭାରତର ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଶନିବାର ରାତି ୯ଟାରେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ଏହି ମହାମୁକାବିଲା ଲାଗି ଟୁଇନ୍ ସିଟିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

### ସୟଦ ମୁସ୍ତାକ ଅଲି ଟ୍ରଫି

# ଓଡ଼ିଶାର ହ୍ୟାଟ୍ରିକ ବିଜୟ

ଭୁବନେଶ୍ୱର, ୬ ।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟ୍ରଫିରେ ଓଡ଼ିଶା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ୩ଟି ମ୍ୟାଚରେ ହାରି ସମାଲୋଚନାର ଶିକାର ହୋଇଥିବା ବିପ୍ଳବ ସାମନ୍ତରାୟଙ୍କ ଦଳ ଏବେ ହ୍ୟାଟ୍ରିକ ବିଜୟୀ ହୋଇଛି। ଶନିବାର ଲକ୍ଷ୍ନୌରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୭୩ ରନରେ ଆସାମକୁ ପରାସ୍ତ ହରାଇଦେଇଛି। ବିପ୍ଳବଙ୍କ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ ଓ ଆଶୀର୍ବାଦ ସ୍ୱାଇଁଙ୍କ ଦ୍ରୁତ ଅର୍ଦ୍ଧଶତକ ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା।


ଆଶୀର୍ବାଦ ସ୍ୱାଇଁ

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୪ ୱିକେଟ ହରାଇ ୧୭୧ ରନ କରିଥିଲା। ଫର୍ମରେ ଥିବା ଅଧିନାୟକ ବିପ୍ଳବ ୩ ଚୌକା ଓ ୨ ଛକା ବଳରେ ୩୨ ବଲରୁ ୪୩ ରନ କରି ଅପରାଜିତ ରହିଥିଲେ। ସେହିଭଳି ୱିକେଟ୍‌କିପର ଆଶୀର୍ବାଦ ୨୮ଟି ବଲ୍‌ରେ ଅପରାଜିତ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଯେଉଁଥିରେ ୩ଟି ଲେଖାଏ ଚୌକା ଓ ଛକା ସାମିଲ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦାର୍ପଣକାରୀ ଅନିଲ ପରିଡ଼ା ୧୫, ଆଦିତ୍ୟ ରାଉତ ୨୧, ଗୌରବ ଚୌଧୁରୀ ୧୨ ଓ ସୌମ୍ୟରଞ୍ଜନ ଲେଙ୍କା ୧୬ ରନ କରିଥିଲେ। ଜବାବରେ ର୍‌ୟାନ ପରାଗଙ୍କ ନେତୃତ୍ୱାଧୀନ ଆସାମ ୧୬ ଓଭରରେ ୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁମିତ ଘଡ଼ିଗାଁଓକାର (୪୩ ରନ) ଓ ଅଧିନାୟକ ରିୟାନ (୧୪)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ଛୁଇଁପାରି ନ ଥିଲେ। ଓଡ଼ିଶା ପକ୍ଷରୁ ବିପ୍ଳବ ୩ଟି ଓ ବାଦଲ ବିଶ୍ୱାଳ ୨ଟି ୱିକେଟ୍ ନେଇଥିଲେ। ଆଶୀର୍ବାଦ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ୬ଟି ମ୍ୟାଚରୁ ୧୨ ପଏଣ୍ଟ ପାଇ ଓଡ଼ିଶା ଏବେ ୪ର୍ଥ ସ୍ଥାନକୁ ଉଠିଛି। ଓଡ଼ିଶା ଏହାର ଶେଷ ମ୍ୟାଚରେ ସୋମବାର ମୁମ୍ବଇକୁ ଭେଟିବ।

### ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

# ଓଡ଼ିଶାର ତନ୍‌ଭୀ ପତ୍ରୀଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୬।୧୨ (ସମିସ): ଓଡ଼ିଶାର ନଂ-୧ ଖେଳାଳି ତନ୍‌ଭୀ ପତ୍ରୀ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଉଭୟ ବାଳିକା ବିଭାଗ ଏକକ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଆଜି ଅନୁଷ୍ଠିତ ୧୫ ବର୍ଷରୁ କମ୍ ଫାଇନାଲରେ ସେ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦଙ୍କୁ ୨୧-୯-୨୧-୧୩ରେ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଥିଲେ। ଏହା ପରେ ଖେଳାଯାଇଥିବା ୧୭ ବର୍ଷରୁ କମ୍ ବିଭାଗ ଫାଇନାଲରେ ସେ ତାମିଲନାଡ଼ୁର ଦୀକ୍ଷା ଏସ୍‌ଆର୍‌ଙ୍କୁ ୨୦-୨୨, ୨୧-୧୭, ୨୨-୨୦ରେ ହରାଇ ଦ୍ୱିତୀୟ ଏକକ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। କିନ୍ତୁ୧୫ ବର୍ଷରୁ କମ୍ ବାଳିକା ଯୁଗଳରେ ଓଡ଼ିଶାର ସ୍ୱାତୀ-ନିମିଶାଙ୍କୁ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଫାଇନାଲରେ ଏମାନେ ମହାରାଷ୍ଟ୍ରର ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କଠାରୁ




ହାରିଯାଇଥିଲେ। ଅନ୍ୟ କାଟାଗୋରୀ ମଧ୍ୟରୁ ୧୫ ବର୍ଷରୁ କମ୍ ବାଳକ ଏକକରେ କର୍ଣ୍ଣାଟକର ପୁଷ୍କର, ୧୭ ବର୍ଷରୁ କମ୍ ବାଳକ ଏକକରେ ଟପ୍ ସିଡ ଜଗସେର ସିଂହ ଟାଇଟଲ ବିଜୟୀ ହୋଇଛନ୍ତି।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ଓ ଯୁବସେବା ପ୍ରମୁଖ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଆୟୋଜକ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଲୀନ କୁମାର, ଶିଳ୍ପ ନିର୍ଦ୍ଦେଶକ ଆବୋଲି ସୁନିଲ ନର୍ବାଣେ, ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ଖେଖର ବିଶ୍ୱାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୋଟ ୪୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟ ସଂଘ ପକ୍ଷରୁ ଚାମ୍ପିଅନ ତନ୍‌ଭୀ ପତ୍ରୀଙ୍କୁ ୫ ଲକ୍ଷ ଓ ଯୁଗଳ ରନର୍ସ ଅପ୍ ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କୁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

## ଫିଫା ବିଶ୍ୱକପ୍ ୨୦୨୬: ଗ୍ରୁପ୍-ଜେ'ରେ ଆର୍ଜେଣ୍ଟିନା

ୱାଶିଂଟନ ଡିସି, ୬।୧୨ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆସନ୍ତାବର୍ଷ ଜୁନ ୧୧ରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଆମେରିକା, କାନାଡା ଓ ମେକ୍ସିକୋରେ ମିଳିତ ଭାବେ ଆୟୋଜିତ ହେବ। ଏଥିଲାଗି ଡ୍ର ଉଠାଣ କାର୍ଯ୍ୟକ୍ରମ ସ୍ଥାନୀୟ କେନେଡି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୮ଟି ଟିମ୍‌କୁ ୧୨ଟି ଗ୍ରୁପ୍‌ରେ ରଖାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଗ୍ରୁପ୍-ଜେ'ରେ ରହିଛି। ଏହି ଗ୍ରୁପ୍‌ରେ ଆର୍ଜେଣ୍ଟିନା ସହ ଆଲ୍‌ଜେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନ ସ୍ଥାନ ପାଇଛି। ସେହିଭଳି ଗତ ସଂସ୍କରଣ ରନର୍ସଅପ୍ ଫ୍ରାନ୍ସ ଗ୍ରୁପ୍-ଆଇ'ରେ ସେନେଗାଲ୍, ନରୱେ ଓ ପ୍ଲେ ଅଫ୍-୨'ର ବିଜେତା ସହ ରହିଛି। ସର୍ବାଧିକ ୫ଥରର ବିଜେତା ବ୍ରାଜିଲ, ମରକ୍କୋ, ହାଇତି ଓ ସ୍କଟଲାଣ୍ଡ ଗ୍ରୁପ୍-ସି'ରେ ସ୍ଥାନ ପାଇଛନ୍ତି। ୧.୫୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କାରବୀୟାନ ଦୀପରାଷ୍ଟ୍ର କୁରାକାଓ ଗ୍ରୁପ୍-ଇ'ରେ ଜର୍ମାନୀ, ଆଇଭରି କୋଷ୍ଟ ଓ ଇକ୍ୱେଡର ସହ ରହିଛି। ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ୪୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୪୨ଟି ଟିମ୍ ଯୋଗ୍ୟତା ଲାଭ କରିଛନ୍ତି।

# ସତ୍ୟବ୍ରତ ସ୍ମାରକୀ ଫୁଟବଲ ୧୧ରୁ

### ଚାମ୍ପିଅନଙ୍କୁ ୨ଲକ୍ଷ, ରନର୍ସଅପ୍‌ଙ୍କୁ ୧ ଲକ୍ଷ ଟଙ୍କା ଓ ଟ୍ରଫି




ଭୁବନେଶ୍ୱର, ୬।୧୨ (ସମିସ):

ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭୁବନେଶ୍ୱରର କ୍ଲବ୍-୭୩ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୧ରୁ ୧୪ ତାରିଖଯାଏ ଅନୁଷ୍ଠିତ ହେବ। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ୮ଟି ଦଳକୁ ନେଇ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨ ଲକ୍ଷ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆୟୋଜକ କ୍ଲବ୍‌ର ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ଏହା ବ୍ୟତୀତ ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ୨୫,୦୦୦ ଲେଖାଏଁ, କ୍ୱାର୍ଟର ଫାଇନାଲରେ ପରାଜିତ ଦଳକୁ ୧୦,୦୦୦ ଲେଖାଏଁ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ପ୍ରଥମଥର ଲାଗି ଚାମ୍ପିଅନ ଦଳର କୋଚ୍‌ଙ୍କୁ ୧୦,୦୦୦ ଟଙ୍କା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟଙ୍କୁ ୨୦,୦୦୦ ଓ ମ୍ୟାନ୍ ଅଫ୍ ଦି ଫାଇନାଲଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ। ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ୟୁନିଟ-୬ ଆଥଲେଟିକ ଆସୋସିଏସନ, ରନର୍ସ ଅପ୍ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍, କଟକର ସନ୍‌ରାଇଜ୍ କ୍ଲବ୍, ଫାଓ ଏକାଦଶ ଓ ମଙ୍ଗଳା କ୍ଲବ୍, ଭୁବନେଶ୍ୱରର କିଶୋର କ୍ଲବ୍, ଝାରସୁଗୁଡା ଏକାଦଶ, ସମ୍ବଲପୁର ଫୁଟବଲ ଏକାଡେମୀ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟଟି ଦିବାରାତ୍ରରେ ଖେଳାଯିବ। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରାୟୋଜକ ୟୁନିଲାଇଟ୍‌ର ଭାଇସ ପ୍ରେସିଡେଣ୍ଟ ସତ୍ୟନାରାୟଣ ନନ୍ଦ, ସମ୍ପାଦକ ସୁବ୍ରତ ପଟ୍ଟନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ ଯୁଗ୍ମ ସମ୍ପାଦକ ଦେବବ୍ରତ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS